# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଡିସେମ୍ବର ୨/୨୦୧୮ (୧୬ ପୃଷ୍ଠା) Berhampur, Sunday, December 2/ 2018 (ଛୁଟିଦିନ ସହ) ★★★

୧୪ ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ବିବାହ ବନ୍ଧନରେ ପ୍ରିୟଙ୍କା

ଯୋଧପୁରସ୍ଥିତ ଉମେଦ ଭବନ ରାଜପ୍ରାସାଦରେ ଶନିବାର ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ଶୁଭ ପରିଣୟ ହୋଇଛି।

୦୨

୧୪

## ହର୍ଜବର୍ଗରଙ୍କ ହ୍ୟାଟ୍ରିକ୍

ନେଦରଲାଣ୍ଡର ଜେରନ ହର୍ଜବର୍ଗର ମାଲେସିଆ ବିପକ୍ଷ ମ୍ୟାଚରେ ଚଳିତ ହକି ବିଶ୍ୱକପ୍‌ର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।








## ବୁଶ୍‌ଙ୍କ ପରଲୋକ



**ହ୍ୟୁଷ୍ଟନ,୧।୧୨(ପି.ଟି.)**

ଆମେରିକାର ୪୧ତମ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ.ବୁଶ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସ୍ତ୍ରୀ ବାର୍ବରା ବୁଶ୍‌ଙ୍କ ମୃତ୍ୟୁର ୮ ମାସ ପରେ ତାଙ୍କର ପରଲୋକ ଘଟିଛି। ଶୀତଳ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ☞ପୃଷ୍ଠା-୪

# ଗହୀରକୁ ଲମ୍ବିଛି ଚେର

**ଢେଙ୍କାନାଳ ଅଫିସ, ୧।୧୨**

ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ଆସିବା ପରେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ଚାଲିଥିବା ଅନୈତିକ କାର୍ଯ୍ୟର ଗୁମର ଫିଟୁଛି। ସଂସ୍ଥାର କଳାକାରନାମାର ଚେର ଗହୀରକୁ ଲମ୍ବିଛି। କେବଳ ଢେଙ୍କାନାଳ ନୁହେଁ, କନ୍ଧମାଳ, ବାଲେଶ୍ୱର, ନବରଙ୍ଗପୁର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ସଂସ୍ଥା ଶାଖାରେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ରହିଛନ୍ତି ଅନ୍ତେବାସୀ। ଅଣତାଲିମପ୍ରାପ୍ତ କାମଚଳା କର୍ମଚାରୀଙ୍କ ଦାୟିତ୍ୱରେ ଛାଡ଼ି ଦିଆଯାଇଛି କୋମଳମତି ଶିଶୁଙ୍କ ଭାଗ୍ୟ ଓ ଭବିଷ୍ୟତ। ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଖୋଳତାଡ଼ ପରେ ଏପରି ସାଂଘାତିକ ତଥ୍ୟ ପଦାକୁ ଆସିଛି। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉଲ୍ଲଂଘନ କରି

### ଶେଲ୍‌ଟର ହୋମ୍‌ରେ ଯୌନଶୋଷଣ ମାମଲା



- ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ୨ ଅଟକ
- ୩ ଛାତ୍ରୀଙ୍କ ବୟାନ ରେକର୍ଡ
- ପ୍ରଶାସନ ନେଲା ଅନ୍ତେବାସୀଙ୍କ ଦାୟିତ୍ୱ
- ବେଲଟିକିରିରେ ଉତ୍ତେଜନାପୂର୍ଣ୍ଣ ବାତାବରଣ

ବେଆଇନ ଭାବେ ଶାଖା ଅନୁଷ୍ଠାନଗୁଡ଼ିକ ଚାଲିଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଅପରପକ୍ଷେ ଶେଲ୍‌ଟର ହୋମ୍‌ରେ ଯୌନଶୋଷଣ ଅଭିଯୋଗ ଆସିବା ପରେ ଶିଶୁ ସୁରକ୍ଷା ବିଭାଗର ଚେତା ପଶିଛି। ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ଅନ୍ତେବାସୀଙ୍କ ସୁରକ୍ଷା ଏବଂ ପାଠପଢ଼ା ଦାୟିତ୍ୱ ହାତକୁ ନେଇଛି ପ୍ରଶାସନ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ଅଭିଯୋଗକ୍ରମେ ନଂ. ୫୩୭/୧୮ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିବାବେଳେ ଶନିବାର ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକଙ୍କ ସମେତ ୨ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ତେବେ ଅଟକ ଥିବା ଦ୍ୱିତୀୟ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ କୌଣସି ତଥ୍ୟ ଦେଉନାହିଁ। ଅନୁଷ୍ଠାନର ମୁଖ୍ୟଙ୍କୁ ପୋଲିସ ହେପାଜତରେ ନିଆଯାଇଥିବା ମଧ୍ୟ କୁହାଯାଉଛି। ସେହିପରି ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ୧୬୪ ଧାରା ଅନୁଯାୟୀ ଅଦାଲତରେ ରେକର୍ଡ କରାଯାଇଛି ୩ ଅଭିଯୋଗକାରୀ ଅନ୍ତେବାସୀଙ୍କ ବୟାନ।

ସେପଟେ ଅନୁଷ୍ଠାନରେ ଚାଲିଥିବା ବେଆଇନ କାର୍ଯ୍ୟକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଅସହାୟ ନାବାଳିକାଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି ସକାଳେ ଶତାଧିକ ଲୋକ ଅନୁଷ୍ଠାନ ସମ୍ମୁଖରେ ଟାୟାରଜାଳି ☞ପୃଷ୍ଠା-୪

**ଶେଲ୍‌ଟର ହୋମ୍‌ର ୨୦ ଶାଖା ବନ୍ଦ ନିର୍ଦ୍ଦେଶ** (ପୃଷ୍ଠା-୩)

### ଚିଠି ଲେଖିଥିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ 'ଧରିତ୍ରୀ' ଖୋଳତାଡ଼କୁ ସାବଧାନ



ସୀମାଞ୍ଚଳ ନାୟକଙ୍କ ନାମରେ ଇ-ମେଲ୍।

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରିସ୍ଥିତ 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ କିଛି ଠିକ୍ ଚାଲିନାହିଁ। ଏହାକୁ ପ୍ରଥମେ ଧରିଥିଲା 'ଧରିତ୍ରୀ'। ରେମୁଣା ବ୍ଲକ ସରସ୍ୱତୀପୁର ଗ୍ରାମରେ ଥିବା ଶିଶୁଗୃହ ☞ପୃଷ୍ଠା-୪

### ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ଶନିବାର**

ପ୍ରଥମ ମ୍ୟାଚ

ନେଦରଲାଣ୍ଡ-୭
ମାଲେସିଆ-୦

ଦ୍ୱିତୀୟ ମ୍ୟାଚ

ଜର୍ମାନୀ-୧
ପାକିସ୍ତାନ-୦

### ଆଜିର ସମ୍ପାଦକୀୟ

**ନିରର୍ଥକ ପ୍ରସ୍ତାବ**

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ଦେଶର ୪ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ (ପିସିପିଆଇଆର୍)ରେ ବର୍ତ୍ତମାନ ସୁଦ୍ଧା ୧.୮୩ ଲକ୍ଷ କୋଟି ନିବେଶ ହୋଇଥିବା ବେଳେ ୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

-ରସାୟନ ଏବଂ ସାର ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE 01.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 75 | 126 | 136 |
| ANG | 75 | 126 | 136 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


# ଘୋଷଣାକୁ ଅପେକ୍ଷା

**ଚିଦାନନ୍ଦ ଜେନା**
**ଭୁବନେଶ୍ୱର,୧।୧୨**

ଭାଜପାରୁ ଦୁଇ ବରିଷ୍ଠ ନେତା ଦିଲୀପ ରାୟ ଓ ବିଜୟ ମହାପାତ୍ର ଇସ୍ତଫା ଦେଇସାରିଛନ୍ତି। ସେମାନଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ କ'ଣ ରହିବ, ତାହା ଉଭୟେ ସ୍ପଷ୍ଟ କରିନାହାନ୍ତି। ହେଲେ ଦୁଇ ଦୁଙ୍ଗନେତାଙ୍କ ଇସ୍ତଫା ପରେ ଭାଜପା ତତ୍‌କ୍ଷଣାତ୍ ପ୍ରତିକ୍ରିୟା ପ୍ରକାଶ କରିଥିଲା। ବିଜୟ ମହାପାତ୍ର ନିଜସ୍ୱ ଗୋଷ୍ଠୀ କରିବାରେ ବିଫଳ ହେବାରୁ ଦଳରେ ନିଜକୁ ଖାପଖୁଆଇ ପାରି ନ ଥିବା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରି କୁହାଗଲା। ଦଳର କନିଷ୍ଠ ନେତାଙ୍କ ମାଧ୍ୟମରେ ଉଭୟ ଦିଲୀପ ଏବଂ ବିଜୟଙ୍କୁ କଡା ସମାଲୋଚନା କରାଗଲା। ଏହାର ଦିନକ ପରେ ଅର୍ଥାତ୍ ଶନିବାର ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ବିଜୟବାବୁ ଏବଂ ଦିଲୀପ ରାୟଙ୍କୁ ଦଳରେ ଅବହେଳା କରାଯାଇନାହିଁ। ସେମାନେ କୌଣସି ବ୍ୟକ୍ତି ଉପରେ ରାଗି ଥାଇପାରନ୍ତି, ଦଳ ଉପରେ ନୁହେଁ। ଏତେବର୍ଷ ଦଳରେ ରହିବା ପରେ



ବିଜୟ ମହାପାତ୍ର



ଦିଲୀପ ରାୟ

ଉଭୟେ ଅନୁଭବ କରିଥିବେ ଯେ, ଭାଜପା ବ୍ୟକ୍ତିକୈନ୍ଦ୍ରିକ ନୁହେଁ। ଭାଜପା ସମସ୍ତଙ୍କୁ ନେଇ ଚାଲିଥାଏ। କାହାର ଯିବା ଦ୍ୱାରା ଦଳର କୌଣସି ଲସ୍ ହେବ ନାହିଁ, ବରଂ ପ୍ଲସ ହେବ ବୋଲି ବସନ୍ତ କହିଛନ୍ତି। ଅବଶ୍ୟ କାହାର ଲସ୍ କିମ୍ବା ପ୍ଲସ୍ ହେବ, ତାହା ସମୟ ଆସିଲେ ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। କେତେକ ସମୀକ୍ଷକ କହିଛନ୍ତି ଯେ, ରାଜନୀତିରେ କେହି କାହାର ସ୍ଥାୟୀ ଶତ୍ରୁ ତଥା ମିତ୍ର ନୁହନ୍ତି। ଯଦି ରାଜ୍ୟ ନେତୃତ୍ୱକୁ ବିଶ୍ୱାସକୁ ନେଇ କେନ୍ଦ୍ରୀୟ ଭାଜପା ନେତୃତ୍ୱ ବିଜୟ, ଦିଲୀପଙ୍କୁ ଉପଯୋଗ କରିଥାଆନ୍ତା, ତେବେ ରାଜ୍ୟ ରାଜନୀତିରେ ଭିନ୍ନ ସମୀକରଣ ସୃଷ୍ଟି ହୋଇପାରିଥାଆନ୍ତା। ହେଲେ ୨୦୧୫ ପରେ ଭାଜପା ଉକ୍ତ ସୁଯୋଗ ହାତଛଡା କରିସାରିଛି। ଭାଜପା ପଞ୍ଚାୟତ ନିର୍ବାଚନରେ ପାଇଥିବା ସବୁ ସଫଳତା ବିଜେପୁର ଉପନିର୍ବାଚନରେ ଧୂଳିସାତ୍ ହୋଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସ୍ୱୀକୃତି ବିନା ଭାଜପାରେ ତିଷ୍ଠିରହିବା ସମ୍ଭବ ନୁହେଁ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାରିତ ହୋଇଛି।

ବିଜୟ ଓ ଦିଲୀପ ଖୁବ୍‌ଶୀଘ୍ର ବିଜେଡିକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି। ହେଲେ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା ବିଜେଡି କିମ୍ବା ବିଜୟ,ଦିଲୀପଙ୍କ ପକ୍ଷରୁ କରାଯାଇନାହିଁ। ବିଜୟଙ୍କ ନିକଟତମ ମହଲର କେତେଜଣ ବ୍ୟକ୍ତିଙ୍କ କହିବାନୁଯାୟୀ ତାଙ୍କର ସମସ୍ତ ସମର୍ଥକ ମୁଖ୍ୟତଃ ଜନତା ଦଳର କର୍ମକର୍ତ୍ତା। ଅଣକଂଗ୍ରେସ ରାଜନୀତିରେ ବିଶ୍ୱାସ ରଖୁଥିବା ବିଜୟ ନିଜ ସାଙ୍ଗରେ ନିର୍ଦ୍ଦିଷ୍ଟ ସମର୍ଥକଙ୍କୁ ରଖିବାରେ ସଫଳ ହୋଇଛନ୍ତି। ଉକ୍ତ ସମର୍ଥକମାନେ ବିଜୟ ଏବଂ ଦିଲୀପ ବିଜେଡି ପ୍ରତ୍ୟାବର୍ତ୍ତନ ☞ପୃଷ୍ଠା-୪







## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍‌ଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ଅସ୍ଥାୟୀ ଅନୁମତି ପତ୍ର ପ୍ରାପ୍ତି ନିମନ୍ତେ ଦରଖାସ୍ତକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୩୪୭ରୁ ୩୬୭ ଦରଖାସ୍ତ ଗୁଡିକୁ ୦୩.୧୨.୨୦୧୮ ତାରିଖ ଦିନ ଶୁଣାଣୀ କରି ବିଚାର କରାଯିବ ଯାହାକି ପରିବହନ ବିଭାଗର website ରେ ପୂର୍ବରୁ ପ୍ରକାଶିତ ହୋଇଅଛି ।

ଏତଦ୍‌ବ୍ୟତିତ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦରଖାସ୍ତ କ୍ରମିକ ସଂଖ୍ୟା ୨୪୧ରୁ ୩୦୦ ଗୁଡିକ ମଧ୍ୟ ଉକ୍ତଦିନ ବିଚାର କରିଯିବ । ସମ୍ପୃକ୍ତ ଦରଖାସ୍ତକାରୀ ଏବଂ ଆପତିକାରୀମାନେ ଉକ୍ତ ଦିନ ହାଜର ହୋଇ ପକ୍ଷ ରଖି ପାରିବେ ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ,
ଓଡିଶା, କଟକ


# ବଙ୍ଗୀୟ ନାବାଳିକାଙ୍କୁ ଗଣବଳାତ୍କାର

- ଅଭିଯୋଗ ଆଣି ବାରମ୍ବାର ମତ ବଦଳାଉଛନ୍ତି ପୀଡିତା
- ନିଜ ଆଡୁ ମାମଲା ରୁଜୁ କଲା ପୋଲିସ

**ଭୋଗରାଇ, ୧।୧୨(ଡି.ଏନ.ଏ.)**

ପଶ୍ଚିମବଙ୍ଗରୁ ବାଲେଶ୍ୱର ଜିଲାର ଭୋଗରାଇ ଅଞ୍ଚଳକୁ ଏକୁଟିଆ ଚାଲି ଆସିଥିବା ଜଣେ ନାବାଳିକା ଗଣବଳାତ୍କାରର ଶିକାର ହେବା ଅଭିଯୋଗ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ପୋଲିସ ନିଜ ହେପାଜତ୍‌କୁ ନେଇଛି। ଏନେଇ ଥାନାରେ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଗଣବଳାତ୍କାର ଘଟଣା ସମ୍ପର୍କରେ ନାବାଳିକା ଜଣକ ବାରମ୍ବାର ମତ ବଦଳାଇ ଭିନ୍ନ ଭିନ୍ନ କଥା କହୁଥିବାରୁ ପୋଲିସ ଅଡୁଆରେ ପଡିଛି। ଶନିବାର ଏକ ପୋଲିସ ଟିମ୍ ପଶ୍ଚିମବଙ୍ଗସ୍ଥିତ ନାବାଳିକାଙ୍କ ଘରକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କ ମାନସିକ ସ୍ଥିତି ☞ପୃଷ୍ଠା-୪



ଆଇନ ସବୁବେଳେ ବଦଳୁଛି ଓ ଆଗକୁ ବଢୁଛି । ଏହା ସମାଜ ପାଇଁ ନୂଆ ରାଜନୈତିକ ବାଟ ଫିଟାଉଛି ।
- ଜଷ୍ଟିସ ରଞ୍ଜନ ଗୋଗୋଇ, ପ୍ରଧାନ ବିଚାରପତି



## ସଂକ୍ଷେପରେ

### ୩ ହଜାର କୋଟିର ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରସ୍ତାବକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧।୧୨(ପି.ଟି.)**-ନୌସେନାର ଦୁଇ ଯୁଦ୍ଧ ଜାହାଜ ଲାଗି ଅତ୍ୟାଧୁନିକ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ସେନାବାହିନୀର ଅର୍ଜୁନ ଟ୍ୟାଙ୍କ୍ ପାଇଁ ରିକଭରି ଯାନ କିଣା ପ୍ରସ୍ତାବକୁ ପ୍ରତିରକ୍ଷା ବିଭାଗର ଅନୁମୋଦନ ମିଳିଛି। ଶନିବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମନଙ୍କ ଅଧକ୍ଷତାରେ ମନ୍ତ୍ରଣାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଡିଫେନ୍ସ ଆକ୍ୱିଜିଶନ ପରିଷଦ (ଡିଏସି) ବୈଠକରେ ୩ ହଜାର କୋଟି ମୂଲ୍ୟର ଏହି ସାମରିକ ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଘରୋଇ ଭାବେ ବିକଶିତ ବ୍ରହ୍ମୋସ୍ ମିଶାଇଲ୍ ପରିବହନକାରୀ ୟୁଏସ୍ ନିର୍ମିତ ୨ ଯୁଦ୍ଧ ଜାହାଜ ସମେତ ଡିଫେନ୍ସ ରିସର୍ଚ୍ଚ ଡେଭ୍ଲପ୍‌ମେଣ୍ଟ ଅର୍ଗାନାଇଜେଶନର ଅର୍ଜୁନ ଟ୍ୟାଙ୍କ ପାଇଁ ସ୍ୱତନ୍ତ୍ର ଏଆର୍‌ଭିଏସ୍ (ଆର୍ମର୍ଡ୍ ରିକଭରି ଭେହିକଲ) ଏଥିରେ ଅନ୍ତର୍ଭୁକ୍ତ ରହିଛି।

**ଇସିଙ୍କୁ ଭେଟିଲା କଂଗ୍ରେସ**

### ଇଭିଏମ୍ ସୁରକ୍ଷା ଦାବି

**ନୂଆଦିଲ୍ଲୀ,୧।୧୨(ପି.ଟି.)**-ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମତଦାନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରହିଥିବା ଇଭିଏମ୍‌ର ସୁରକ୍ଷା ଦିଗ ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଶନିବାର କଂଗ୍ରେସର ଏକ ପ୍ରତିନିଧି ଦଳ ନିର୍ବାଚନ ଆୟୋଗ (ଇସି)ଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ଛତିଶଗଡ଼ ମୁଖ୍ୟ ପି.ଏଲ୍. ପୁନିଆ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାକ୍ଷାତ କରି ରାଜ୍ୟର ଧମତାରୀ ବିଧାନସଭା ସିଟ୍‌ରେ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ଜଣାଇଥିଲେ। ସିସିଟିଭି କ୍ୟାମେରା ମରାମତି ଆଳରେ କେତେକ ଲୋକ ଲ୍ୟାପ୍‌ଟପ୍ ଓ ମୋବାଇଲ୍ ଫୋନ ଧରି ଇଭିଏମ୍ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍ ନିକଟରେ ବୁଲୁଥିବା ଘଟଣାରେ ମୁଖ୍ୟ ନିର୍ବାଚନ ଅଧିକାରୀ ରାୟପୁରଙ୍କଠାରେ ଦଳ ତରଫରୁ ଅଭିଯୋଗ ହୋଇଥିବା ସେ କହିଛନ୍ତି।

■ ଜି-୨୦ ସମ୍ମିଳନୀରେ ମୋଦିଙ୍କ ଆହ୍ୱାନ

# ସହଯୋଗିତାରୁ ସମୃଦ୍ଧି

**ବୁଏନ୍ସ ଏୟାର୍ସ,୧।୧୨(ପି.ଟି.)**

ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରସ୍ପରିକ ସମୃଦ୍ଧି ଲାଗି ସହଯୋଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଦୁଇଟି ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରଥମ ତ୍ରିପାକ୍ଷିକ ଆଲୋଚନା ଭାରତ, ଆମେରିକା ଏବଂ ଜାପାନ ମଧ୍ୟରେ ହୋଇଥିଲା ବେଳେ ଦ୍ୱିତୀୟ ଆଲୋଚନା ଭାରତ, ଚାଇନା ଏବଂ ରୁଷିଆ ମଧ୍ୟରେ ଅନୁଷ୍ଠିତ ହୋଇଛି।

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଏହାର ଶକ୍ତି ବୃଦ୍ଧି କରୁଥିବାରୁ ଉକ୍ତ ଅଞ୍ଚଳରେ ଶାନ୍ତି ଏବଂ ସମୃଦ୍ଧି ଲାଗି ପ୍ରଥମ ଥର ଲାଗି ଆମେରିକା, ଭାରତ ଏବଂ ଜାପାନ ମଧ୍ୟରେ ଏହି ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଲାଗି ମୁକ୍ତ, ଅବାଧ, ସମ୍ମିଳିତ ତଥା ନୀତି ଆଧାରିତ ନିର୍ଦ୍ଦେଶାବଳୀ ଉପରେ ପ୍ରଧାନମନ୍ତ୍ରୀ ମୋଦି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ସହମତ ହୋଇଥିଲେ। ଜେଏଆଇ (ଜାପାନ, ଆମେରିକା, ଭାରତ) ତ୍ରିପାକ୍ଷିକ ବୈଠକ ତିନି ବନ୍ଧୁ ରାଷ୍ଟ୍ରଙ୍କୁ ଏକାଠି କରାଇଛି। ଏହି ବୈଠକ ଏକ ଐତିହାସିକ ଆରମ୍ଭ ଏବଂ ତିନିଦେଶ ମଧ୍ୟରେ ସମ୍ପର୍କ, ସାମୁଦ୍ରିକ ସହଯୋଗ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ବଢ଼ାଇବାରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ତିନି ଦେଶ ଏକାଠି ହେଲେ ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ମୋଦି କହିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ଏକ ସହଭାଗୀ ଆର୍ଥିକ ଅଭିବୃଦ୍ଧି ଏବଂ ସାମୂହିକ ସମୃଦ୍ଧି କ୍ଷେତ୍ରରେ ପରିଣତ କରିବା ଲାଗି ଭାରତର ପ୍ରତିଶ୍ରୁତବଦ୍ଧତାକୁ ମୋଦି ଦୋହରାଇଛନ୍ତି। ଏହି ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ଏକ ପାଞ୍ଚସୂତ୍ରୀ କାର୍ଯ୍ୟସୂଚୀ ମଧ୍ୟ ଉପସ୍ଥାପନ କରିଥିଲେ। ଯୋଗାଯୋଗ, ସ୍ଥାୟୀ ବିକାଶ, ବିପର୍ଯ୍ୟୟ ସହାୟତା, ସାମୁଦ୍ରିକ ସୁରକ୍ଷା ଏବଂ ଅବାଧ ଗମନାଗମନ କ୍ଷେତ୍ରରେ ସମନ୍ୱେ ଏକାଠି କାମ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭ୍ଲାଡିମିର ପୁଟିନ୍ ଓ ଜି ଜିନ୍‌ପିଙ୍ଗ।

- ପଳାତକ ଅର୍ଥନୈତିକ ଅପରାଧୀଙ୍କୁ ନେଇ ଭାରତର ୯ ସୂତ୍ରୀ କାର୍ଯ୍ୟସୂଚୀ
- ବହୁପାକ୍ଷିକ ସଂସ୍ଥାଗୁଡ଼ିକରେ ସଂସ୍କାର ପାଇଁ ଭାରତ, ରୁଷିଆ, ଚାଇନା ଏକାଠି
- ୧୨ ବର୍ଷ ପରେ ତ୍ରିପାକ୍ଷିକ ଆଲୋଚନା

ଦ୍ୱିତୀୟ ପର୍ଯ୍ୟାୟରେ ଭାରତ, ଚାଇନା ଏବଂ ରୁଷିଆ ମଧ୍ୟରେ ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୨ ବର୍ଷ ପରେ ତିନିଦେଶ ମଧ୍ୟରେ ଏଭଳି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଜାତିସଂଘ, ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ସମେତ ବିଭିନ୍ନ ବହୁପାକ୍ଷିକ ସଂସ୍ଥାରେ ସଂସ୍କାର ଲାଗି ତିନି ଦେଶ ଆହ୍ୱାନ ଦେଇଛନ୍ତି। ବିଶ୍ୱିକ ଅଭିବୃଦ୍ଧି ଏବଂ ସମୃଦ୍ଧି ଲାଗି ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାର ଉପାଦେୟତା ଏବଂ ମୁକ୍ତ ବିଶ୍ୱ ଅର୍ଥନୀତି ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଜି-୨୦ ସମ୍ମିଳନୀ ଅବସରରେ ଅନୁଷ୍ଠିତ ଏହି ତ୍ରିପାକ୍ଷିକ ବୈଠକରେ ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏକାଠି ହୋଇ ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକ ବିଶ୍ୱ ଶାନ୍ତି ବଢ଼ାଇବା ସହ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଢ଼ାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବ୍ରିକ୍ସ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା), ସାଂଘାଇ ସହଯୋଗ ସଂଗଠନ (ସିଏସଓ) ଏବଂ ପୂର୍ବ ଏସିଆ ସମିଟ୍ (ଇଏଏସ) ବ୍ୟବସ୍ଥା ମାଧ୍ୟମରେ ସହଯୋଗକୁ ସୁଦୃଢ଼ କରିବା ଲାଗି ନିୟମିତ ବ୍ୟବଧାନରେ ଏଭଳି ବୈଠକ କରିବା ଲାଗି ଏହି ନେତାମାନେ ରାଜି ହୋଇଥିଲେ। ଆତଙ୍କବାଦ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ସମାଧାନରେ ଏହା ସହାୟକ ହେବା ସହ ସମସ୍ତ ମତପାର୍ଥକ୍ୟର ଶାନ୍ତିପୂର୍ଣ୍ଣ ସମାଧାନରେ ସହାୟକ ହୋଇପାରିବ ବୋଲି ତିନିନେତା ମତବ୍ୟକ୍ତ କରିଥିଲେ।

ପଳାତକ ଆର୍ଥିକ ଅପରାଧୀଙ୍କ ଲାଗି ଭାରତ ଜି-୨୦ ରାଷ୍ଟ୍ରଗୁଡ଼ିକୁ ଏକ ୯ ସୂତ୍ରୀ କାର୍ଯ୍ୟସୂଚୀ ପ୍ରଦାନ କରିଛି। ଏଭଳି ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବଳିଷ୍ଠ ଏବଂ ସକ୍ରିୟ ସହଯୋଗ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ତର୍ଜାତୀୟ ବାଣିଜ୍ୟ, ଆର୍ଥିକ ଏବଂ ଟିକସ ବ୍ୟବସ୍ଥା ଉପରେ ଅନୁଷ୍ଠିତ ଜି-୨୦ ସମିଟ୍‌ର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଆଇନଗତ ପ୍ରକ୍ରିୟାରେ ସହଯୋଗ, ଅପରାଧୀଙ୍କୁ ତୁରନ୍ତ ପ୍ରତ୍ୟର୍ପଣ କରିବା, ଅପରାଧ ପ୍ରୋସିଡିଂର ରେକର୍ଡ ସମ୍ପୃକ୍ତ ରାଷ୍ଟ୍ରକୁ ହସ୍ତାନ୍ତର କରିବା ଆଦି ଏହି ଏଜେଣ୍ଡାରେ ରହିଛି। ଏଭଳି ଅପରାଧୀମାନେ ଯେପରି ସୁରକ୍ଷା ପାଇଁ ଅନ୍ୟ ଦେଶରେ ପ୍ରବେଶ ନକରନ୍ତି ସେଥିପାଇଁ ଏକ ମେକାନିଜମ୍ ପ୍ରସ୍ତୁତିରେ ଜି-୨୦ ରାଷ୍ଟ୍ରଗୁଡ଼ିକ ଏକାଠି କାର୍ଯ୍ୟକରିବା ଲାଗି ଭାରତ ଆହ୍ୱାନ ଦେଇଛି।

ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସହ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ୟାରିସ ଜଳବାୟୁ ପରିବର୍ତ୍ତନ ଚୁକ୍ତିନାମାକୁ ଭାରତର ସମର୍ଥନ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ହୁଡ଼ାଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧।୧୨(ପି.ଟି.)**

ହରିୟାଣାର ପଞ୍ଚକୁଲାଠାରେ ଥିବା ଏକ ଅନୁଷ୍ଠାନର ପ୍ଲଟକୁ କଂଗ୍ରେସ ନେତା ତଥା ଗାନ୍ଧୀ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ଥିବା ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ (ଏଜେଏଲ)କୁ ପ୍ରଦାନ କରିବାରେ ଅନିୟମିତତା ମାମଲାରେ ସିବିଆଇ ଶନିବାର ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ା ଏବଂ ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରାଙ୍କ ବିରୋଧରେ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଏହି ଜମି ଆବଣ୍ଟନ ଅନିୟମିତତା ଯୋଗୁ ୬୨ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହୋଇଥିଲା ବୋଲି ସିବିଆଇ ଅଭିଯୋଗ କରିଛି। ଏଥିରେ ସିବିଆଇ ହୁଡ଼ା ଏବଂ ଭୋରାଙ୍କୁ ଅଭିଯୁକ୍ତ କରିଛି। ସେତେବେଳେ ମୁଖ୍ୟମନ୍ତ୍ରୀ ହୁଡ଼ା ହରିୟାଣା ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏଚ୍‌ୟୁଡିଏ)ର ଅଧ୍ୟକ୍ଷ ଏବଂ ଭୋରା ଏଜେଏଲ୍‌ର ଅଧ୍ୟକ୍ଷ ଥିଲେ। ଏହି ଷଡଯନ୍ତ୍ରରେ ଉକ୍ତ କମ୍ପାନୀ ମଧ୍ୟ ସମ୍ପୃକ୍ତ ଥିବା ଚାର୍ଜଶିଟ୍‌ରେ ଦର୍ଶାଯାଇଛି।

**ଜମି ଦୁର୍ନୀତି**



## ‘ଉପା ଅମଳରେ ୩ ଥର ହୋଇଥିଲା ସର୍ଜିକାଲ୍ ଷ୍ଟ୍ରାଇକ୍’

**ଜୟପୁର,୧।୧୨(ପି.ଟି.)**

ଯୁବକମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ରାଜନୈତିକ ଅସ୍ତ୍ର କରିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏକ ନିର୍ବାଚନୀ ରାଲିରେ ଅଭିଯୋଗ କରିଛନ୍ତି। ରାଜସ୍ଥାନର ଉଦୟପୁରଠାରେ ନିର୍ବାଚନ ସଭାକୁ ସମ୍ବୋଧିତ କରି ରାହୁଲ କହିଥିଲେ ୟୁପିଏ ସରକାର ବେଳେ ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ୨ ଲକ୍ଷ କୋଟି ଟଙ୍କା ଥିଲା ବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ତାହା ୧୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସରକାର ୧୫/୨୦ଟି ଶିଳ୍ପସଂସ୍ଥାର ଋଣ ଛାଡ଼ କରିଛନ୍ତି।

ମନମୋହନ ସିଂ ସରକାର ସମୟରେ ୩ ଥର ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିଲା, ଯାହାକୁ କେହି ଜାଣନ୍ତି ନାହିଁ। କିନ୍ତୁ ୨୦୧୬ ସେପ୍ଟେମ୍ବର ୨୯ରେ ସେନା ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ଲଞ୍ଚ ପ୍ୟାଡ୍ ଉପରେ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍‌କୁ ରାଜନୈତିକ ସମ୍ପତ୍ତି କରି ମୋଦି ଏହାର ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି ବୋଲି ରାହୁଲ କହିଥିଲେ। ବିମୁଦ୍ରୀକରଣ ଏବଂ ଜିଏସଟି ବଡ କମ୍ପାନୀ ଲାଗି ଦ୍ୱାର ଖୋଲିଦେଇଥିଲାବେଳେ ଏହା ଅର୍ଥନୀତିକୁ ଧ୍ୱସ୍ତ କରିଛି ଏବଂ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି ବୋଲି ରାହୁଲ କହିଛନ୍ତି।

ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରାହୁଲ ମୋଦିଙ୍କ ହିନ୍ଦୁତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁବାଦର ମୂଳତତ୍ତ୍ୱ ଜାଣି ନ ଥିବା ମୋଦି କି ପ୍ରକାର ହିନ୍ଦୁ ବୋଲି ସେ ପ୍ରଶ୍ନ କରିଛନ୍ତି।



ରାହୁଲ ଗାନ୍ଧୀ

## ଫୁରସତ

### ୫ରେ ଲଞ୍ଚ୍ ହେବ ଜିସାଟ୍-୧୧

**ବେଙ୍ଗାଲୁରୁ:**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାର ଅତି ଓଜନିଆ ଉପଗ୍ରହ ଜିସାଟ୍-୧୧କୁ ଡିସେମ୍ବର ୫ରେ ଲଞ୍ଚ୍ କରିବ। ଏହାକୁ ଫ୍ରେଞ୍ଚ୍ ଗାଏନାରୁ ଏରିଆନ-୫ ରକେଟ୍ ଯୋଗେ ଉତ୍କ୍ଷେପଣ କରାଯିବ। ପାଖାପାଖି ୫,୮୫୪ କିଲୋଗ୍ରାମ୍ ବିଶିଷ୍ଟ ଜିସାଟ୍-୧୧ ଦେଶରେ ବ୍ରଡବ୍ୟାଣ୍ଡ ସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଦ୍ୱାରା ନିର୍ମିତ ଏହି ଉପଗ୍ରହ ସବୁଠୁ ଅଧିକ ଓଜନିଆ।



ଜିସାଟ୍-୧୧ ହେଉଛି ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ। ଏହା ୧୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିପାରିବ। ଏହାକୁ ମେ ୨୫ରେ ଲଞ୍ଚ୍ କରିବା ପାଇଁ ଯୋଜନା ଥିଲା। କିନ୍ତୁ ପ୍ରଯୁକ୍ତିଗତ ଯାଞ୍ଚ୍ ଯୋଗୁ ଏହାର ଲଞ୍ଚ୍ ସମୟକୁ ଘୁଞ୍ଚାଇ ଦିଆଯାଇଥିଲା। ଡିସେମ୍ବର ୫ରେ ଭାରତୀୟ ସମୟ ରାତ୍ରି ୨ଟା ୦୭ରୁ ୩ଟା ୨୩ ମିନିଟ୍ ମଧ୍ୟରେ ଏହାକୁ ଲଞ୍ଚ୍ କରାଯିବ ବୋଲି ୟୁରୋପୀୟ ସ୍ପେସ୍ ଟ୍ରାନ୍ସପୋର୍ଟର ଏରିଆନ୍‌ସ୍ପେସ୍ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ କୁହାଯାଇଛି।

### ଶୀତଳ ଯୁଦ୍ଧର ଅବସାନ ଘଟାଇଥିଲେ ବୁଶ୍

**ମସ୍କୋ:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍ ଶୀତଳ ଯୁଦ୍ଧର ଅବସାନ ଲାଗି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସୋଭିଏତ୍ ରାଷ୍ଟ୍ରସଂଘର ପୂର୍ବତନ ତଥା ଶେଷ ନେତା ମିଖାଇଲ୍ ଗୋର୍ବାଚୋଭ୍ ତାଙ୍କୁ ଜଣେ ‘ବାସ୍ତବ ଭାଗୀଦାରି’ ବୋଲି ବର୍ଣ୍ଣନା କରିଛନ୍ତି। ଗୋର୍ବାଚୋଭ୍ (୮୭) ଆମେରିକାର ୪୧ତମ ରାଷ୍ଟ୍ରପତିଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ବୁଶ୍ ୯୪ବର୍ଷ ବୟସରେ ଶୁକ୍ରବାର ପରଲୋକ ଗମନ କରିଥିବା ତାଙ୍କ ପରିବାର ପକ୍ଷରୁ ଘୋଷଣା କରାଯାଇଛି।

ଗୋର୍ବାଚୋଭ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରୁଷ୍‌ର ଅର୍ଥନୈତିକ ଓ ରାଜନୈତିକ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ବୁଶ୍ ସମର୍ଥନ କରିଥିଲେ। ବର୍ଲିନ୍ ପ୍ରାଚୀର ଭଙ୍ଗର କିଛି ସପ୍ତାହ ପରେ ୧୯୮୯ ଡିସେମ୍ବରରେ ମାଲ୍‌ଟା ବୈଠକରେ ଉଭୟ ନେତା ଶୀତଳଯୁଦ୍ଧର ପରିସମାପ୍ତି ଘଟିଲା ବୋଲି ଘୋଷଣା କରିଥିଲେ। ଗୋର୍ବାଚୋଭ୍ ଏ ସମ୍ପର୍କରେ କହନ୍ତି, ବୁଶ୍‌ଙ୍କ ସହିତ ତାଙ୍କର ଅନେକ ସ୍ମୃତି ରହିଛି। ଶୀତଳଯୁଦ୍ଧ କାଳରେ ଉଭୟେ ଏକତ୍ର ଅନେକ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ଏହା ଏପରି ସମୟ ଥିଲା ଯେତେବେଳେ ଉଭୟେ ଅଧିକ ଦାୟିତ୍ୱବାନ୍ ହୋଇପଡିଥିଲେ ଏବଂ ଫଳସ୍ୱରୂପ ଶୀତଳ ଯୁଦ୍ଧର ପରିସମାପ୍ତି ଘଟିଥିଲା। ଏହି ‘ଐତିହାସିକ ସଫଳତା’ରେ ସିନିୟର ବୁଶ୍‌ଙ୍କର ଅବଦାନକୁ ଶେଷ ସୋଭିଏତ୍ ନେତା ଗୋର୍ବାଚୋଭ୍ ପ୍ରଶଂସା କରିଛନ୍ତି।

୧୯୯୧ରେ ଗୋର୍ବାଚୋଭ୍ ଏବଂ ବୁଶ୍ ଷ୍ଟ୍ରାଟେଜିକ୍ ଆର୍ମସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ ୧) ରେ ସ୍ୱାକ୍ଷର କରିଥିଲେ। ଦୂରଗାମୀ ଆଣବିକ କ୍ଷେପଣାସ୍ତ୍ର ନିର୍ମାଣ ହ୍ରାସ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଏହି ଚୁକ୍ତି କରାଯାଇଥିଲା। ଆମେରିକା ଓ ରୁଷିଆ ମଧ୍ୟରେ ଏହା ଥିଲା ପ୍ରଥମ ଚୁକ୍ତି।



ଏଚ୍.ଡବ୍ଲ୍ୟୁ. ବୁଶ ଏବଂ ମିଖାଇଲ୍ ଗୋର୍ବାଚୋଭ୍।

### ଇତିହାସର ଆଇନାରେ

**ଡିସେମ୍ବର ୨ର ପ୍ରମୁଖ ଘଟଣା**

୨୦୧୩ ଡିସେମ୍ବର ୨ରେ ଫରାସୀ ବ୍ୟବସାୟୀ ତଥା କୃଷି ଇଞ୍ଜିନିୟର ଜିନ୍-କ୍ଲଉଡେ ବେଟନ୍‌ଙ୍କ ମୃତ୍ୟୁ ଘଟିଥିଲା। ସେ ଜଣେ ସଫଳ ଉଦ୍ୟୋଗୀ ଥିଲେ। ସେ ମୃଦୁପାନୀୟ ପ୍ରସ୍ତୁତକାରୀ ସଂସ୍ଥା ଓରାଙ୍ଗିନାର ପ୍ରତିଷ୍ଠାତା ଥିଲେ। ତାଙ୍କ ପିତା ଲିଓନ୍ ବେଟନ୍ ପ୍ରଥମେ ସାଇଟ୍ରସ୍ ସୋଡାରୁ ମୃଦୁ ପାନୀୟ ପ୍ରସ୍ତୁତ କରୁଥିଲେ। ଏକ ଛୋଟ କମ୍ପାନୀରୁ ସେ ଏକ ବୃହତ୍ ତଥା ବିଶ୍ୱ ପ୍ରସିଦ୍ଧ ବ୍ରାଣ୍ଡ୍ ଓରାଙ୍ଗିନା ପ୍ରତିଷ୍ଠା କରିଥିଲେ।

୨୦୧୬ ଡିସେମ୍ବର ୨ରେ କାଲିଫର୍ନିଆର ଓକ୍‌ଲାଣ୍ଡସ୍ଥିତ ଏକ ଗୋଦାମରେ ଘଟିଥିବା ଅଗ୍ନିକାଣ୍ଡରେ ୩୬ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର କାଲିଫର୍ନିଆ ଆଲାମେଡା କାଉଣ୍ଟିରେ ଓକ୍‌ଲାଣ୍ଡ ହେଉଛି ଏକ ବୃହତ୍ ସହର। ଏହା ହେଉଛି ବୃହତ୍ ପଶ୍ଚିମ ଉପକୂଳ ବନ୍ଦର ନଗରୀ। କାଲିଫର୍ନିଆର ଏହା ହେଉଛି ଅଷ୍ଟମ ଜନବହୁଳ ନଗରୀ ତଥା ଆମେରିକାର ୪୫ତମ ସର୍ବବୃହତ୍ ସହର।

### ବିବାହ ବନ୍ଧନରେ ପ୍ରିୟଙ୍କା-ନିକ୍

**ଯୋଧପୁର:**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ହାତଗଣ୍ଠି ପଡିଛି। ସ୍ଥାନୀୟ ଉମେଦ ଭବନ ରାଜପ୍ରାସାଦରେ କ୍ୟାଥଲିକ୍ ରୀତିରେ ସେମାନଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ, ଜୋନ୍‌ସଙ୍କ ପିତା ପଲ୍ କେଭିନ୍ ଜୋନ୍‌ସ ଶନିବାର ଖ୍ରୀଷ୍ଟିଆନ୍ ଉତ୍ସବ ଆୟୋଜନ କରିଥିଲେ, ଯେଉଁଠାରେ ଉକ୍ତ ଦମ୍ପତି ପ୍ରସିଦ୍ଧ ଅଳଙ୍କାର ନିର୍ମାତା ଚୋପାର୍ଡଙ୍କ ଦ୍ୱାରା ନିର୍ମିତ ୱେଡିଂ ବ୍ୟାଣ୍ଡ ବିନିମୟ କରିଥିଲେ। ରବିବାର ଉକ୍ତ ଦମ୍ପତି ହିନ୍ଦୁ ପରମ୍ପରା ଅନୁଯାୟୀ ମଧ୍ୟ ବିବାହ ଉତ୍ସବ ଜାରି ରଖିବେ। ପ୍ରିୟଙ୍କାଙ୍କ ପାଇଁ ଭାରତୀୟ ହିନ୍ଦୁ ପରମ୍ପରା ଯେତିକି ଗୁରୁତ୍ୱ ବହନ କରେ ନିକ୍‌ଙ୍କ ନିମନ୍ତେ ପାଶ୍ଚାତ୍ୟର ଖ୍ରୀଷ୍ଟିଆନ୍ ରୀତିନୀତି ମଧ୍ୟ ସେତିକି ଗୁରୁତ୍ୱ ରଖେ। ସେଥିପାଇଁ ବିବାହ ଭଳି ଏକ ପବିତ୍ର ପର୍ବରେ ଉଭୟ ନିଜ ଐତିହ୍ୟ ଓ ସଂସ୍କୃତିକୁ ସମ୍ମାନ ଦେଇଛନ୍ତି।

ପ୍ରିୟଙ୍କା (୩୬) ଏବଂ ନିକ୍(୨୬) ଡିଜାଇନର ରାଲଫ ଲରେନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରେସ୍ ପରିଧାନ କରିଥିଲେ। ଏହି ଉତ୍ସବରେ ପ୍ରିୟଙ୍କାଙ୍କ ଭାଇ ସିଦ୍ଧାର୍ଥ ଏବଂ ନିକ୍‌ଙ୍କ ୩ ଭାଇ ଜୋ, କେଭିନ୍ ଏବଂ ଫ୍ରାଙ୍କି ଯୋଗ ଦେଇଥିଲେ। ବିବାହ ପୂର୍ବରୁ ସେମାନେ ପ୍ରିୟଙ୍କାଙ୍କ ମା’ ମଧୁ ଚୋପ୍ରାଙ୍କ ମୁମ୍ବାଇ ବାସଭବନରେ ପ୍ରାକ୍ ଉତ୍ସବ ପାଳନ କରିଥିଲେ। ଏହା ପୂର୍ବରୁ ନ୍ୟୁୟର୍କ ନଗରୀରେ ବ୍ରାଇଡାଲ୍ ଶୋୟର ଏବଂ ଆମଷ୍ଟରଡାମ୍‌ରେ ବ୍ୟାଚଲରେଟ ପାର୍ଟି ଆୟୋଜନ କରିଥିଲେ।

ପ୍ରିୟଙ୍କା ଏବଂ ନିକ୍ ପ୍ରଥମକରି ୨୦୧୬ରେ ଟୁଇଟର ଯୋଗେ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ୨୦୧୭ରେ ଏକାଡେମୀ ଆୱାର୍ଡ ଅବସରରେ ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତ ହୋଇଥିଲା।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୬.୮ |
| ଚାନ୍ଦବାଲି | ୨୮.୬ | ୧୮.୦ |
| କଟକ | ୨୮.୪ | ୧୭.୦ |
| ପାରାଦ୍ୱୀପ | ୨୮.୮ | ୧୯.୨ |
| ଭୁବନେଶ୍ୱର | ୨୯.୪ | ୧୭.୬ |
| ଗୋପାଳପୁର | ୩୧.୦ | ୧୮.୯ |
| ପୁରୀ | ୨୮.୫ | ୨୦.୪ |
| ଅନୁଗୋଳ | ୨୮.୧ | ୧୩.୬ |
| ବାରିପଦା | ୨୭.୨ | ୧୭.୨ |
| ଝାରସୁଗୁଡ଼ା | ୨୯.୨ | ୧୫.୫ |
| କେନ୍ଦୁଝର | ୨୬.୪ | ୧୫.୦ |
| ସମ୍ବଲପୁର | ୨୯.୮ | ୧୬.୮ |
| ସୁନ୍ଦରଗଡ଼ | --- | ୧୪.୦ |
| ହୀରାକୁଦ | ୨୯.୧ | ୧୬.୮ |
| ତାଲଚେର | ୩୧.୬ | ୧୫.୦ |
| ଭବାନୀପାଟଣା | ୨୮.୫ | ୧୩.୦ |
| ବଲାଙ୍ଗୀର | ୨୯.୫ | ୧୫.୦ |
| କୋରାପୁଟ | ୨୬.୬ | ୧୨.୨ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | ୧୩.୫ |
| ମାଲକାନଗିରି | ୩୦.୫ | --- |
| ସୋନପୁର | ୨୯.୮ | ୧୪.୦ |
| ଦାରିଙ୍ଗିବାଡ଼ି | ୨୪.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.







ବ୍ରହ୍ମପୁର ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ଓ ଅନ୍ୟ ମନ୍ତ୍ରୀ, ବିଧାୟକ, ଏମପି ଉପସ୍ଥିତ ।



ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ।

### ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

# ସ୍ୱାବଲମ୍ବୀ ହେବେ ମହିଳା

ବ୍ରହ୍ମପୁର ଅଫିସ/ ଗୋପାଳପୁର,୧।୧୨

ରାଜ୍ୟରେ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇବା ସରକାରଙ୍କ ମୂଳ ଲକ୍ଷ୍ୟ । ତେଣୁ ସବୁ କ୍ଷେତ୍ରରେ ସେମାନଙ୍କୁ ଗୁରୁତ୍ୱ ଦିଆଯାଉଛି । ମହିଳା ସଶକ୍ତୀକରଣକୁ ବ୍ୟାପକ କରିବା ଉପରେ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି । ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୧୧୪ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଯୋଜନାର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶନିବାର ଅନୁଷ୍ଠିତ ହୋଇଥିଲା । ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଆୟୋଜିତ ସମାବେଶରେ ଉପସ୍ଥିତ ବହୁ ସଂଖ୍ୟକ ମହିଳାଙ୍କୁ ଦେଖି ନବୀନ କହିଥିଲେ, ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଉଛନ୍ତି । ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ସରକାରଙ୍କ ଲକ୍ଷ୍ୟ ।

ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ଗସ୍ତରେ ଆସି ପ୍ରଥମେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକର ପାଲୁରୁ ହିଲ ନିକଟରେ ୪୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ବିଲଡିଂକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଗୋପାଳପୁରରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବୃଦ୍ଧାଶ୍ରମର ଶିଳାନ୍ୟାସ ପାଲୁରୁ ହିଲରେ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ କୋଠା, ଲାଇବ୍ରେରୀ ବିଲଡିଂର ସମ୍ପ୍ରସାରଣ, ନୂଆ ଏକାଡେମିକ ବ୍ଲକ ଉଦ୍‌ଘାଟନ ସହ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଯୋଜନାର ଶିଳାନ୍ୟାସ କରିଥିଲେ । ଗୋପାଳପୁରର ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟନ, ଏନ୍‌ଏସିର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ । ଆଦର୍ଶ ବିଦ୍ୟାଳୟରେ ହୋଇଥିବା ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ ବିକାଶରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଓଡ଼ିଶା ହକି ବିଶ୍ୱକପ ପାଇଁ ରାଜ୍ୟରେ କ୍ରୀଡ଼ାର ଉଲ୍ଲେଖନୀୟ ବିକାଶ ଘଟିଥିବା ପ୍ରମାଣିତ ହେବା ସହ ଦେଶର ଅନ୍ୟ ରାଜ୍ୟ ପାଇଁ ଓଡ଼ିଶା ମଡେଲ ହୋଇଛି । ସମାବେଶରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ କମିଶନର ଆର. ରଘୁପ୍ରସାଦ ଅଧ୍ୟକ୍ଷତା କରିଥିଲେ । ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ । ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅଧ୍ୟକ୍ଷା ସି.ଏଚ୍. ଉଷାରାଣୀ, ଉପାଧ୍ୟକ୍ଷ ଅଜିତ୍ କୁମାର ଦାସ. ସି.ଏଚ୍. ଭରତପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର-ଗୋପାଳପୁରରେ ବିଭିନ୍ନ ଯୋଜନାର ଉଦ୍‌ଘାଟନ, ଶିଳାନ୍ୟାସ

ବ୍ରହ୍ମପୁର ସମାବେଶରେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି ମହାପାତ୍ର ଓ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଭାଷଣ ଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଉଷା ଦେବୀ ଉପସ୍ଥିତ ଥିଲେ । ବିଧାୟକ ପ୍ରଦୀପ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟାଂଶୁ ପ୍ରଧାନ, ଦେବରାଜ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପାଲୁର ହିଲ କାର୍ଯ୍ୟକ୍ରମରେ ମଧ୍ୟ ଅନେକ ପଦାଧିକାରୀ ଓ ଗ୍ରାମାଞ୍ଚଳ ଜନ ପ୍ରତିନିଧି ଯୋଗ ଦେଇଥିଲେ । ବ୍ରହ୍ମପୁର ମେଡିକାଲ ପୋଲିସ ଫାଣ୍ଡି ନୂଆ କୋଠା, ମହିଳା ଥାନାର ନବନିର୍ମିତ ବିଲଡିଂ ଓ ପର୍ଯ୍ୟଟନ ବିଭାଗର ଜିଲା କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ଥାନରେ ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିବା ସହ ଗୋପାଳପୁର ଓ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ୩ ଶତାଧିକ କୋଟି ଟଙ୍କାର ବିଭିନ୍ନ ଯୋଜନାର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ । ବ୍ରହ୍ମପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିଭିନ୍ନ ଭତ୍ତା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେଇଥିଲେ ।



ଗୋପାଳପୁର ଜଙ୍କସନ ରେଲୱେ ଓଭର ବ୍ରିଜ୍ ।

## ଗୋପାଳପୁର ଜଙ୍କସନ ଆର୍‌ଓବି ଲୋକାର୍ପିତ

ବ୍ରହ୍ମପୁର ଅଫିସ,୧।୧୨

ନିର୍ମାଣର ୩ ବର୍ଷ ପରେ ଗୋପାଳପୁର ଜଙ୍କସନ ରେଲୱେ ଓଭର ବ୍ରିଜ (ଆର୍‌ଓବି) ଲୋକାର୍ପିତ ହୋଇଛି । ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିବା ବେଳେ ବ୍ରହ୍ମପୁରଠାରୁ ଗୋପାଳପୁର ରୋଡକୁ ସଂଯୋଗ କରିଥିବା ଆର୍‌ଓବି ଓ ବ୍ରିଜ ଉପରେ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟନ କରିଛନ୍ତି । ପୂର୍ତ୍ତ ବିଭାଗ ଦ୍ୱାରା ୭୫ କୋଟି ଟଙ୍କା ବିନିମୟରେ ୧ କିମିର ଆରଓବି ନିର୍ମାଣ ହୋଇଥିବା ବେଳେ ଏଥିରେ ବିଏମସି ପକ୍ଷରୁ ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏଲ୍‌ଇଡି ଲାଇଟ ବ୍ୟବସ୍ଥା ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର, ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ସମେତ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ପାଢୀ, ନିର୍ବାହୀ ଯନ୍ତ୍ରୀ ଅବନୀକାନ୍ତ ଦାଶ, ଏସଡିଓ ଶଶାଙ୍କ ମିଶ୍ର, ବିଏମସିର ଅତିରିକ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ସୁକାନ୍ତ ସାବତ, ପୂର୍ବତନ କର୍ପୋରେଟର ଜି. ଗୋପାଳ ରେଡ୍ଡୀ ଓ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ସେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଶୋଷଣ




# ପୁରୀରେ ଶାଖାରେ ପ୍ରଶାସନର ଚଢ଼ାଉ

ପୁରୀ ଅଫିସ, ୧।୧୨

ଢେଙ୍କାନାଳ ଜିଲା ବେଲଟିକିରି ସ୍ଥିତ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ସେଣ୍ଟର (ଶିଶୁ ଗୃହ)ରେ ରହୁଥିବା ନାବାଳିକାଙ୍କୁ ଯୌନଶୋଷଣ ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଉକ୍ତ ସଂସ୍ଥାର ଏକ ଶାଖା ପୁରୀର ପେଣ୍ଠକଟା ଅଞ୍ଚଳରେ ଥିବା ଜଣାପଡିଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଏବଂ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ର ୪ଜଣିଆ ଟିମ୍ ଶନିବାର ସେଠାରେ ଚଢାଉ କରିଛି । ଏହି ଟିମ୍ ଜିଲାପାଳଙ୍କୁ ରିପୋର୍ଟ ଦେଇ ସାରିଥିବା କୁହାଯାଉଛି । ରିପୋର୍ଟକୁ ଅନୁଧ୍ୟାନ କରି ଖୁବଶୀଘ୍ର ଜିଲାପାଳ ଏ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି ।

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପକ୍ଷରୁ ୨୦୦୭ ମସିହାରୁ ପେଣ୍ଠକଟା ଅଞ୍ଚଳରେ ଏକ ଶିଶୁ ଗୃହ ଚାଲିଥିଲା । ୨୦୧୨-୧୪ ମସିହାରେ ଜିଲାସ୍ତରରେ ଶିଶୁ ସୁରକ୍ଷା ୟୁନିଟ ଗଠନ ହେବା ପରେ ଏହି ଅନୁଷ୍ଠାନ ପ୍ରଶାସନ ସ୍କାନରକୁ ଆସିଥିଲା । ଉକ୍ତ ଶିଶୁ ଗୃହ ପଞ୍ଜୀକୃତ ମଧ୍ୟ ହୋଇଥିଲା । ୨୦୧୭ ମସିହାରେ ସେଠାରେ ସ୍ୱଚ୍ଛଳ ପରିବାରର ନାବାଳିକାମାନେ ରହୁଥିବା ଜଣାପଡିଥିଲା । ଏହାସହିତ କିଛି ଅନିୟମିତତା ଥିବା ଜଣାପଡିବା ପରେ ୨୦୧୭ ଅଗଷ୍ଟ ୧୯ରେ ଉକ୍ତ ଶିଶୁଗୃହ ତଥା ଶିଶୁ ଯତ୍ନ ଅନୁଷ୍ଠାନକୁ ଜିଲା ପ୍ରଶାସନ ବନ୍ଦ କରିଥିଲା । ସେଥିରେ ରହୁଥିବା ୭୬ ନାବାଳିକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ପୁଣି ଉକ୍ତ ସଂସ୍ଥା ପେଣ୍ଠକଟାରେ ପ୍ରଶାସନର ଅଗୋଚରରେ ଏକ ଶାଖା ଚଲାଉଛି । ଉକ୍ତ ଅନୁଷ୍ଠାନର ନାମ ରହିଛି ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପୁରୀ ଶାଖା ।

ଢେଙ୍କାନାଳରେ ଉକ୍ତ ଘଟଣା ଘଟିବା ପରେ ପୁରୀ ଜିଲା ପ୍ରଶାସନର ନିଦ ଭାଙ୍ଗିଛି । ସିଡବ୍ଲ୍ୟୁସିର ସଦସ୍ୟ ରମାଶଙ୍କର ପାତ୍ର ଓ ଶକ୍ତିପଦ ମିଶ୍ର, ଡିସିପିୟୁର ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଏବଂ ରୋଜାଲିନ ପାତ୍ର ପେଣ୍ଠକଟାସ୍ଥିତ ଉକ୍ତ ଶିଶୁଗୃହକୁ ଯାଇ ତଦନ୍ତ କରିଛନ୍ତି । ବର୍ତ୍ତମାନ ସେଠାରେ ୮୧ ନାବାଳିକା ରହୁଥିବା ଜଣାପଡିଛି । ଜିଲା ପ୍ରଶାସନର ଏହି ୪ଜଣିଆ ଟିମ୍ ଉକ୍ତ ସଂସ୍ଥାରେ ରହୁଥିବା ନାବାଳିକାଙ୍କୁ ପଚରାଉଚୁରା କରିବା ସହିତ କାଗଜପତ୍ର ମଧ୍ୟ ଯାଞ୍ଚ କରିଛି । ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଶିଶୁଗୃହକୁ ୨୦୧୭ରେ ବନ୍ଦ କରାଯାଇଥିଲା । ବର୍ତ୍ତମାନ ଯାହା ଚାଲିଛି ତାହା ଶିଶୁଗୃହ ନୁହେଁ । ତାହା ଆମ ଅଧୀନରେ ନାହିଁ । ସେମାନେ ଫି ନେଇ ହଷ୍ଟେଲ ଚଲାଉଥିବା କହୁଛନ୍ତି । ସ୍ୱଚ୍ଛଳ ବର୍ଗର ପିତାମାତାଠାରୁ ଅର୍ଥ ନେଇ ସେମାନଙ୍କ ପିଲାମାନଙ୍କୁ ରଖି ପାଠ ପଢାଉଛନ୍ତି, କିନ୍ତୁ ସେଠାରେ ନାବାଳିକା ଅଛନ୍ତି । ତେବେ ଯିଏ ଚାହିଁବ ଏତେ ସଂଖ୍ୟକ ନାବାଳିକାଙ୍କୁ ରଖି ପଢାଇପାରିବ କି ପ୍ରଶ୍ନରେ ସେ କହିଥିଲେ, ଉକ୍ତ ସଂସ୍ଥାର ଶିଶୁ ଯତ୍ନ ଅନୁଷ୍ଠାନ ବନ୍ଦ କରିବା ବେଳେ ଆମେ ପୋଲିସକୁ ଅବଗତ କରାଇଥିଲୁ । ଉକ୍ତ ଥାନା ଇଲାକାରେ ବେନିୟମ ଭାବେ କୌଣସି ଶିଶୁ ଯତ୍ନ ଅନୁଷ୍ଠାନ ଖୋଲିଲେ ସେ ଦିଗରେ ପଦକ୍ଷେପ ନେବାକୁ ଚିଠି ଲେଖିଥିଲୁ । ବର୍ତ୍ତମାନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସଂସ୍ଥାକୁ ଏକ ଟିମ୍ ଯାଇ ଅନୁଧ୍ୟାନ କରିଛି । ପୁରୀ ଶାଖା ଦାୟିତ୍ୱରେ ଥିବା ଓମେଗା ବାରିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଡିସିପିୟୁ ଏବଂ ସିଡବ୍ଲ୍ୟୁସିର ଏକ ଟିମ୍ ତଦନ୍ତ ପାଇଁ ଆସିଥିଲା । ଆମେ ସମସ୍ତ କାଗଜପତ୍ର ପ୍ରଦାନ କରିଛୁ । ଆମ ସଂସ୍ଥା ବେଆଇନ ଭାବେ ଚାଲିନାହିଁ ।




ପୁରୀ ପେଣ୍ଠକଟା ଅଞ୍ଚଳରେ ଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଶାଖା ।

### ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶିଶୁଗୃହ

- ରହୁଛନ୍ତି ୮୦ ନାବାଳିକା
- ୨୦୧୭ରେ ବନ୍ଦ କରିଥିଲା ପ୍ରଶାସନ

## ଆଜିଠାରୁ ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

ମାଲକାନଗିରି,୧।୧୨ (ଡି.ଏନ୍.ଏ.)

ଆସନ୍ତା ୨ରୁ ୮ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ପିଏଲଜିଏ ସପ୍ତାହ ପାଳନ ହେଉଛି । ସପ୍ତାହବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମ ଅବସରରେ ମାଓବାଦୀମାନେ ବିଭିନ୍ନ ଗ୍ରାମରେ ସଭା ସମିତିମାନ କରି ସଙ୍ଗଠନର କାର୍ଯ୍ୟ, ଆଦର୍ଶ ଓ ଆଭିମୁଖ୍ୟ ସମ୍ପର୍କରେ ଯୁବଗୋଷ୍ଠୀଙ୍କୁ ଜଣାଇ ସେମାନଙ୍କୁ ସାମିଲ ପାଇଁ ଆହ୍ୱାନ ଦେବେ ବୋଲି ଆଶଙ୍କା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

### ବେଲଟିକିରି ଶିଶୁ ଗୃହ ଯୌନ ନିର୍ଯାତନା ମାମଲା

# ୨୦ ଶାଖା ବନ୍ଦ ନିର୍ଦ୍ଦେଶ

### ଶେଲ୍‌ଟର ହୋମ୍ ବେଆଇନ ଥିଲା: ମନ୍ତ୍ରୀ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଶିଶୁ ଗୃହରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି । ଏହି ଘଟଣା ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉକ୍ତ ଶେଲ୍‌ଟର ହୋମ୍‌କୁ ତୁରନ୍ତ ବନ୍ଦ କରିବା ସହ ୬୨ ଅନ୍ତେବାସୀଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଶେଲ୍‌ଟର ହୋମ ଚାଲିଥିଲା । ଜୁଭେନାଇଲ ଜଷ୍ଟିସ (କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ) (ଜେ.ଜେ.) ଆକ୍ଟ ଅନୁଯାୟୀ ଶେଲ୍‌ଟର ହୋମ୍‌କୁ ପଞ୍ଜୀକରଣ କରିବାକୁ ବହୁବାର କୁହାଯାଇଥିଲା । ମାତ୍ର ସଂସ୍ଥାର ପରିଚାଳକ ତାହା କଲେ ନାହିଁ । ତୁରନ୍ତ ପଞ୍ଜୀକରଣ ନ କଲେ ସଂସ୍ଥାର ଅନୁମତିକୁ ରଦ୍ଦ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଥିଲା । ଏହା ସତ୍ତ୍ୱେ ସେମାନେ ଆଇନ ଉଲ୍ଲଂଘନ କରିଛନ୍ତି । ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟର ବିଭିନ୍ନ ସ୍ଥାନରେ ସଂସ୍ଥା ପକ୍ଷରୁ ଖୋଲାଯାଇଥିବା ୨୦ଟି ଶାଖାକୁ ତୁରନ୍ତ ବନ୍ଦ କରିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର, ୨ ଡିସେମ୍ବର, ୨୦୧୮



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାଜଲକ୍ଷ୍ମୀ
ପରିବାରବର୍ଗ


ଲିପୁନ୍
ପରିବାରବର୍ଗ


ଲିମା
ପରିବାରବର୍ଗ


ବାପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଧର୍ମେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ: ବିଜେଡି

ଭୁବନେଶ୍ୱର,୧।୧୨(ବ୍ୟୁରୋ)-ସ୍ୱେଚ୍ଛାକୃତ ଅବସର ଯୋଜନାରେ ପୂର୍ବତନ ଆଇଏଏସ୍ ଅଫିସର ଅପରାଜିତା ଷଡଙ୍ଗୀ ସରକାରୀ ଚାକିରିରୁ ଅବସର ନେବାକୁ ଯେଉଁ ଆବେଦନ କରିଥିଲେ ରାଜ୍ୟ ସରକାର ସେଥିରେ ୨ ମାସ ବିଳମ୍ବ କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଭିତ୍ତିହୀନ ଓ ଅସତ୍ୟ ବୋଲି ବିଜେଡି ମୁଖପାତ୍ର ସୁଲୋଚନା ଦାଶ କହିଛନ୍ତି। ସୁଲୋଚନା ଶନିବାର କହିଛନ୍ତି, ଷଡଙ୍ଗୀ ରାଜନୀତିରେ ପାଦ ରଖୁ ରଖୁ ମିଛ କହିବା ଆରମ୍ଭ କଲେଣି। ସେ ଏକ ବିଦେଶୀ ଏନଜିଓରେ ଯୋଗଦେବେ ବୋଲି ଅବସର କାରଣ ଭାବେ ଦର୍ଶାଇଥିଲେ। ଏବେ ତାଙ୍କର ମିଥ୍ୟା ଧରାପଡିଲା।

# ଭାଜପା କାର୍ଯ୍ୟାଳୟରେ ଅପରାଜିତାଙ୍କୁ ସ୍ୱାଗତ

## ରାଜ୍ୟରେ ସରକାରୀ ପ୍ରୋତ୍ସାହିତ ଦୁର୍ନୀତି ଚାଲିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟରେ ସରକାରୀ ପ୍ରୋତ୍ସାହିତ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ୨୦୧୫ରେ ଓଡିଶାର ପିଡବ୍ଲ୍ୟୁଡି କୋଡ୍‌କୁ ପରିବର୍ତ୍ତନ କରାଯାଇ ୫୦ ହଜାର ବଦଳରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟ ପାଇଁ ଟେଣ୍ଡରର ଆବଶ୍ୟକତା ନାହିଁ ବୋଲି ବିଜେଡି ସରକାର ନିୟମ ପ୍ରଣୟନ କଲେ। ବିଭିନ୍ନ ବିଭାଗରେ ବିନା ଟେଣ୍ଡରରେ ପିସି ନେବା ପାଇଁ ବାଟ ଖୋଲି ଦିଆଯାଇଛି। ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପୂର୍ବତନ ଆଇଏଏସ ଅଫିସର ଅପରାଜିତା ଷଡଙ୍ଗୀଙ୍କ ସ୍ୱାଗତ ସଭାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟରେ ଅଣ ଯୋଜନା ବଜେଟରେ ବାର୍ଷିକ ୧୦ ହଜାର କୋଟି ଟଙ୍କାର କାମ ବିନା ଟେଣ୍ଡରରେ ଦଳୀୟ କର୍ମୀମାନଙ୍କୁ ଦିଆଯାଉଛି। ଢେଙ୍କାନାଳ ଜିଲାରେ ବିୟର ଫ୍ୟାକ୍ଟ୍ରି ପାଇଁ ଅନୁମତି ଦିଆଗଲା। ମାଆ ଭଉଣୀଙ୍କ ବିରୋଧ ସତ୍ତ୍ୱେ ରାତିଅଧିଆ ହଜାର ହଜାର ଗଛ କାଟି ଦିଆଗଲା। ଲୋକମାନେ ଛି ଛି କହିବା ପରେ ମୁଖ୍ୟମନ୍ତ୍ରୀ ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଲେ। ଏହା କଟାଘା'ରେ ଚୂନ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରାଜ୍ୟ ସରକାର ଲୋକମାନଙ୍କୁ ପାଇଖାନା ଯୋଗାଇ ଦେଇ ପାରୁ ନ ଥିବା ବେଳେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ୭୦ ଲକ୍ଷ ମୋବାଇଲ ଫୋନ ଦେବାକୁ କହିଛନ୍ତି। ପାଇଖାନା ନିର୍ମାଣ କ୍ଷେତ୍ରରେ ଓଡିଶା ସବା ତଳେ ରହିଛି। ଅପରାଜିତା ଷଡଙ୍ଗୀ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଆବେଦନ ୨୪ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ପହଞ୍ଚିଲା। ୨ ମାସ ପର୍ଯ୍ୟନ୍ତ କେଉଁ ଡରରେ ଅଟକାଇଥିଲେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଆସନ୍ତା ୨୦୧୯ରେ ନିର୍ବାଚନ ହେବ। ପୁଣିଥରେ ମୋଦି ପ୍ରଧାନମନ୍ତ୍ରୀ ହେବେ, ଏଥିରେ କାହାର ତିଳେମାତ୍ର ସନ୍ଦେହ ନାହିଁ। ଓଡିଶାରେ ପରିବର୍ତ୍ତନ ପାଇଁ କଠୋର ପରିଶ୍ରମ କରିବାକୁ ଧର୍ମେନ୍ଦ୍ର କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଅପରାଜିତା ନଭେମ୍ବର ୨୭ରେ ନୂଆଦିଲ୍ଲୀରେ ଭାଜପାରେ ଯୋଗ ଦେଇଥିଲେ। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭାଜପା ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଲେ, ରାଜନୀତିର ପ୍ରଥମ ସୋପାନରେ ଅଛନ୍ତି। ସମସ୍ତଙ୍କଠାରୁ ଶିଖିବେ। ଗୋଟିଏ ଟିମ୍, ଗୋଟିଏ ଡ୍ରିମ୍ । ଓଡିଶାରେ ସାମଗ୍ରିକ ବିକାଶ ହେବା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜୟରାମ ପାଙ୍ଗୀ, ସୁରମା ପାଢୀ, ସମୀର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ପୀତାମ୍ବର ଆଚାର୍ଯ୍ୟ, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।


ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟ ବାହାରେ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଷଷ୍ଠସ୍ଥ ଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ଶୁକ୍ର ଆପଣଙ୍କ ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ସାମାନ୍ୟ ଥଣ୍ଡାଜନିତ ପୀଡ଼ା ଅନୁଭବ ସାଙ୍ଗକୁ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇ ପାରନ୍ତି। କଥାକୁ ଠିକ୍ ଭାବରେ ନ ବୁଝି କିମ୍ବା ମଉଜିଆ କଥାକୁ ନେଇ କଳହ ଲାଗିପାରେ। ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲରେ ଚାଲିବ।

**ମିଥୁନ**
ଭାଗ୍ୟସ୍ଥାନରେ ଲାଭାଧିପତି ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ସାଙ୍ଗକୁ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ ନେଇ ଅପରାହ୍ନରେ ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ରାହୁ ସହ ମଙ୍ଗଳଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଏବଂ ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ**
ଧନସ୍ଥାନରେ ଚନ୍ଦ୍ର ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବା ସହ ସଭାସମିତିରେ ସମ୍ମାନଜନକ ସ୍ଥିତି ହାସଲ କରିବେ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା**
ଏକାଦଶସ୍ଥ ରାହୁ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ଆପଣଙ୍କୁ ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ରହିଛି। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା**
ଆକସ୍ମିକ ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ, କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବ ନାହିଁ।

**ବିଛା**
ଅନୁରାଧା ନକ୍ଷତ୍ର ସକାଶେ ମାନସିକ ଉଦାସୀନତା ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତିରେ ଉତ୍ସାହିତ ହୋଇପାରନ୍ତି। ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ**
ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଅନ୍ୟମାନଙ୍କ ବିନା ସାହାଯ୍ୟରେ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିରୋଧୀ ହେବେ।

**ମକର**
ନିକଟସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରୁ ବିଶେଷ ଲାଭ ପାଇବେ।

**କୁମ୍ଭ**
ଦିନଟିରେ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ବହୁତ ଭଲ କାମ କରିବେ। ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ**
କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ମାତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ଯାତ୍ରା ସଫଳ ହେବ।

ଆଜି ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର, ଡିସେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ଦିବା ଘ୭।୩ମି. ଗତେ, ଘ୮।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୩ମି. ଗତେ ଘ୧୦।୧୪ମି. ମଧ୍ୟେ, ଘ୧୨।୫୭ମି. ଗତେ ଘ୨।୧୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୧ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଘୋଷଣାକୁ...

କରନ୍ତୁ ବୋଲି ମତ ରଖିଛନ୍ତି। ହେଲେ କୌଣସି ଅଫିସରଙ୍କ ସହ ଆଲୋଚନା କରି ବିଜୟ ବିଜେଡି ଯିବେ ନାହିଁ ବୋଲି ତାଙ୍କର ଜଣେ ସମର୍ଥକ କହିଛନ୍ତି। ଭିତିରି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ୨୦୦୪ ଓ ୨୦୦୯ରେ ବିଜୟଙ୍କୁ ହରାଇବା ପାଇଁ ଯେଉଁ କେତେଜଣ ସରକାରୀ ଅଫିସର କାର୍ଯ୍ୟ କରିଥିଲେ, ସେମାନେ ଏବେ ବିଜୟଙ୍କୁ ବିଜେଡିକୁ ପାଛୋଟି ଆଣିବା ପାଇଁ ମସୁଧା ଚଳାଇଛନ୍ତି। ଏଥିରେ ଶକ୍ତି ବିଭାଗର ଜଣେ ଅଧିକାରୀ ପ୍ରମୁଖ ଭୂମିକା ନେଉଥିବା ରାଜଧାନୀରେ ଚର୍ଚ୍ଚା ହେଉଛି। ହେଲେ ଏହି ଯୋଜନାକୁ ଦଳର ନେତୃତ୍ୱ 'ଓକେ' କରୁଛନ୍ତି ନା ନାହିଁ, ତାହା ଉପରେ ରାଜନୈତିକ ମହଲର ନଜର ରହିବ। ଦୁଇଦିନ ତଳେ ଏହି ବାସ୍ତବତାଠାରୁ ଦୃଷ୍ଟି ହଟାଇବା ପାଇଁ ସୋସିଆଲ ମିଡିଆର ସାହାଯ୍ୟ ଲୋଡାଯାଇଥିଲା। ସଚିବାଳୟରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏକ ସଙ୍ଗେ ଗୁଜବ ସୃଷ୍ଟି କରାଇ ଦିଆଗଲା ଯେ, ୩ ଜଣ ବିଜେଡି ଏମ୍‌ପି, (୨ ଜଣ ରାଜ୍ୟ ସଭା ଓ ଜଣେ ଲୋକ ସଭାର) ମିଳିତ ଭାବେ ବିଜୟ ମହାପାତ୍ରଙ୍କ ସାଙ୍ଗେ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ମିଳିଥିବା ଖବର ଅନୁଯାୟୀ ଏହା ସତ୍ୟ ନୁହେଁ। ହେଲେ କେନ୍ଦ୍ରାପଡା ଜିଲାରେ ଦଳର ସ୍ଥିତିକୁ ମଜଭୁତ କରିବା ପାଇଁ ବିଜୟଙ୍କୁ ଭଲ ରାଜନୈତିକ ଅସ୍ତ୍ର ବୋଲି ବିଜେଡିର କେତେଜଣ ନେତା ବିଚାର କରୁଛନ୍ତି। ପୁଣି କେନ୍ଦ୍ରାପଡା ମୂଳ ନିବାସୀ ଦିଲୀପ ରାୟ ଉକ୍ତ ଜିଲାରୁ ପ୍ରତିନିଧିତ୍ୱ କରିବା ନେଇ ମଧ୍ୟ ଆଲୋଚନା ହେଉଛି। ୨୦୧୯ରେ ସେ ଆଉ ରାଉରକେଲାରୁ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି, ଯାହା ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ପୂର୍ବରୁ ଏମ୍‌ପି ଓ କେନ୍ଦ୍ରମନ୍ତ୍ରୀ ହୋଇଥିବା ଦିଲୀପ ବିଜେଡିକୁ ଆସିଲେ ଲୋକ ସଭା କି ରାଜ୍ୟ ସଭା ଲଢିପାରନ୍ତି ବୋଲି ଆଲୋଚନା ହେଉଛି। ହେଲେ ନବେ ଦଶକରେ ସୁପର୍ ସିଏମ୍ ବୋଲାଉଥିବା ବିଜୟ ବିଧାନସଭା ଛାଡି ଲୋକ ସଭା ନିର୍ବାଚନ ଲଢିବେ ଏକଥା କେତେକ ସମୀକ୍ଷକ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ତେଣୁ ୧୫ ଦିନ ପରେ ଉଭୟ ବିଜୟ ଓ ଦିଲୀପ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

## ବୁଶ୍‌ଙ୍କ ...

ସେ ଆମେରିକାର ନେତୃତ୍ୱ ନେଇଥିଲେ ଏବଂ ଏହି ଯୁଦ୍ଧର ଅନ୍ତ ଘଟାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ସର୍ବଶ୍ରେଷ୍ଠ ବାପା ଥିଲେ ବୋଲି ଜର୍ଜ ବୁଶ୍ ଜୁନିୟର କହିଛନ୍ତି। ଶୀତଳ ଯୁଦ୍ଧ ସମୟରେ ଏଚ.ଡବ୍ଲ୍ୟୁ. ବୁଶ୍‌ଙ୍କ ଅବିଚଳିତ ନେତୃତ୍ୱକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଚ୍ଚ ପ୍ରଶଂସା କରିଛନ୍ତି। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ବିଚକ୍ଷଣ ବୁଦ୍ଧିମତ୍ତା ଏବଂ ଆସ୍ଥା ପ୍ରତି ଦୃଢ଼ ପ୍ରତିବଦ୍ଧତା ଆମେରିକାର ପରବର୍ତ୍ତୀ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଟ୍ରମ୍ପ କହିଛନ୍ତି।

ବୁଶ୍ ଦୀର୍ଘଦିନ ହେବ ପାର୍କିନ୍‌ସନ ରୋଗରେ ପୀଡିତ ଥିଲେ। କିଛିବର୍ଷ ହେଲା ସେ ହ୍ୱିଲ୍ ଚେୟାର ବ୍ୟବହାର କରିଆସୁଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଯୋଗୁ କିଛିଦିନ ହେଲା ସେ ବାରମ୍ବାର ହସ୍ପିଟାଲ ଯାଉଥିଲେ। ଗତ ଏପ୍ରିଲ୍ ମାସରେ ସ୍ତ୍ରୀ ବାର୍ବରାଙ୍କ ପରଲୋକ ବେଳେ ସେ ମଧ୍ୟ ରକ୍ତ ସଂକ୍ରମଣରେ ଗୁରୁତର ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଶ୍‌ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ବୁଶ୍ ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ଼ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ ବୋଲି ମୋଦି କହିଛନ୍ତି।

## ଗହୀରକୁ...

ପ୍ରତିବାଦ କରିଥିଲେ। ଏପରି ସମ୍ବେଦନଶୀଳ ଘଟଣା ପ୍ରଘଟ ପରେ ସବୁଆଡୁ ନିନ୍ଦିତ ହୋଇଥିବା ପ୍ରଶାସନ ଅପାରଗତା ଘୋଡ଼ାଇବାକୁ ଖୋଳତାଡ଼ ଆରମ୍ଭ କରିଛି। ଶନିବାର ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ଛାନଭିନ୍ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।


ଅନୁଷ୍ଠାନ ସମ୍ମୁଖରେ ପ୍ରତିବାଦ କରୁଛନ୍ତି ବେଲଟିକିରି ଗ୍ରାମବାସୀ।

ଅପରପକ୍ଷେ ଅଭିଯୁକ୍ତ ସୀମାଞ୍ଚଳଙ୍କ ସ୍ତ୍ରୀ ଅନୁଷ୍ଠାନର ମୁଖ୍ୟ ଡ. ଫୟାଜ ରେହମାନଙ୍କ ବିରୋଧରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ସେ କହିଛନ୍ତି, ଅନୁଷ୍ଠାନ ପରିଦର୍ଶନ କରିବାକୁ ଆସୁଥିବାବେଳେ ଫୟାଜ୍ ନାବାଳିକାଙ୍କୁ କିସ୍ ଏବଂ ହଗ୍ କରିବାକୁ ବାଧ୍ୟ କରୁଥିଲେ। ଏହାକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି। ଏପରି ଅଭିଯୋଗକୁ ଅଧିକ ରୋଚକ କରିଛି ରୋଷେୟା ପୀତବାସ ଦିଗଲଙ୍କ ମତ। ପୀତବାସ କହିଛନ୍ତି, ଫୟାଜ ରେହମାନ ମାସେ ଦୁଇମାସରେ ଥରେ ଏଠାକୁ ଆସନ୍ତି। ତାଙ୍କୁ ଆଲିଙ୍ଗନ କରିବା, ଚୁମା ଦେବାକୁ ପ୍ରବର୍ତ୍ତାଯାଉଥିଲା। ସୀମାଞ୍ଚଳ ନାୟକଙ୍କ ବିଷୟରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟ କେତେଜଣ ଛାତ୍ରୀ ସୀମାଞ୍ଚଳଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି, ଯାହା ସମସ୍ତ ଘଟଣାକୁ ରହସ୍ୟାବୃତ କରିଛି।

ଏ ନେଇ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ପୋକ୍‌ସୋ ଆକ୍ଟରେ କୌଣସି ତଥ୍ୟ ଦେବାର ଅଧିକାର ପୋଲିସକୁ ଦିଆଯାଇନାହିଁ। ଜିଲାପାଳ କୁହନ୍ତି, ପିଲାଙ୍କ ସୁରକ୍ଷା ଏବଂ ପାଠପଢ଼ା ପ୍ରଥମ ଦାୟିତ୍ୱ। ସେମାନଙ୍କୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି। 'ଡ୍ରିମ୍ ସେଣ୍ଟର' ଶେଲ୍‌ଟର ଗୃହ ନୁହେଁ। ଅନୁଷ୍ଠାନ ପକ୍ଷରୁ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁମତି ଲାଗି ପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା। ଏହାକୁ ଅଗ୍ରାହ୍ୟ କରି ଦିଆଯିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ମାମଲା ବିଚାରାଧୀନ ରହିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାକୁ ନେଇ ବେଲଟିକିରି ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ଶିକ୍ଷାବିତ୍ ସୁଶାନ୍ତ ମିଶ୍ର, ବଳଭଦ୍ର ସାମଲ, ସତ୍ୟାନନ୍ଦ ମଲ୍ଲିକ ଏହାକୁ ଜଘନ୍ୟ ଘଟଣା ବୋଲି କହିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ପ୍ରଶାସନିକ ଅବହେଳାରୁ କେଲେଙ୍କାରୀ

୨୦୧୫ରେ ଢେଙ୍କାନାଳ ସହର କାଲ୍‌ଟାକ୍ସରେ ରହିଥିଲା 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶିଶୁଗୃହ। ଏହି ସମୟରେ ମଧ୍ୟ ସଂସ୍ଥା ବିରୋଧରେ ଆସିଥିଲା ଅନେକ ଅଭିଯୋଗ। ରାଜ୍ୟ ସରକାରଙ୍କ ସୋସାଇଟି ଆକ୍ଟ, ଟ୍ରଷ୍ଟ ଆକ୍ଟ ଏବଂ କମ୍ପାନୀ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିଲା ଅନୁଷ୍ଠାନ। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟକୁ ଅଣଦେଖା କରି ଏହା ଚାଲିଥିଲା। ଏସବୁ ଜଣାପଡ଼ିବା ପରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁ ଏହାକୁ ବନ୍ଦ କରିବାକୁ ୨୦୧୫ ଏପ୍ରିଲ ୨୭, ଚିଠି ନଂ. ୧୩୪/ଡିସିପିଓ/ଡିକେଏଲ୍‌ରେ ନିର୍ଦ୍ଦେଶ ଦେଇଥିଲେ। ଏହାର ନକଲ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ୩୦ଦିନ ମଧ୍ୟରେ ବନ୍ଦ କରା ନ ଗଲେ ଅନୁଷ୍ଠାନକୁ ବେଆଇନ ଦର୍ଶାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶେଲ୍‌ଟର ହୋମ୍ ସମ୍ପାଦକଙ୍କୁ ତାଗିଦ୍ କରାଯାଇଥିଲା।

ହେଲେ ପରବର୍ତ୍ତୀ ସମୟରେ ଏଥିପ୍ରତି ଆଖି ବୁଜିଦେଇଥିଲା ପ୍ରଶାସନ। ସଂସ୍ଥା କିପରି ଚାଲିଛି, ଅନ୍ତେବାସୀ କେମିତି ରହୁଛନ୍ତି ସେସବୁ ପ୍ରତି ବିଭାଗୀୟ ଅଧିକାରୀ ନଜର ଦେଇ ନ ଥିଲେ। ଫଳରେ ଅନ୍ତେବାସୀଙ୍କୁ ପୁଣିଥରେ ନିର୍ଯାତନା ଭୋଗିବାକୁ ପଡ଼ିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି ପୋଲିସ

ନୟାଗଡ଼ ଅଫିସ,୧।୧୨

- ନୟାଗଡ଼ ସଦର ଥାନା ଗୁଡୁପାଙ୍ଗୀ ଗ୍ରାମ
- କଙ୍ଗାରୁ କୋର୍ଟ କରି ଦେଲେ ଦଣ୍ଡ
- ଘର ଆଗରେ ପକାଯାଇଛି କଣ୍ଟାଡାଳ
- ୨ ପରିବାରକୁ ୨ଲକ୍ଷ ଲେଖାଏ ଜରିମାନା

ଲୋକଙ୍କୁ ସୁରକ୍ଷା ପାଇଁ ରହିଥିବା ପୋଲିସ ଶେଷରେ ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି। ଏଭଳି ଘଟଣା ନୟାଗଡ଼ ଜିଲା ସଦର ଥାନା ଗୁଡୁପାଙ୍ଗୀ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀ କଙ୍ଗାରୁ କୋର୍ଟ କରି ୨ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଟଙ୍କା ଦେବାରେ ଅମଙ୍ଗ ହେବାରୁ ଗୋଟିଏ ପରିବାରର ଘର ଆଗରେ ଦୁଇଦିନ ହେଲା କଣ୍ଟାବାଡ଼ ପକାଇ ସେମାନଙ୍କୁ ଅଟକାଇ ରଖାଯାଇଛି। ସେହିପରି ଆଉ ଏକ ପରିବାର ନିର୍ଯାତନାର ଶିକାର ହୋଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏପରିସ୍ଥଳେ ସଦର ପୋଲିସ ପୀଡ଼ିତମାନଙ୍କୁ ନ୍ୟାୟ ଦେବ କ'ଣ ଓଲଟି ଗ୍ରାମବାସୀଙ୍କ ଭୟରେ ଗ୍ରାମରେ ପାଦ ମଧ୍ୟ ପକାଉନାହିଁ।

ଘଟଣାରୁ ପ୍ରକାଶ ଯେ, ଗୁଡୁପାଙ୍ଗୀ ଗ୍ରାମର ଜଣେ ବିବାହିତା ମହିଳା ସେହି ଗ୍ରାମର ଜଣେ ଅବିବାହିତ ଯୁବକଙ୍କ ସହିତ ୪ମାସ ତଳେ ଫେରାର ହୋଇଯାଇଥିଲେ। ମହିଳାଙ୍କ ସ୍ୱାମୀ ବିଭିନ୍ନ ଆଡ଼େ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇଥିଲେ। ଏହା ପରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗ୍ରହଣ କରିବାକୁ ରାଜି କରାଇଥିଲେ। ଥାନାରେ ମଧ୍ୟ ଏହାର ଆପୋସ ସମାଧାନ ହୋଇଥିଲା। ସେପଟେ ଅବିବାହିତ ଯୁବକ ଜଣକ ଫେରି ଗ୍ରାମରେ ରହିଆସୁଥିଲେ। ୩ଦିନ ତଳେ ଏ ନେଇ ଗ୍ରାମରେ ସଭା କରାଯାଇଥିଲା। ମହିଳାଙ୍କୁ ସାଙ୍ଗରେ ନେଇ ଫେରାର ହୋଇଯାଇଥିବାରୁ ଅବିବାହିତ ଯୁବକଙ୍କୁ ୨ଲକ୍ଷ ଟଙ୍କା ଜରିମାନା ଦେବାକୁ ଗ୍ରାମ କମିଟି କଙ୍ଗାରୁ କୋର୍ଟ ମାଧ୍ୟମରେ ନିଷ୍ପତ୍ତି ନେଇଥିଲା। ହେଲେ ଯୁବକଙ୍କ ପରିବାର ଏଥିରେ ରାଜିହୋଇ ନ ଥିଲେ। ଫଳରେ ଗ୍ରାମବାସୀ ଦୁଇଦିନ ହେଲା ତାଙ୍କ ଘର ଆଗରେ କଣ୍ଟାଡାଳ ପକାଇ ରଖିଛନ୍ତି। ସେହିଭଳି ଗ୍ରାମର ଆଉ ଜଣେ ନିର୍ଯାତିତ ହେଲେ ସନ୍ତୋଷ ପରିଡ଼ା। ସନ୍ତୋଷ ଗ୍ରାମବାସୀଙ୍କ କଥା ଶୁଣନ୍ତି ନାହିଁ। ଫଳରେ ଗ୍ରାମରେ ରହୁଥିବା ୧୬୦ ପରିବାର ତାଙ୍କ ପରିବାରକୁ ଏକଘରିଆ ରଖିଥିଲେ। ସେ ଗ୍ରାମରେ ମିଶିବାକୁ ଚାହିଁବାରୁ ୨ଲକ୍ଷ ଟଙ୍କା ଜରିମାନା ଦେଲେ ତାଙ୍କ ଉପରେ ଥିବା କଟକଣା ଉଠିଯିବ ବୋଲି ଗ୍ରାମର ମୁଖିଆମାନେ କହିଥିଲେ। ହେଲେ ସନ୍ତୋଷ ଏଥିରେ ରାଜି ହେଲେ ନାହିଁ। ଏ ନେଇ ସନ୍ତୋଷ ଜିଲାପାଳ, ଏସ୍‌ପି ଓ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଟଙ୍କାଦେଇ ନ ଥିବାରୁ ଗ୍ରାମବାସୀ ଶନିବାର ସନ୍ତୋଷଙ୍କ ବିଲର ସମସ୍ତ ଧାନ କାଟି ଦେଇଛନ୍ତି। ରବିବାର ଏହି ଧାନ ଗ୍ରାମକୋଠକୁ ଆଣିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଥାନାରେ ଅଭିଯୋଗ ହେବା ପରେ ଲୋକଙ୍କୁ ନ୍ୟାୟ ବଦଳରେ ପୋଲିସ ମୁଣ୍ଡ ନୁଆଁଇବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। ଏ ନେଇ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ଗ୍ରାମକୁ ଭୟରେ ଯାଇ ନ ଥିବା ପ୍ରକାଶ କରିଥିଲେ। ଏହାସହ ଗ୍ରାମ ସଭାପତିଙ୍କୁ ଫୋନ୍ ଯୋଗେ ଡକାଇଥିଲେ ମଧ୍ୟ ସେମାନେ ଆସୁ ନ ଥିବା ସେ କହିଥିଲେ। ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ କହନ୍ତି, ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ନେଇ ଗ୍ରାମରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବଙ୍ଗୀୟ...

ଠିକ୍ ନ ଥିବା ଏବଂ ବିଭିନ୍ନ ସମୟରେ ସେ ଘର ଛାଡି ଅନ୍ୟତ୍ର ପଳାଇ ଯାଉଥିବା ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିବା ସ୍ଥାନୀୟ ଥାନା ସୂତ୍ରରୁ ଜଣାପଡିଛି।

ଶନିବାର ସକାଳେ ୧୩ ବର୍ଷୀୟା ଏହି ନାବାଳିକା ଭୋଗରାଇ ରସଲପୁର ଛକଠାରେ ଏକୁଟିଆ ଯାଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ସନ୍ଦେହ କରି ପଚରାଉଚୁରା କରିବାରୁ ସେ ଦୌଡ଼ିବା ଆରମ୍ଭ କରିଥିଲେ। ପରେ କୁମ୍ଭୀରଗଡ଼ି ସରପଞ୍ଚ ରତନ ବାଗ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ନାବାଳିକା ଜଣକ ସେଠାରେ ଗଣବଳାତ୍କାର ଘଟଣା କହିଥିଲେ। ପ୍ରଥମେ ୪/୫ ଜଣ ଯୁବକ ତାଙ୍କୁ ଦୀଘାର ଏକ ହୋଟେଲରେ ରଖି ସେଠାର ଭୋଗରାଇ ରସଲପୁରକୁ ଆଣିଥିଲେ। ଶୁକ୍ରବାର ରାତିରେ ଏକ ଘରେ ତାଙ୍କୁ ନିଶା ବଟିକା ଖୁଆଇ ମୋବାଇଲ୍‌ରେ ଅଶ୍ଳୀଳ ଛବି ଦେଖାଇ ଗଣବଳାତ୍କାର କରିଥିଲେ। ନାବାଳିକାଙ୍କ ଏଭଳି ବୟାନ ଶୁଣିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଥାନା ଜିମାରେ ଛାଡିଥିଲେ। ଥାନାରେ ନାବାଳିକାଙ୍କୁ ଜେରା ବେଳେ ସେ ଭିନ୍ନ ଭିନ୍ନ କଥା କହିବାରୁ ଏଥିରେ ସନ୍ଦେହ କରି ଏକ ପୋଲିସ ଟିମ୍‌କୁ ସଙ୍ଗେ ସଙ୍ଗେ ତାଙ୍କ ଘରକୁ ପଠାଯାଇଥିଲା। ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ନାବାଳିକାଙ୍କ ମା'ବାପାଙ୍କୁ ଭେଟି ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପୀଡିତା ନାବାଳିକା ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସେ ଘରୁ ପଳାଇ ଆସିଥିବା କହିଥିଲେ। ଖବର ଲେଖା ହେବା ବେଳକୁ ନାବାଳିକାଙ୍କ ବାପା ଭୋଗରାଇ ଥାନାରେ ପହଞ୍ଚିଥିବା ଜଣାପଡିଛି। ତେବେ ନାବାଳିକା ଜଣକ ଦୀଘାର କେଉଁ ହୋଟେଲରେ ଥିଲେ ଏବଂ ସେଠାରୁ ତାଙ୍କୁ କିଏ ଭୋଗରାଇ ଆଣିଲା ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା କହିଛି।

## 'ଧରିତ୍ରୀ'...

ଶାଖାରେ ହେଉଥିବା ଅବ୍ୟବସ୍ଥା ସମ୍ପର୍କରେ ଖବର ପ୍ରକାଶନ ପରେ ଏହାକୁ ଚାପି ଦେବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ। ଅନ୍ୟ ଶାଖାଗୁଡ଼ିକୁ ତୁରନ୍ତ ଏ ନେଇ ସତର୍କ କରାଇ ଦିଆଯାଇଥିଲା। ଏପରି କି ଅନୁଷ୍ଠାନର କାର୍ଯ୍ୟାବଳୀ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ ନ କରିବାକୁ ତାଗିଦ୍ ମଧ୍ୟ କରାଯାଇଥିଲା।

ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାକୁ ପ୍ରମୋଦ ରାଉଳ ନାମକ ଜଣେ ଅଧିକାରୀ ଇମେଲ୍ ଯୋଗେ ସେପ୍ଟେମ୍ବର ୨୪ରେ ଅନୁଷ୍ଠାନଗୁଡିକୁ ଜଣାଇଥିଲେ। ଏହି ଚିଠି ବେଲଟିକିରି ସେଣ୍ଟରର କେୟାରଟେକର ସୀମାଞ୍ଚଳ ନାୟକଙ୍କ ପାଖକୁ ମଧ୍ୟ ଆସିଥିଲା, ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି, 'ଧରିତ୍ରୀ' ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ସାବଧାନ ରୁହ। କେବଳ ଏତିକି ନୁହେଁ, ଅନୁଷ୍ଠାନ ମୁଖ୍ୟଙ୍କ ପରିଦର୍ଶନବେଳେ ପିଲାମାନେ କିସ୍, ହଗ୍ କରୁଥିବା ସମ୍ପର୍କରେ କାହାରିକୁ ନ କହିବାକୁ ମଧ୍ୟ ଏଥିରେ ପରାମର୍ଶ ମଧ୍ୟ ଦିଆଯାଇଛି। ଏଥିସହ ଫୟାଜଙ୍କୁ ପିଲାମାନେ 'ଡାଡି' ଡାକୁଛନ୍ତି ବୋଲି କହିବା ପାଇଁ ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ଏହି ଚିଠି ପଦାକୁ ଆସିବା ପରେ ପୁଣିଥରେ ପର୍ଦ୍ଦାଫାଶ ହୋଇଛି ଅନୁଷ୍ଠାନର କଳାକାରନାମା।


Creator of Prestige Jewellery
in Pure Gold & Diamond
SYNDICATE®
BEST IN GOLD & DIAMOND
www.syndicatejewellers.com
KOLKATA : 22, Camac Street, Block - A, 1st Floor, Kolkata -16, Ph. : 2281 4137/3596
KOLKATA CITY CENTRE-1 : E-105A, 1st Floor, City Centre, Salt Lake, Ph : 2358 6622/23
KOLKATA CITY CENTRE-2 : B-0003, Ground Floor, City Centre, Rajarhat, Ph : 2526 6082/83
SILIGURI • GUWAHATI • MUMBAI • RANCHI • BHUBANESWAR • BERHAMPUR

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ନିରର୍ଥକ ପ୍ରସ୍ତାବ



ଆକାର ପଟେଲ

ପଳାତକ ଅର୍ଥନୈତିକ ଅପରାଧୀମାନଙ୍କ ସହ ମୁକାବିଲା ଲାଗି ସହଯୋଗ କରିବା ନିମନ୍ତେ ଭାରତ ଜି–୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏକ ୯–ସୂତ୍ରୀ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବଗୁଡ଼ିକ ଭିତରେ ଅଛି: ଆଇନଗତ ପ୍ରକ୍ରିୟାରେ ସହାୟତା କରିବା ଓ ଅପରାଧୀଙ୍କୁ ଯଥାସତ୍ୱର ସ୍ୱଦେଶକୁ ଫେରାଇଦେବା ଇତ୍ୟାଦି। କୌଣସି ଅର୍ଥନୈତିକ ଅପରାଧୀ ଅନ୍ୟ ଦେଶରୁ ପଳାୟନ କରି ଭାରତରେ ଆସି ରହିଥିବା କଥା ମୋତେ ଜଣାନାହିଁ। ତେଣୁ ଭାରତ ଏହି ପ୍ରସ୍ତାବ ଦେବା ମୂଳରେ ଅଛି ଭାରତରୁ ଯେଉଁ ଅର୍ଥନୈତିକ ଅପରାଧୀ ସେସବୁ ଦେଶରେ ଯାଇ ରହୁଛନ୍ତି, ସେମାନଙ୍କୁ ଭାରତକୁ ଫେରାଇ ଆଣିବା। ଜି–୨୦ ଦେଶଗୁଡ଼ିକ ହେଉଛି: ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡ଼ା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲି, ଜାପାନ, କୋରିଆ, ମେକ୍ସିକୋ, ରୁଷିଆ, ସୌଦୀ ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଇଂଲଣ୍ଡ, ଆମେରିକା ଓ ୟୁରୋପୀୟ ସଂଘ।

ପୁନଶ୍ଚ ଭାରତର କୌଣସି ପଳାତକ ଅପରାଧୀ ଯାଇ ରୁଷିଆ, ସୌଦୀ ଆରବ, ତୁର୍କୀ, ଜାପାନ, କୋରିଆ, ମେକ୍ସିକୋ ଓ ଇଣ୍ଡୋନେସିଆ ଭଳି ଦେଶରେ ଯାଇ ରହିଥିବା ମୋତେ ଜଣାନାହିଁ। ସେମାନଙ୍କ ପସନ୍ଦର ସ୍ଥାନ ହେଉଛି ଇଂଲଣ୍ଡ। ତା'ହେଲେ ଆମେ କାହିଁକି ଆମ ନାଗରିକମାନଙ୍କୁ ଫେରାଇଦେବା ଲାଗି ଇଂଲଣ୍ଡକୁ ବାଧ୍ୟ କରିପାରୁ ନାହୁଁ? ବୁକି ସଞ୍ଜୀବ କୁମାର ଚାୱ୍ଲା ଏବଂ ଏକ ଦମ୍ପତି ଯତିନ୍ଦର ଓ ଆଶାରାଣୀ ଅଙ୍ଗୁରାଲାଙ୍କୁ ଭାରତକୁ ହସ୍ତାନ୍ତର କରିବା ଲାଗି ଭାରତ ଆବେଦନ କରିଥିବା ବେଳେ ଗତ ନଭେମ୍ବର ମାସରେ ୱେଷ୍ଟମିନ୍ଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବିଚାରପତି ରେବେକା କ୍ରେନ୍ କହିଲେ ଯେ, ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଭାରତରେ ଫେବୃଆରୀ–ମାର୍ଚ୍ଚ ୨୦୦୦ରେ ହୋଇଥିବା କ୍ରିକେଟ୍ ଖେଳରେ ଚାୱ୍ଲା ଫିକ୍ସିଂରେ ଜଡ଼ିତ ଥିବା ନେଇ ସ୍ପଷ୍ଟ ପ୍ରମାଣ ରହିଛି ବୋଲି ସେ ଅନୁଭବ କରନ୍ତି। ତଥାପି ସେ ଚାୱ୍ଲାଙ୍କୁ ଭାରତ ହାତରେ ସମର୍ପଣ କରିଦେଇ ପାରିବେ ନାହିଁ କାରଣ ତାଙ୍କୁ ତିହାର ଜେଲରେ ରଖାଯାଇ ତାଙ୍କର ମାନବିକ ଅଧିକାରର ଉଲ୍ଲଂଘନ କରାଯିବାର ଆଶଙ୍କା ରହିଛି। ତିହାର ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି, ସେଠାରେ ଡାକ୍ତରୀ ଚିକିତ୍ସାର ଯଥେଷ୍ଟ ସୁବିଧା ନାହିଁ ଏବଂ ସେଠାରେ କଏଦୀଙ୍କୁ ଜେଲ କର୍ମଚାରୀ ବା ଅନ୍ୟ କଏଦୀଙ୍କ ଦ୍ୱାରା ନିର୍ଯାତନା ମିଳିବାର ଆଶଙ୍କା ରହିଛି। ଅନ୍ୟ ମାମଲାଟିରେ ବିଚାରପତି ଏମ୍ମା ଆର୍ବଥ୍‌ନଟ୍ କହିଲେ ଯେ, ଅପରାଧୀ ଦମ୍ପତିଙ୍କୁ ଭାରତକୁ ହସ୍ତାନ୍ତର କରିବା ଅନ୍ୟାୟ ହେବ, କାରଣ ସିବିଆଇ ବହୁ ବିଳମ୍ବ କରିଦେଇଛି।

ଅନେକ ସମୟରେ ଭାରତ ପଳାତକ ଅପରାଧୀମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବାରେ ଅସଫଳ ହେବାର କେତେକ କାରଣ ବିଷୟରେ ଏଠାରେ ଆଲୋଚନା କରିବା ଯୁକ୍ତିସଙ୍ଗତ ହେବ। ପ୍ରଥମ ପ୍ରସଙ୍ଗଟି ହେଉଛି ଆମ ତଦନ୍ତର ମାନ। ଭାରତ ଯେଉଁ ପ୍ରମାଣ ଦିଏ, ତାହା ସିବିଆଇ ତଦନ୍ତ କରି ସଂଗ୍ରହ କରିଥାଏ। ବର୍ତ୍ତମାନ ସରକାରଙ୍କ ଅମଳରେ ଏହି ତଦନ୍ତକାରୀ ସଂସ୍ଥା ତା'ର ବିଶ୍ୱସନୀୟତା ହରାଇଛି। ଏହାର ଦୁଇ ତୁଙ୍ଗ ଅଧିକାରୀ ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଭାରତ ନିଜେ ଯେତେବେଳେ ସିବିଆଇ ଉପରେ ଭରସା କରୁନାହିଁ, ବାହାର ଦେଶ କାହିଁକି କରିବ ? ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ଆମ ଜେଲଗୁଡ଼ିକର ଅବସ୍ଥା। ୨୦୧୩ ମାର୍ଚ୍ଚମାସରେ ନିର୍ଭୟା ମାମଲରେ ଗିରଫ ହୋଇଥିବା ମୁଖ୍ୟ ଅପରାଧୀ ରାମ ସିଂ ତିହାର ଜେଲର ଏକ ଛୋଟ କୋଠରିରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବା ଦେଖାଯାଇଥିଲା। ତିହାର ଲ ଅଫିସର ଓ ମୁଖପାତ୍ର କହିଲେ ଯେ, ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ଜାଣିହେଉ ନାହିଁ। ୨୦୦୯ ମସିହାରେ ଏକ ଦୁର୍ଘଟଣାରେ ସିଂଙ୍କ ଦୁଇ ହାତ ଭାଙ୍ଗିଯାଇଥିଲା ଏବଂ ତାଙ୍କ ଡାହାଣ ହାତରେ ରଡ୍ ଦିଆଯାଇ ଅପରେଶନ କରାଯାଇଥିଲା। ସେ ହାତ ମୁଠା କରିପାରୁ ନ ଥିଲେ କି ବଙ୍କା କରିପାରୁ ନ ଥିଲେ। ଏପରି ଅବସ୍ଥାରେ ସେ ସିଲିଂରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କଲେ ଓ ସେହିଏକା ପ୍ରକୋଷ୍ଠରେ ରହୁଥିବା ଅନ୍ୟ ତିନିଜଣ ସାଥୀ କିଛି ଜାଣିପାରିଲେ ନାହିଁ କିପରି ?

୧୯୯୫ ମସିହାରେ ସରକାର ଇକବାଲ ମିର୍ଚ୍ଚିଙ୍କୁ ଭାରତ ଫେରାଇ ଆଣିବା ଲାଗି ସିବିଆଇକୁ ପଠାଇଥିଲା। ସେତେବେଳେ ମୁଁ ମୁମ୍ବାଇର ଏକ ଦୌରା କୋର୍ଟର ରିପୋର୍ଟର ଥିଲି। ମିର୍ଚ୍ଚିଙ୍କ ଓକିଲ ଶ୍ୟାମ କେଶ୍‌ୱାନି ମୋତେ ଏକ ଦଲିଲ ଦେଇଥିଲେ ଯାହାକୁ ଭାରତ ସରକାର ବ୍ରିଟିଶ ମାଜିଷ୍ଟ୍ରେଟ୍‌ଙ୍କୁ ଦେଇଥିଲେ। ଏହା ହେଉଛି ୨୦୦ ପୃଷ୍ଠାର ଏକ ଅଭିଯୋଗ ଫର୍ଦ୍ଦ। ଏହାର ପ୍ରଥମ ୧୯୯ ପୃଷ୍ଠା ଭିତରେ ଅଭିଯୁକ୍ତଙ୍କ ବିଷୟରେ କିଛି ଲେଖା ନ ଥିଲା। କେବଳ ଶେଷ ପୃଷ୍ଠାରେ ଲେଖା ଥିଲା "Also wanted in the case, one Iqbal Memon alias Mirchi." ତେଣୁ ବ୍ରିଟିଶ ବିଚାରପତିମାନେ ଏ ମାମଲାକୁ ଖାରଜ କରିଦେବା ସ୍ୱାଭାବିକ।

ପ୍ରଧାନମନ୍ତ୍ରୀ ମୋଦି ଜି–୨୦ ଦେଶଗୁଡ଼ିକୁ କହିଛନ୍ତି ଯେ, ଦେଶ ଦେଶ ଭିତରେ ହେଉଥିବା ସଂଗଠିତ ଅପରାଧର ମୁକାବିଲା କରିବା ଲାଗି ସେମାନେ ଅନ୍ତର୍ଜାତୀୟ ନୀତିନିୟମ ପାଳନ କରିବା ସହ ପରସ୍ପରକୁ ସକ୍ରିୟ ସହଯୋଗ କରିବା ଆବଶ୍ୟକ। ତେବେ ଅନ୍ୟ ଦେଶରେ ନ୍ୟାୟପାଳିକା ସ୍ୱାଧୀନ। ସେମାନେ ପଳାତକ ଅପରାଧୀର ଯୁକ୍ତି ଶୁଣିବା ପରେ ନିଷ୍ପତ୍ତି ନିଅନ୍ତି। କିନ୍ତୁ ଆମ ଦେଶରେ ଗୋଇନ୍ଦା ସଂସ୍ଥା, ନ୍ୟାୟପାଳିକା ଓ ଜେଲ ବ୍ୟବସ୍ଥାରେ ଅନେକ ବ୍ୟତିକ୍ରମ ରହିଛି। ଅନ୍ୟ ଦେଶ କ'ଣ କରିବା ଉଚିତ ତାହା ଉପରେ ଗୁରୁତ୍ୱ ନ ଦେଇ ଆମେ ନିଜର ଦୋଷତ୍ରୁଟି ସୁଧାରିବା ଆବଶ୍ୟକ। ଏହି ଦୃଷ୍ଟିରୁ ଜି–୨୦ ଦେଶଗୁଡ଼ିକ ଆଗରେ ମୋଦି ଯେଉଁ ପ୍ରସ୍ତାବ ରଖିଛନ୍ତି ତାହା ନିରର୍ଥକ। ଆମେ ନିଜ ଦେଶର ଆଇନକାନୁନ ଯେପରି ଠିକ୍ ଭାବରେ ପାଳନ ହୁଏ, ତାହା ଉପରେ ଗୁରୁତ୍ୱ ଦେଲେ ଅନ୍ୟ ଦେଶଗୁଡ଼ିକ ଆମକୁ ସମ୍ମାନ ଦେବେ। କିନ୍ତୁ ଆମେ ବର୍ତ୍ତମାନ ସେହି ସମ୍ମାନ ପାଇବାକୁ ହକ୍‌ଦାର ହୋଇ ନ ପାରିବା ଆମ ପାଇଁ ଲଜ୍ଜାଜନକ ବିଷୟ।

Email: aakar.patel@gmail.com

# ଦୁଃଖୀ ଅରକ୍ଷିତ ସେବା କାରଣେ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସନ୍ଧ୍ୟାବେଳେ ଠାକୁରଘରେ ଧୂପ ଦେଇ ବାରବର୍ଷର ପିଲାଟିଏ ଚକାମାଡି ବସି ଯାଉଥିଲା ଓ ମା'ଙ୍କ ନିର୍ଦ୍ଦେଶରେ ଯେଉଁ ପ୍ରାର୍ଥନାଟି ତନ୍ମୟ ଚିତ୍ତରେ ବୋଲୁଥିଲା, ତା' ମଧ୍ୟରେ ପଦଟିଏ ଥିଲା ଏହିପରି– 'ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ।' ଏମିତି ସବୁଦିନ ବୋଲୁ ବୋଲୁ ପ୍ରାର୍ଥନାର ଉଚ୍ଚାରଣଟି କେତେବେଳେ ତା' ମଧ୍ୟରେ ଆଚରଣରେ ରୂପାନ୍ତରିତ ହୋଇସାରିଥିଲା, ସେ ନିଜେ ଜାଣି ନ ଥିଲା। ଦିନେ ଖେଳଛୁଟିରେ ସେ ତା' ଟିଫିନ ବାକ୍ସରୁ ମା' ଦେଇଥିବା ଟିଫିନ ଖାଇବାକୁ ଯାଉଛି, ଦେଖିଲା ରାସ୍ତା ଉପରେ ଥାଇ ତା' ଆଡ଼କୁ ଅନାଥ ପିଲାଟିଏ ଆତୁର ଆଖିରେ ଚାହିଁ ରହିଛି। ତା'ର ଦାରିଦ୍ର୍ୟ ଅନୁଭବ କରି ପିଲାଟିର କରଚରଣରେ ସଞ୍ଚରିତ ହେଲା ଏକ ଅଦ୍ଭୁତ ଶକ୍ତିର ପ୍ରଭାବ। ସେ ତା'ର ଟିଫିନତକ ସେଇ ଦରିଦ୍ର ପିଲାଟି ହାତରେ ଟେକିଦେଇ ନିଜକୁ ତୃପ୍ତ ମନେକଲା।

ଘରକୁ ଫେରି ମା' ପାଖେ ତା'ର ଏମନ୍ତ ସହୃଦୟତା ପାଇଁ ସାବାସି ପାଇବାକୁ ଅପେକ୍ଷା କରୁଥିଲା ବେଳେ ମା' କିନ୍ତୁ କ୍ରୋଧରେ ଗର୍ଜି ଉଠିଲେ। କହିଲେ, ସେଭଳି ଭିକାରିଙ୍କ ସହ ତୋର କି ସମ୍ପର୍କ? ଖବର୍‌ଦାର! ଏଣିକି ଏମିତି ଦାନୀ କର୍ଣ୍ଣ ବୋଲାଇଲେ ତୋ ଟିଫିନ ପୂରା ବନ୍ଦ କରିଦେବି। ପିଲାଟି ବୁଝିପାରୁ ନ ଥିଲା। ଦୁଃଖୀଜନଙ୍କର ସେବା ପାଇଁ ଶିକ୍ଷା ଦେଉଥିବା ସେଇ ପ୍ରାର୍ଥନାଟି ସବୁଦିନ ସନ୍ଧ୍ୟାରେ ବୋଲିବା ପାଇଁ ତାଗିଦ କରୁଥିବା ମା'ଙ୍କର ଭିନ୍ନ ଏକ ଚେହେରା ଦେଖି ସେ ଚକିତ ହେଉଥିଲା। ବଡ଼ମାନଙ୍କ ଆଦର୍ଶ ଓ ଆଚରଣ ଭିତରେ ଭୟଙ୍କର ଭିନ୍ନତା ଦେଖି ସେ କିଛି କୈଫିୟତ ମାଗିପାରୁ ନ ଥିଲା ନିଜ ମା'ଙ୍କଠାରୁ। ମାତ୍ର ସତ୍ୟ ଅସତ୍ୟ, ନୀତି ଅନୀତି ଓ ଆଚାର ଅନାଚାରର ଦ୍ୱନ୍ଦ୍ୱ ମଧ୍ୟରେ ପରିପୁଷ୍ଟ ହୋଇଥିବା ଶୈଶବର ସଂସ୍କାରକୁ ନେଇ ସେ ଯେତେବେଳେ ବଡ଼ ହେଲା, ଦେଖିଲା ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଥିବା ବୈଷମ୍ୟକୁ ଆପଣେଇ ନେଇ ସଭିଏଁ ମାଡ଼ିଚାଲିଛନ୍ତି ନିଜ ନିଜର ସମୃଦ୍ଧି ପଥରେ। ସୁତରାଂ ସେ ମଧ୍ୟ ସ୍ୱାର୍ଥସେବାର ଗଣଦୌଡ଼ରେ ଅନ୍ୟ ସଭିଙ୍କୁ ପଛରେ ପକାଇ ଆଗକୁ ବଢ଼ିବା ପାଇଁ ତତ୍ପର ହୋଇ ଉଠିଲା। ଭୁଲିଗଲା ଦୁଃସ୍ଥ ଦୁର୍ଗତଙ୍କ ସେବା ପାଇଁ ପ୍ରେରିତ କରିଥିବା ସେଇ ବାଲ୍ୟକାଳର ପ୍ରାର୍ଥନା।

ଏମିତି ଜଣେ ମଣିଷର ସାଙ୍କେତିକ ଚିତ୍ର ମଧ୍ୟରେ ପ୍ରତିବିମ୍ବିତ ହୁଏ କୋଟି କୋଟି ସାଧାରଣ ମଣିଷଙ୍କ ଚରିତ୍ର ସାଧନର କଥା, ପ୍ରକଟିତ ହୁଏ ସେମାନଙ୍କ ସ୍ୱଭାବସିଦ୍ଧ ସ୍ୱାର୍ଥପରତା। ସ୍ୱାର୍ଥର ସଡ଼କରେ ବାଟ ଚାଲି ଚାଲି ତଥାପି ଥକିପଡ଼ି ନ ଥିବା ବଳଶାଳୀ ପାଦ ଦିଓଟିର ବ୍ୟଥା। ଏହି କୋଟି କୋଟି ସାଧାରଣ ଲୋକଙ୍କ ମଧ୍ୟରେ କଦବା କେଉଁଠି ଜଣେ ଜଣେ ଅସାଧାରଣ ଲୋକ ଦୃଷ୍ଟିରେ ପଡ଼ନ୍ତି, ଯେଉଁମାନେ ଏକ ନିଆରା ଜୀବନ ଜିଇବାରେ ଆନନ୍ଦ ପାଆନ୍ତି। ଦୁଃଖୀର ଦୁଃଖ ଲାଘବ କରି ନ ପାରିଲେ ନିଜକୁ ଅସମ୍ପୂର୍ଣ୍ଣ ମନେକରନ୍ତି। ଅନ୍ୟର ସୁଖରେ ଏମାନେ ହସନ୍ତି ଯେମିତି, ଦୁଃଖରେ ବି କାନ୍ଦନ୍ତି ସେମିତି। ଦୁଃଖୀ ଜନଙ୍କର ସେବା ପାଇଁ କରଚରଣରେ ବଳ ଭରିଦେବାକୁ ଶୈଶବରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିବାର ବହୁଦିନ ପରେ ବି ଉତ୍ତାଳ ଯୌବନର ସକଳ ଉଦ୍ଦାମତା ସତ୍ତ୍ୱେ ତଥାପି ପାସୋରି ଯାଉ ନ ଥିବା ଏଇ କତିପୟ ବ୍ୟତିକ୍ରମମାନେ ପ୍ରକୃତରେ ଅନନ୍ୟ, ଅସାଧାରଣ।

ସେ ଜଣେ ବ୍ୟାଙ୍କ ମ୍ୟାନେଜର। ମାସକୁ ପ୍ରାୟ ଅଶୀହଜାର ଟଙ୍କା ଉପାର୍ଜନ କରିପାରୁଥିବା ଭଳି ସାମର୍ଥ୍ୟ ନେଇ ବିପୁଳ ଐଶ୍ୱର୍ଯ୍ୟ ମଧ୍ୟରେ ସେ ବୁଡ଼ି ରହିପାରନ୍ତେ। ନିଜ ଚାରିପାଖର ଦୁନିଆରେ ଦାରୁଣ ଦୁଃଖ ମଧ୍ୟରେ ଆତଯାତ ହେଉଥିବା ଆର୍ତ୍ତଜନମାନଙ୍କୁ ଆଡ଼ଆଖିରେ ନ ଚାହିଁ ନିଜ ସୁଖରେ ନିଜେ ବଞ୍ଚି ରହିପାରନ୍ତେ। ମାତ୍ର ସେ ଏମିତି ଜୀବନଟିଏ ଜିଇପାରନ୍ତି ନାହିଁ। ପ୍ରାଚୁର୍ଯ୍ୟର ଔଜ୍ଜ୍ୱଲ୍ୟ ପ୍ରତି ନିୟତ ତାଙ୍କୁ ଉଭାସିତ କରୁଥିଲେ ମଧ୍ୟ ନିଜ ଆଖି ଆଗରେ ଅସହାୟତାର ଅନ୍ଧାର ମଧ୍ୟରେ ବୁଡି ରହିଥିବା ଲୋକମାନଙ୍କୁ ଦେଖି ସେ ନିଜକୁ ଦୀପ୍ତିହୀନ ମନେକରନ୍ତି। କେଉଁଠି ଅଭାବୀ ବାପାର ପୁଅ କେହି ଅଧାରୁ ପାଠପଢ଼ା ଛାଡିଦେଲେ ଅବା ଅନ୍ୟ କେଉଁଠି ବିନା ଚିକିତ୍ସାରେ କେହି ଗରିବ ରୋଗୀ ମରିବାକୁ ଯାଉଥିଲେ ନିଜର ସମ୍ବଳ ସହ ସେ ଆଗେଇ ଆସନ୍ତି ଓ ଲଢ଼ିବାକୁ ଅଣ୍ଟା ଭିଡ଼ନ୍ତି ସେଇ ଚିହ୍ନା ଅଚିହ୍ନା ଲୋକମାନଙ୍କ ଦୁର୍ଭାଗ୍ୟ ସହ। ପ୍ରତିମାସ ନିଜ ଦରମାରୁ ସେ ଖର୍ଚ୍ଚ କରନ୍ତି ପ୍ରାୟ ଦଶହଜାର ଟଙ୍କା, କେଉଁଠି ମରିବାକୁ ଯାଉଥିବା ଲୋକଟି ପାଇଁ ନିଃଶ୍ୱାସ କିଣିବାରେ ତ ଅନ୍ୟ କେଉଁଠି ଭବିଷ୍ୟତର ଆଶା ହରାଇ ବସିଥିବା ପିଲାଟି ପାଇଁ ବିଶ୍ୱାସ କିଣିବାରେ।

ଅନାଥ ପିଲାଟିକୁ ଟିଫିନ ଦେଇଦେବାରୁ ପୁଅ ଉପରେ ବିରକ୍ତ ହୋଇଥିବା ମା' ଜଣଙ୍କ ପରି ମ୍ୟାନେଜର ବାବୁଙ୍କ ମା' ମଧ୍ୟ ପୁଅ ଉପରେ ବିରକ୍ତ ହୁଅନ୍ତି। କହନ୍ତି, କାହିଁକି ପର ପାଇଁ ପଇସା ପାଣିଭଳି ଖର୍ଚ୍ଚ କରୁଛୁ ତୁ? ମା'ଙ୍କ ଆକଟରେ ପୁଅ ହସନ୍ତି ଓ କହନ୍ତି, ତୁ ଲଗାଇଥିବା ଗଛର ଫଳ ଖାଇବାର ଅଧିକାର ତୋର ଅଛି ନିଶ୍ଚୟ। ମାତ୍ର ତୋ ପେଟ ପୂରିଗଲା ପରେ ବଳକା ଫଳଗୁଡ଼ିକୁ ଭୋକିଲା ଲୋକଙ୍କୁ ବାଣ୍ଟିଦେଲେ ତୁ ଆପତ୍ତି କରୁଛୁ କାହିଁକି? ତୋର ତ ବରଂ ଖୁସି ହେବା କଥା ଯେ ତୋ ଗଛର ଫଳ ଅନ୍ୟମାନେ ଖାଇ ନିଜ ନିଜର ଭୋକ ମେଣ୍ଟାଉଛନ୍ତି। ଏମିତି ଏକ ଫଳନ୍ତି ବୃକ୍ଷର ଜନନୀ ହେବା ଯେ କେତେ ତପସ୍ୟାର ଫଳ ସତେ!

ବହୁବର୍ଷ ତଳେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗି ଯେତେବେଳେ ଷାଠିଏରୁ ଊର୍ଦ୍ଧ୍ୱ ଲୋକ ଅକାଳରେ ଜଳି ଯାଉଥିଲେ, ସେତେବେଳେ ଯୁବକଟିଏ ବାରମ୍ବାର ପ୍ରେକ୍ଷାଳୟର ଅଗ୍ନିବଳୟ ମଧ୍ୟକୁ ପଶିଯାଉଥିଲା ଓ ଜଣକ ପରେ ଜଣକୁ ଉଦ୍ଧାର କରି ବାହାରକୁ ନେଇ ଆସୁଥିଲା। ଏମିତି ଚାରିଜଣଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇ ସାରିଲା ବେଳକୁ ସେ ମଧ୍ୟ ଅଗ୍ନିଶ୍ୱାସରେ ଶିଝିଯାଇଥିଲା। ମାତ୍ର ସେଥିକୁ ଖାତିର ନ କରି ସେ ପଞ୍ଚମ ଲୋକକୁ ଉଦ୍ଧାର କରିବା ପାଇଁ ଆଉଥରେ ନିଆଁଘେରକୁ ପଶିଲା ବେଳକୁ ଜଣେ କେହି ତାଙ୍କୁ ଅଟକାଇ ଦେଲେ ଓ ପଚାରିଲେ, ତୁମର ଆଉ କେହି ସମ୍ପର୍କୀୟ କ'ଣ ହଲ୍ ଭିତରେ ରହିଯାଇଛନ୍ତି? ଯୁବକଟି ସାମାନ୍ୟ ହସି ଉତ୍ତର ଦେଲା, ଏମାନେ କେହି ମୋର ପରିଚିତ ବି ନୁହନ୍ତି, ସମ୍ପର୍କୀୟ ତ ଦୂରର କଥା। ତେବେ ସଙ୍କଟରେ ପଡ଼ିଥିବା ସମସ୍ତେ ମୋତେ ଜଣେ ଜଣେ ସମ୍ପର୍କୀୟ ଭଳି ଲାଗନ୍ତି। ପୁଣି ଆଉ କାହାକୁ ନିଆଁଘେରରୁ ଉଦ୍ଧାର କରିବାକୁ ଭିତରକୁ ପଶି ଯାଇଥିଲା ସେ। ସଂକଟଗ୍ରସ୍ତ ଲୋକଙ୍କୁ ନିଜ ସମ୍ପର୍କୀୟ ବିଚାରି ସେମାନଙ୍କ ଉଦ୍ଧାର ପାଇଁ ମରଣ ମୁହଁକୁ ଡେଇଁ ପଡୁଥିବା ମହାନ୍ ମଣିଷମାନଙ୍କ ଜୀବନ କିନ୍ତୁ ସବୁବେଳେ ନିରାପଦ ନୁହେଁ। ଅନ୍ୟର ଉଦ୍ଧାର ପାଇଁ ନିଜକୁ ସମର୍ପିତ କରୁ କରୁ ସେମାନେ ଏମିତି ବିପନ୍ନ ହୋଇପଡ଼ନ୍ତି ଯେ, ସେମାନଙ୍କୁ ଉଦ୍ଧାର କରିବା ଆଦୌ ସହଜ ହୁଏନା। ଆଗକୁ ବହୁ ଅସହାୟ ଲୋକେ ଏଭଳି ପରାର୍ଥପ୍ରାଣମାନଙ୍କୁ ଆକୁଳ ଅପେକ୍ଷା କରୁଥିଲା ବେଳେ ଏମାନେ କିନ୍ତୁ ହଜିଯାଇଥାନ୍ତି ମହାକାଳର ନିଷ୍ଠୁର ନିର୍ଣ୍ଣୟ ମଧ୍ୟରେ। ଏ ଦୁନିଆରେ ନିଜ ପାଇଁ ନିଜେ ବଞ୍ଚୁଥିବା କୋଟି କୋଟି ସ୍ୱାର୍ଥପର ଲୋକଙ୍କ ମେଳରେ ଯେଉଁ ଅଳ୍ପ କେଇଜଣ ନିଃସ୍ୱାର୍ଥପର ସେବକ କଦବା କେମିତି ଆବିର୍ଭୂତ ହୁଅନ୍ତି, ସେମାନଙ୍କୁ ଏ ଅବିଚାରୀ ଈଶ୍ୱର ଏତେ ଶୀଘ୍ର ଛଡ଼ାଇ ନିଅନ୍ତି କାହିଁକି କେଜାଣି।

ନଦିଆର ଏକ ନୌକା ଦୁର୍ଘଟଣାରେ ପାଣିରେ ବୁଡ଼ିଯାଉଥିବା ପଚାଶ ଜଣ ଲୋକଙ୍କ ମଧ୍ୟରୁ ଜଣ ଜଣ କରି ସାତ ଜଣଙ୍କୁ ଉଦ୍ଧାର କଲାପରେ ଉଦ୍ଧାରକାରୀ ଯୁବକର ହସ୍ତପଦ ଶକ୍ତିହୀନ ହୋଇପଡିଥିଲା। ନଦୀର ଅତଳ ଗର୍ଭରେ ଅକାଳରେ ସଲିଳ ସମାଧି ନେଇଥିବା ସେଇ ଆତ୍ମତ୍ୟାଗୀ ଯୁବକଙ୍କ କରଚରଣରେ ଈଶ୍ୱର ଅଲୌକିକ ଶକ୍ତି ଭରିଦେଇ ନ ଥାନ୍ତେ!

କେଇଦିନ ତଳେ ଏମିତି ଏକ ଅଭାବିତ ଦୃଶ୍ୟ ଆଖିରେ ପଡ଼ି ଦେହ, ମନ ଓ ହୃଦୟରେ ଶିହରଣ ସୃଷ୍ଟି କରିଥିଲା। ଏକ ଖବରଭିତ୍ତିକ ଟିଭି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ଏହି ଦୃଶ୍ୟଟିକୁ ଦେଖି ଜନ୍ମ ମୃତ୍ୟୁର ନିୟନ୍ତ୍ରକ ବିଶ୍ୱ ବିଧାତାଙ୍କୁ ମନଭରି ଗାଳିଦେବାକୁ ଇଚ୍ଛା ହେଉଥିଲା। ବିଦେଶର କୌଣସି ଏକ ସହରରେ ନିଜ କାରରୁ ଓହ୍ଲାଇ ବ୍ୟାଙ୍କ ଭିତରକୁ ପ୍ରବେଶ କରୁଥିବା ଜଣେ ମହିଳାଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡ଼ାଇ ଚୋର ଦୌଡ଼ି ପଳାଉଥିବା ବେଳେ ତାକୁ କାବୁ କରିନେଲେ ଜଣେ ସାହସୀ ଯୁବକ। ତାକୁ ଛାଡ଼ିଦେବା ପାଇଁ ଚୋରର କଠୋର ଧମକ ସତ୍ତ୍ୱେ ଯୁବକଙ୍କ ଶକ୍ତ ବନ୍ଧନ ଶିଥିଳ ହେଲାନାହିଁ। ଧରାପଡ଼ିଯିବାର ନିଶ୍ଚିତ ସମ୍ଭାବନାରେ ଆତଙ୍କିତ ହୋଇ ଦୁର୍ଦ୍ଦାନ୍ତ ଚୋର ଯୁବକଙ୍କୁ ଗୁଳି କରିଦେଲା। ସମବେତ ଭିଡ଼କୁ ପ୍ରତିହତ କରି ଖସିଯିବାରେ ସେ ବ୍ୟର୍ଥ ହେଲା ସତ, ମାତ୍ର ଅକାଳରେ ଅବସାନ ଘଟିଲା ଏକ ମହାର୍ଘ ଜୀବନର। ଅଙ୍ଗୁଳିରେ ଗଣି ହେଉଥିବା ପରାର୍ଥପ୍ରାଣଙ୍କ ସଂଖ୍ୟାରୁ ଗୋଟିଏ ସଂଖ୍ୟା ଊଣା ହୋଇଗଲା।

ନିଜର ଓ ନିଜ ସଂସାରର ସୁଖ ସମୃଦ୍ଧି ପାଇଁ ହାତପାଦରେ ଶକ୍ତି ଭରିଦେବାକୁ ଅହରହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ସ୍ୱାର୍ଥାନ୍ୱେଷୀ ଲୋକଙ୍କ ଦୁନିଆରେ ଆମେ ସଭିଏଁ ଜଣେ ଜଣେ ବାଧ୍ୟବାସିନ୍ଦା। ଅନ୍ୟ କାହା ଦୁଃଖରେ ଆହା କହି ସାହା ହେବାକୁ ଆମ ହୃଦୟର ଆହ୍ୱାନ ଅଛି ନା ହାତରେ ସମୟ ଅଛି। ଆଦୌ ଶେଷ ହେବାକୁ ନ ଥିବା ସ୍ୱାର୍ଥର ସଡ଼କରେ ସଭିଙ୍କର ଏକ ଅନନ୍ତ ଯାତ୍ରା। ଜଣଙ୍କ ହାତଧରି ତାଙ୍କୁ ଅଟକାଇ ଦେଇ ଆଗକୁ ମାଡ଼ିଯିବାର ଏକ ପାଗଳ ପ୍ରତିଯୋଗିତା। ତହିଁରେ ଅନ୍ୟର ସେବା ପାଇଁ ନିଜକୁ ସମର୍ପଣ କରୁଥିବା ଉଦାର, ଉପକାରୀ ଓ ହୃଦୟବାନ୍ ସହଯାତ୍ରୀଟିଏ କାହୁଁ ବା ମିଳନ୍ତେ! ତଥାପି ଦୁର୍ଲଭ ଦେବତାଙ୍କ ପରି ଯେଉଁ ଅଳ୍ପ କେଇଜଣ ଏ ସଂସାର ସଡ଼କରେ ଆତଯାତ ହେଉଛନ୍ତି, ସେମାନଙ୍କୁ ଆୟୁଷ୍ମାନ୍‌ର ବରଦାନ ଦେଇ ତାଙ୍କ କରଚରଣରେ ଅକ୍ଷୟ ଶକ୍ତି ଭରିଦିଅ ପ୍ରଭୁ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ନିର୍ବାଚନ ପରିଚାଳକ

ବ୍ୟକ୍ତିତ୍ୱ



ସୁନୀଲ ଆରୋରା

ସାଧାରଣ ନିର୍ବାଚନ ୨୦୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଜମ୍ମୁ–କଶ୍ମୀର, ଓଡ଼ିଶା, ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମ୍ ଭଳି ରାଜ୍ୟର ବିଧାନସଭା ଲାଗି ଭୋଟଗ୍ରହଣ ମଧ୍ୟ ଆସନ୍ତାବର୍ଷରେ ହେବାର ସମୟ ନିର୍ଦ୍ଧାରଣ କରାଯାଉଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନିର୍ବାଚନ କମିଶନ (ଇସି)ଙ୍କ ଦାୟିତ୍ୱ ହୋଇଥିବାରୁ ଏହି ସାମ୍ବିଧାନିକ ସଂସ୍ଥା ଉପରେ ଦେଶବାସୀଙ୍କ ନଜର ରହିଛି। ବର୍ତ୍ତମାନ ୫ଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ଡିସେମ୍ବର ୧୧ରେ ଏଗୁଡ଼ିକର ଫଳାଫଳ ପ୍ରକାଶ ପାଇବ। ଇତିମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଥିବା ଓ.ପି. ରାୱତ୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଫଳରେ କେନ୍ଦ୍ର ସରକାର ଇସି ମଧ୍ୟରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁନୀଲ ଆରୋରାଙ୍କୁ ସିଇସି ନିଯୁକ୍ତ କରିଛନ୍ତି। ସେ ଡିସେମ୍ବର ୨ରୁ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜରିଆରେ ଆରୋରାଙ୍କ ନାମ ପ୍ରକାଶ ପାଇବା ପରେ ତାଙ୍କ ବ୍ୟକ୍ତିଗତ ଜୀବନ ଓ କାର୍ଯ୍ୟଦକ୍ଷତା ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ସୁନୀଲ ପଞ୍ଜାବର ହୋସିଆରପୁରରେ ୧୯୫୬ ଏପ୍ରିଲ ୧୩ରେ ଜନ୍ମଗ୍ରହଣ କରିଥିଲେ। ଭାରତୀୟ ରେଳପଥର ଅବସରପ୍ରାପ୍ତ ଆକାଉଣ୍ଟସ୍ ଅଫିସରଙ୍କ ପୁଅ ହେଉଛନ୍ତି ସୁନୀଲ। ତାଙ୍କ ଅନ୍ୟ ଦୁଇ ଭାଇଙ୍କ ମଧ୍ୟରେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଥିବା ବେଳେ ଅନ୍ୟ ଜଣେ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀ ଭାବେ ଜଣାଶୁଣା। ଏକ ଉଚ୍ଚଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ସୁନୀଲ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଇଂଲିଶ୍ ସାହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୦ରେ ସେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗ ଦେଇଥିଲେ। ରାଜସ୍ଥାନ କ୍ୟାଡରର ଏହି ଅଧିକାରୀ ଏହା ପୂର୍ବରୁ ଜଳନ୍ଧରସ୍ଥିତ ଡିଏଭି କଲେଜରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ତେବେ ସିଭିଲ୍ ସର୍ଭିସ୍‌ରେ ଯୋଗଦେବା ପରେ ସେ ରାଜସ୍ଥାନର ଜୋଧପୁର, ନାଗାଉର, ଅଲ୍‌ୱାର ଓ ଧୋଲପୁରରେ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ନିଜର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ସେ ୧୯୯୩ରୁ ୧୯୯୮ ଯାଏ ମୁଖ୍ୟମନ୍ତ୍ରୀଙ୍କ ସଚିବ ଏବଂ ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପରେ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ସଚିବ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ସହ ଅର୍ଥ, ବୟନ ଏବଂ ଯୋଜନା କମିଶନର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ ଅବସ୍ଥାପିତ ହୋଇଥିଲେ। ଇଣ୍ଡିଆନ୍ ଏୟାରଲାଇନ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରହିଥିବା ସୁନୀଲ ୨୦୧୬ ଏପ୍ରିଲ ୩୦ରେ ଚାକିରିରୁ ଅବସର ନେଇଥିଲେ। ପରେ ୨୦୧୭ ସେପ୍ଟେମ୍ବରରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା। ଓ.ପି. ରାୱତ୍‌ଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ୨୦୧୮ ନଭେମ୍ବର ୨୬ରେ ତାଙ୍କୁ ସିଇସି ପଦବୀରେ ନିଯୁକ୍ତି ଦିଆଯିବା ବିଷୟ ଘୋଷଣା କରାଯାଇଥିଲା। ୨୦୧୯ରେ ସାଧାରଣ ନିର୍ବାଚନ ସହ କେତେକ ବିଧାନସଭା ସକାଶେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ତାଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଲାଣି। ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପ୍ରଚଳନ ନେଇ ବିରୋଧୀମାନେ ଅନେକ ସମୟରେ ପ୍ରଶ୍ନ ଉଠାଉଛନ୍ତି। ସେହିପରି ପ୍ରାର୍ଥୀଙ୍କ ଖର୍ଚ୍ଚ, ସେମାନେ ଉଲ୍ଲଂଘନ କରୁଥିବା ପ୍ରତ୍ୟେକ ନିୟମ ଏବଂ ପେଡ୍ ନ୍ୟୁଜ୍ ଭଳି ବିଭିନ୍ନ ପ୍ରସଙ୍ଗରେ ସିଇସିଙ୍କ ହସ୍ତକ୍ଷେପ ଓ ମତ ଗୁରୁତ୍ୱପୂର୍ଣ୍ଣ ରହୁଥିବାରୁ ସୁନୀଲଙ୍କୁ ଅତି ସତର୍କତାର ସହ ନିର୍ବାଚନ ପରିଚାଳନା କରିବାକୁ ପଡ଼ିବ।

–ଜିତେନ୍ଦ୍ର

## ଏଇ ଭାରତରେ

କେବଳ ମଣିଷ ନୁହନ୍ତି ପ୍ରତ୍ୟେକ ଜୀବ ହୃଦୟରେ ସ୍ନେହ ମମତା ଭରି ରହିଛି। ମା'ର ଅକାଳ ମୃତ୍ୟୁରେ ଗୋଟିଏ ହାତୀଛୁଆ ତାକୁ ଜଗି ରହିବା ଏବଂ ବିକଟାଳ ରଡି ଛାଡି ତାକୁ ଚିରନିଦ୍ରାରୁ ଉଠାଇବାକୁ ଉଦ୍ୟମ କରିବା ଘଟଣା କଠିନ ହୃଦୟକୁ ମଧ୍ୟ ତରଳାଇ ଦେଇଛି। ଏପରି ଏକ ଘଟଣା ଘଟିଛି କର୍ନାଟକର ହାସନ୍ ଜିଲାରେ। ଏହି ଜିଲାର କାଡାଗାରଭାଲି ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି। ଏକ ମାଈ ହାତୀର ଗୋଡ଼ ଭାଙ୍ଗିଯିବାରୁ ସେ ଗୋଟିଏ ସ୍ଥାନରେ ପଡିରହି ଶେଷରେ ମୃତ୍ୟୁବରଣ କଲା। ଅଣ୍ଡିରା ଛୁଆଟି ଏହାର ପାଖ ଛାଡୁ ନ ଥିଲା। ଶୁକ୍ରବାର ବନ ବିଭାଗ ଅଫିସରଙ୍କ ସହିତ ସ୍ଥାନୀୟ ଲୋକେ ବହୁ କଷ୍ଟସ୍ୱୀକାର କରି ମା'ଠାରୁ ହାତୀଛୁଆକୁ ପୃଥକ୍ କରିଛନ୍ତି। ଛୁଆ ହାତୀଟି ମା' ଚାରିପାଖରେ ବୁଲି ବୁଲି ଏହାକୁ ଜଗି ରହିଥିଲା ଏବଂ ଏହାକୁ ଜୋର୍‌ରେ ରଡି କରି ଉଠାଇବାକୁ ଚେଷ୍ଟା କରୁଥିଲା। ଏପରି କି ବନ ଅଧିକାରୀମାନେ ବ୍ୟବଚ୍ଛେଦ କରିବା ନିମନ୍ତେ ମୃତଦେହ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଛୁଆଟି ଆଦୌ ସୁଯୋଗ ଦେଇ ନ ଥିଲା। ଏଥିପାଇଁ ଦୁଇଟି ହାତୀକୁ ଘଟଣାସ୍ଥଳକୁ ଅଣାଯାଇ ଛୁଆକୁ ମା'ଠାରୁ ପୃଥକ୍ କରାଯାଇଥିଲା। ଏହି ସମୟରେ ଉପସ୍ଥିତ ଅଫିସର ଓ ସାଧାରଣ ଲୋକେ ଭାବପ୍ରବଣ ହୋଇପଡିଥିଲେ। ସେମାନଙ୍କ ଆଖିରୁ ଲୁହ ଝରିଯାଇଥିଲା। ମୃତ ହାତୀର ବୟସ ୩୦ବର୍ଷ ହୋଇଥିବା ବେଳେ ଛୁଆର ବୟସ ୬ମାସ। ହାତୀଛୁଆକୁ ଶିବମୋଗାସ୍ଥିତ ସାକ୍ରେବାଲି ହାତୀକ୍ୟାମ୍ପକୁ ନିଆଯାଇ ସେଠାରେ ଏହାର ଯତ୍ନ ନିଆଯାଉଛି। ଛୁଆ ହାତୀଟି ବର୍ତ୍ତମାନ ଘାସ ଖାଉଛି। ହାତୀଛୁଆ ସାଧାରଣତଃ ଦୁଇବର୍ଷ ପର୍ଯ୍ୟନ୍ତ ମା'ର ପିଛା ଛାଡନ୍ତି ନାହିଁ। ଏପରି ଏକ ଭାବପ୍ରବଣତାପୂର୍ଣ୍ଣ ଦୃଶ୍ୟ କେବେ ଦେଖି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ପରାଣ–ରସାଳସେ ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨ ଡିସେମ୍ବର ୧୯୯୩**

- ଦିଲ୍ଲୀ ବିଧାନସଭାର ଭାଜପା ବିଧାୟକଦଳ ନେତା ମଦନଲାଲ ଖୁରାନା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି।
- କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ଉତ୍ତରପ୍ରଦେଶର ଶୁକ୍ଳାଗଞ୍ଜରୁ ଯାତ୍ରୀମାନଙ୍କୁ ନେଇ ଫେରୁଥିବା ଏକ ନୌକା ଗଙ୍ଗାନଦୀରେ ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯନ୍ତ୍ରାଧୀନ ମଣିଷ

ମହାଶୟ,

ମଣିଷ ଯେଉଁସବୁ କାମ ନିଜେ କରୁଥିଲା ତାହା ଆଜି ଯନ୍ତ୍ର କରୁଛି। ବ୍ୟାଙ୍କ ଆଜି ପେପରଲେସ୍ କିନ୍ତୁ ଲିଙ୍କ୍ ଫେଲ୍ ସମସ୍ୟା ଗୁରୁତର। ଦିନ ଦିନ ଧରି ବ୍ୟାଙ୍କ ବନ୍ଦ। ବିଭିନ୍ନ କାରବାରରେ ଯନ୍ତ୍ରର ଦାସ ହୋଇ ମଣିଷ ଏକପ୍ରକାର ନିର୍ଯାତିତ ହେଉଛି। ଶାରୀରିକ ପରିଶ୍ରମ କମିଯିବା ଫଳରେ ମଣିଷ ରୋଗଗ୍ରସ୍ତ ହୋଇପଡୁଛି। ବୋଧହୁଏ ଏମିତି ଦିନ ଆସୁଛି ସବୁକାମ ଯନ୍ତ୍ରମଣିଷ ହିଁ କରିବ ଓ ଯନ୍ତ୍ରର ନିର୍ଦ୍ଦେଶରେ ଉଠ୍‌ବସ୍ ହେବ।

ମହେନ୍ଦ୍ର କୁମାର ତ୍ରିପାଠୀ, ତ୍ରିଲୋଚନପୁର, ଡେଲାଙ୍ଗ, ପୁରୀ

### ଲାଞ୍ଚୁଆ ଭାରତ

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ପ୍ରକାଶିତ 'ଇଣ୍ଡିଆ କରପ୍‌ଶନ ସର୍ଭେ ୨୦୧୮' ରିପୋର୍ଟ ଅନୁସାରେ ୨୦୧୭ ମସିହାରେ ଭାରତରେ ୪୫ ଶତାଂଶ ଲୋକ ଲାଞ୍ଚ ଦେଇଥିବା ସ୍ୱୀକାର କରିଥିବା ବେଳେ ୨୦୧୮ରେ ଏହି ସଂଖ୍ୟା ୫୬ ପ୍ରତିଶତରେ ପହଞ୍ଚିଛି। ଏହି ରିପୋର୍ଟ ଅନୁସାରେ ଜମିଜମା ପଞ୍ଜୀକରଣ ପାଇଁ ୩୦ ପ୍ରତିଶତ, ପୋଲିସ ବିଭାଗରେ ୨୫ ପ୍ରତିଶତ, ପୌର କାର୍ଯ୍ୟାଳୟରେ କାମ ପାଇଁ ୧୮ ପ୍ରତିଶତ ଲୋକ ଲାଞ୍ଚ ଦେଇଥାନ୍ତି। କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ପ୍ରଶାସନ ଦେଇଥିବା ସମ୍ପର୍କରେ ଦୃଢ଼ୋକ୍ତି କରୁଛନ୍ତି। ମାତ୍ର ଓଡ଼ିଶା ସମେତ ସମଗ୍ର ଦେଶରେ ଦୁର୍ନୀତି ଓ ଲାଞ୍ଚ କାରବାର ବୃଦ୍ଧି ପାଇବାରେ ଲାଗିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨।୧୨।୨୦୧୮ (ରବିବାର)**

- ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ବିଜୁ ଭାସ୍କର ପାଠାଗାର ଉଦ୍‌ଘାଟନ ଉତ୍ସବ। ସ୍ଥାନ-ହବାକ୍ ହାଇସ୍କୁଲ ଖେଳପଡ଼ିଆ, ସମୟ- ମଧ୍ୟାହ୍ନ ୧୨ଟା।
- କ୍ୟାନ୍‌ସର ସଚେତନତା ରାଲି। ସ୍ଥାନ-ଗୋପାଳପୁର, ସମୟ-ସକାଳ ୭ଟା ।
- ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା ଶିବିର। ସ୍ଥାନ-ହାଉସିଂ ବୋର୍ଡ, ସମୟ-ପୂର୍ବାହ୍ନ ୧୦ଟା ।

**୩।୧୨।୨୦୧୮ (ସୋମବାର)**

- ସ୍ୱାମୀ କୁମୁଦାନନ୍ଦଙ୍କ ପ୍ରବଚନ। ସ୍ଥାନ-କେ.ସି ହାଇସ୍କୁଲ ପଡ଼ିଆ,ସମୟ-ସନ୍ଧ୍ୟା ୬ଟା ।

**୫।୧୨।୨୦୧୮ (ବୁଧବାର)**

- ରାଜ୍ୟ ବାସ୍କେଟ ବଲ୍ ଚାମ୍ପିୟନଶିପ୍। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ,ସମୟ-ସକାଳ ୮ଟା ।

# ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର ଅଫିସ୍,୧।୧୨

ଏକ ହତ୍ୟା ମାମଲାରେ ଶନିବାର ଜିଲା ଦୌରା ଜଜ୍ କୋର୍ଟ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ହେଲେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଏକ ହତ୍ୟା ମାମଲାର ବିଚାର ଚାଲିଥିବା ସମୟରେ ୨୩ ସାକ୍ଷୀଙ୍କ ସାକ୍ଷ୍ୟ ଓ ବୟାନକୁ ଆଧାର କରି ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟ ଏହି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି।

ପ୍ରକାଶଯେ, ୨୦୧୪ ଅଗଷ୍ଟ ୨୧ ତାରିଖ ରାତିରେ ଟାଉନଥାନା ଅଧୀନ ଓଆର୍‌ଟି କଲୋନୀରେ କେହି ଜଣେ ଘରକୁ ପଶି ସ୍ତ୍ରୀ ଶୋଭାରାଣୀ ପାତ୍ରଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ସ୍ୱାମୀ ପ୍ରତାପ ଚନ୍ଦ୍ର ପାଢୀ ଥାନାରେ ଏତଲା ଦେଇଥିଲେ । ପୋଲିସ ଏତଲାକୁ ଭିତ୍ତିକରି ନଂ. ୧୩୭/୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। । ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଖୋଜୁଥିଲା । ଶୋଭାରାଣୀଙ୍କୁ ପ୍ରତାପ ହିଁ ହତ୍ୟା କରିଥିବା ନେଇ ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ




ଏଡ୍‌ସ ଦିବସରେ ଆୟୋଜିତ ଶୋଭାଯାତ୍ରା ।

ବ୍ରହ୍ମପୁର ଅଫିସ/ଗୋପାଳପୁର ,୧।୧୨

ଗୋପାଳପୁର ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ତରଫରୁ ବିଶ୍ୱ ଏଡସ୍ ଦିବସ ଶନିବାର ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଚକ୍ରଧର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରଙ୍ଗେଇଲୁଣ୍ଡା ଓୟୁଏଟିର ପ୍ରଫେସର ଡ. ନିତ୍ୟାନନ୍ଦ ଦାଶ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନବକିଶୋର ହିଆଲ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରାୟଣପୁର ପଞ୍ଚାୟତ ହାଇସ୍କୁଲର ଜୁନିୟର ରେଡ୍‌କ୍ରସ ଅଧିକାରୀ ତିତନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦିବସଟିର ଗୁରୁତ୍ୱ ଓ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଗୋପାଳପୁର ଅଞ୍ଚଳ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ, ସ୍ଲୋଗାନ, ପ୍ରଚାରପତ୍ର ଧରି ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଟି. କୁମାର ସ୍ୱାମୀ, ଜି. ଗଣେଶ, ଅନିଲ ଯାଦବ ଓ ଶ୍ରୀନିବାସ ସାବତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏଥିରେ ଯୁବ ରେଡ୍‌କ୍ରସର ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ପ୍ରମୁଖ ସହଯୋଗ କରିଥିଲେ ।

# ଲାଞ୍ଚୁଆ ଆକାଉଣ୍ଟାଣ୍ଟଙ୍କୁ ଜେଲ୍ ଦଣ୍ଡାଦେଶ

**୭ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ**

ବ୍ରହ୍ମପୁର ଅଫିସ୍,୧।୧୨

ଲାଞ୍ଚ ନେଇ ଗିରଫ ହୋଇଥିବା ଗୋପାଳପୁର ଏନ୍‌ଏସି ଆକାଉଣ୍ଟାଣ୍ଟ ଜେ.କ୍ରିଷ୍ଣା ରାଓଙ୍କୁ ୧ ବର୍ଷ ୬ ମାସ ଜେଲ୍ ଦଣ୍ଡାଦେଶ ସହିତ ୭ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମାଜିଷ୍ଟ୍ରେଟ୍ ଇଶାନ୍ କୁମାର ଦାସ ରାୟ ପ୍ରକାଶ କରିଛନ୍ତି । ଜରିମାନା ଅନାଦାୟ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶଯେ, ୨୦୧୧ ନଭେମ୍ବର ୧ ତାରିଖରେ ଶରତ ଚନ୍ଦ୍ର ମହାଙ୍କୁଡ ନାମକ ଜଣେ ବ୍ୟକ୍ତିଙ୍କ ବକେୟା ବିଲ୍ କରିବା ପାଇଁ କ୍ରିଷ୍ଣା ୧୮ ଶହ ଟଙ୍କା ଲାଞ୍ଚ ନେଉଥିଲେ । ଲାଞ୍ଚ ନେବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିଥିଲେ। ମାମଲାର ବିଚାର ଚାଲିଥିବା ସମୟରେ ୮ ସାକ୍ଷୀଙ୍କ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଦାଲତ ଚୂଡାନ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୧।୧୨:** ବ୍ରହ୍ମପୁର ବଡ ମେଡିକାଲରେ ଏକ ସଡକ ଦୁର୍ଘଟଣାରେ ଆହତ ଚିକିତ୍ସାଧୀନଙ୍କର ଶନିବାର ମୃତ୍ୟୁ ଘଟିଛି । ମୃତକ ହେଲେ ସିଦ୍ଧେଶ୍ୱର ଗ୍ରାମର ସୁମା ବେହେରା (୬୦) । ନଭେମ୍ବର ୨୮ରେ ସୁମାଙ୍କୁ ଡଙ୍କାରୀ ଛକରେ ଏକ ଗାଡି ଧକ୍କା ଦେଇ କେଉଁଆଡେ ଫେରାର ହୋଇଯାଇଥିଲା । ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ ।

ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୬୦୩/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ବ୍ରହ୍ମପୁର ଆଇଟିଆଇର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧।୧୨

ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଦିବସରେ ବାଳକ ବର୍ଗରେ ୧୦୦ ମିଟର ଦୌଡ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ବାଳିକା ଓ ବାଳକ ବର୍ଗରେ ସ୍ଲୋ ସାଇକେଲ ରେସ ହୋଇଥିଲା। ବାଳିକା ବର୍ଗରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳକ ବର୍ଗରେ ଅନୁଷ୍ଠିତ ୧୦୦ ମିଟର ଦୌଡରେ ହିମାଂଶୁ ଶେଖର ବେସ୍ରା ପ୍ରଥମ ହୋଇଥିବା ବେଳେ ସ୍ଲୋ ସାଇକେଲ ରେସରେ ମୁନା ବିଶୋୟୀ ପ୍ରଥମ ହୋଇଥିଲେ । ସେହିପରି ବାଳିକା ବର୍ଗରେ ମ୍ୟୁଜିକ୍ ଚେୟାର ଓ ସ୍ଲୋ ସାଇକେଲ ରେସ ପ୍ରତିଯୋଗିତାରେ ଶିଳା କୁମାରୀ ଦାଶ ପ୍ରଥମ ହୋଇଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜୋନାଲ ଲେଭଲ ଆଇଟିଫେଷ୍ଟରେ ଭାଗ ନେବେ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ସୂଚାଇଛନ୍ତି । ଏହି ପ୍ରତିଯୋଗିତାକୁ ଅନୁଷ୍ଠାନ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।



ସ୍ଲୋ ସାଇକେଲ ପ୍ରତିଯୋଗିତାର ଏକ ଦୃଶ୍ୟ ।

# ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ

ବ୍ରହ୍ମପୁର ଅଫିସ, ୧।୧୨

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ତଥା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଥିଲା । ଏସ୍‌ଏଚଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାରୀକରଣ କରିବା ଉଦ୍ଦେଶ୍ୟରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ନଗର ଜୀବୀକା କେନ୍ଦ୍ରରେ ଆୟୋଜିତ ପ୍ରଦର୍ଶନୀରେ ଏସ୍‌ଏଚଜି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବଡି, ପାମ୍ପଡ, ପାଟଲୁଗା, ଧୂପକାଠି, ଫିନାଇଲ, କଟନ ବ୍ୟାଗ, ପାପୋଛ୍, ହସ୍ତତନ୍ତ ଘର ସାଜସଜ୍ଜା ସାମଗ୍ରୀ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ଏଥିରେ ୨୦ରୁ ଉର୍ଦ୍ଧ୍ୱ ହୋଲସେଲର, ରିଟେଲର ବ୍ୟବସାୟୀ ଯୋଗଦେଇ ସାମଗ୍ରୀଗୁଡିକୁ ପରଖି ଥିଲେ । ଏହି ପ୍ରଦର୍ଶନୀରେ ୧୦ ଗ୍ରୁପର ୧୦୦ ମହିଳା ଭାଗ ନେଇଥିଲେ । ନଗର ଜୀବୀକା କେନ୍ଦ୍ର ପରିଚାଳକ ରାଜୀବ ଲୋଚନ ରତନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏମ୍‌ସି କାର୍ଯ୍ୟାଳୟର ସମସ୍ତ କମ୍ୟୁନିଟି ଅର୍ଗାନାଇଜର ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ: ଅଘଟଣ ଆଶଙ୍କାରେ ୨୩ ଅଟକ



**ବ୍ରହ୍ମପୁର ଅଫିସ୍,୧।୧୨:** ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ସମୟରେ ଅଘଟଣ ଘଟିବାର ଆଶଙ୍କା ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଭାଜପା ଓ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରି କଳା ପତାକା ଦେଖାଇବା ଭଳି କେତେକ ପଦକ୍ଷେପ ହାତକୁ ନିଆଯିବା ସମ୍ଭାବନା ଥିଲା । ତେବେ ଏହା ଚର୍ଚ୍ଚା ଜୋର୍ ଧରିବା ପରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଓ ପ୍ରଭାତ ରାଉତରାୟଙ୍କ ତତ୍ତ୍ୱାବଧାନରେ ୨୩ ଜଣଙ୍କୁ ବୈଦ୍ୟନାଥପୁର ଥାନାକୁ ଆଣି ଅଟକ ରଖାଯାଇଥିଲା । ଭାଜପା ଶିଳ୍ପାଞ୍ଚଳ ସଭାପତି ରାମ ପାତ୍ରଙ୍କ ସମେତ ୨୧ ଜଣ ଏବଂ କଂଗ୍ରେସର ବିଜୟ ରଞ୍ଜନ ପାଣିଗ୍ରାହୀ, ବିଶ୍ୱନାଥ ପାତ୍ରଙ୍କୁ ଥାନାକୁ ଆଣି ଅଟକ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରେ ସମସ୍ତଙ୍କୁ ଛାଡିଦିଆ ଯାଇଥିଲା ବୋଲି ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ବାସ୍କେଟବଲ୍ ପଡ଼ିଆ, ନୂତନ ଗୃହ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୧।୧୨:** ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ବାସ୍କେଟବଲ୍ ପଡ଼ିଆ ଏବଂ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ଭି.ସର୍ବେଶ୍ୱର ରାଓ, ଡ. କମ୍ବୁପାଣି ସାହୁ, ଡ. ଲମ୍ବୋଦର ପାଣିଗ୍ରାହୀ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ପ୍ରମୁଖ ମଞ୍ଚାସୀନ ଥିଲେ । ଡ. ପ୍ରତାପ ଚନ୍ଦ୍ର ଦାଶ, ଡ. ସୁନିଲ କୁମାର ଗନ୍ତାୟତ, ଡ. ଦିଲୀପ ପାତ୍ର, ପ୍ରଦୀପ୍ତ ରଞ୍ଜନ ପ୍ରହରାଜ, ଡ. ମନୋଜ ମହାରଣା, ଡ. ହରିଶ ଦାସ, ସଚ୍ଚିଦାନନ୍ଦ ଦାସ, ମହେଶ୍ୱର ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଚୂଡାମଣି



@ ରାକେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଡିଏଲ୍‌ଏସ୍‌ଏର ବିଶ୍ୱ ଏଡ୍‌ସ ଦିବସ




ଡିଏଲଏସଏ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ।

ବ୍ରହ୍ମପୁର ଅଫିସ୍,୧।୧୨

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ଶନିବାର ଗୋପାଳପୁରସ୍ଥିତ ଶ୍ରଦ୍ଧା ସଞ୍ଜୀବନୀ ଚାଇଲ୍‌ଡ କେୟାର୍ ହୋମ୍‌ରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିସିପିଓ ସୁବୋଧ ଷଡଙ୍ଗୀ, ସିଡବ୍ଲ୍ୟୁସି ସଦସ୍ୟ ମିନତି ପ୍ରଧାନ ଓ ଲୋକନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସେଠାରେ ଥିବା ଅନ୍ତେବାସୀଙ୍କର ବିଭିନ୍ନ ପ୍ରକାର ସମସ୍ୟା ଏବଂ ତାର ସମାଧାନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁକ୍ତ ଆଇନ ସେବା ସମ୍ପର୍କରେ ବୁଝାଯିବା ସହିତ ବିଶ୍ୱ ଏଡ୍‌ସ ଦିବସର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଅନ୍ତେବାସୀଙ୍କୁ ଡିଏଲଏସ୍‌ଏ ପକ୍ଷରୁ ମାଗଣା ନୂତନ ବସ୍ତ୍ର, ଫଳ, ଖାତା ଓ କଲମ ଆଦି ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଡିଏଲଏସ୍‌ଏ ଓ ଶ୍ରଦ୍ଧା ସଞ୍ଜୀବନୀ ଚାଇଲଡ୍ କେୟାର୍ ହୋମ୍ ପକ୍ଷରୁ ସମରେନ୍ଦ୍ର ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ ।

# ଡୁଡୁମା କଲୋନୀରେ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧।୧୨

ବ୍ରହ୍ମପୁର ବଡବଜାର ଥାନା ଅଧୀନ ଡୁଡୁମା କଲୋନୀରେ ଶନିବାର ସକାଳେ ଦମ୍ପତିଙ୍କର ସନ୍ଦେହ ଜନକ ମୃତ୍ୟୁ ଘଟିଛି । ମୃତକ ହେଲେ ମାନସ ରଞ୍ଜନ ପାଢୀ (୩୬) ଏବଂ ପ୍ରଭାସିନୀ ପାଢୀ (୨୬)। ବଡବଜାର ପୋଲିସ ଏନେଇ ଦୁଇଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ପୁଷ୍ପାଞ୍ଜଳି ହାଜରା ସୂଚନା ଦେଇଛନ୍ତି । ପ୍ରକାଶଯେ, ମାନସ ଓ ପ୍ରଭାସିନୀଙ୍କର ପ୍ରେମ ବିବାହ ହୋଇଥିଲା। ସ୍ତ୍ରୀ ଓ ଦୁଇ ସନ୍ତାନଙ୍କୁ ନେଇ ମାନସ ଶ୍ୱଶୁର ଘର ସାହି ଡୁଡୁମା କଲୋନୀରେ ଭଡାରେ ରହୁଥିଲେ । ଶନିବାର ବିଳମ୍ବିତ ରାତିରେ ପ୍ରଭାସିନୀ ମାନସିକ ଭାରସାମ୍ୟ ହରାଇ କୌଣସି ବିଷାକ୍ତ ଜିନିଷ ଖାଇ ଦେଇଥିବା ବେଳେ ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବଡବଜାର ପୋଲିସ ନଂ. ୩୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସକାଳେ ପ୍ରଭାସିନୀଙ୍କ ପରିବାର ବର୍ଗ ମାନସଙ୍କ ଘରକୁ ଯିବା ବେଳେ ବାହାର କବାଟ ବନ୍ଦ ଥିଲା । କବାଟ ଭାଙ୍ଗି ଘରକୁ ଯିବା ପରେ ମାନସଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା । ମାନସିକ ଭାରସାମ୍ୟ ହରାଇ ସେ ଗାମୁଛା ଲଗାଇ ସିଲିଂ ଫ୍ୟାନରେ ଆତ୍ମହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଜାଣିବାକୁ ପାଇଛି । ନଂ. ୩୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି ।

**TRAGETED INTERVENTION PROJECT (FSW)** OSACS

**Phulbani, Kandhamal, Odisha - 762001**

**WALK-IN-INTERVIEW**

SWATI, Paburia one of the leading NGO's working in the field of HIV/AIDS in Kandhamal District of Odisha invites talented professionals for the following posts for implementation of Targeted Intervention Project (FSW) with the support of Odisha State AIDS Control Society (OSACS).

1. **Project Manager (1 Post):** S/he must be a Post Graduate in an any discipline of Social Science preferably with 3 years of experience at district level programmes related to Health, Livelihood Programmes, Rural Development and HIV/AIDS programme. Monthly salary Rs.15,000.00.

**Come with your complete C.V. on 11th December 2018 (Tuesday) to**

**SWATI T.I. Project Office at College Road**
**Behind the Nirman Shramika Hostel, Phulbani between 10.30 A.M. to 1.30 P.M.**
**Contact No.: 06842-255065, Mobile No.: 9437668340, 9437186128**
**and E-mail: swati_pab@yahoo.co.in, swatiphulbani@gmail.com**

Er. Hari Sankar Rout
Secretary-cum-P.D., T.I. Project

# ନଗରସ୍ତରୀୟ ମହାସଂଘ, ଏସ୍‌ଏଚ୍‌ଜିଙ୍କୁ ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୧।୧୨

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ନୂତନ ଭାବେ ଗଠିତ ହୋଇଥିବା ନଗରସ୍ତରୀୟ ମହାସଂଘ ଓ ଏହା ଅନ୍ତର୍ଗତ ଆଞ୍ଚଳିକ ମହାସଂଘ(ଏଏଲ୍‌ଏଫ) ଓ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କର ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଥିଲା । ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଆୟୋଜିତ କର୍ମଶାଳାରେ ସୁଡା(ଷ୍ଟେଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି) ଷ୍ଟେଟ ମ୍ୟାନେଜର ଯୋଗେଶ ଶତପଥୀ ଓ ସନ୍ତୋଷ ମହାପାତ୍ର ଯୋଗଦେଇ ନଗରସ୍ତରୀୟ ମହାସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ରାଜ୍ୟ ତଥା ବାହାରେ ସଫଳତା ଲାଭ କରିଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ସହରାଞ୍ଚଳ ଜୀବିକା ମିଶନର ବିଭିନ୍ନ ନିୟମାବଳୀ ଉପରେ ସଚେତନ କରାଯାଇଥିଲା । ଏଥିରେ ୭୧୨ ସ୍ୱୟଂସହାୟକ ଗୋଷ୍ଠୀର ୭୧୨୦ ସଭ୍ୟା ଓ ଆଞ୍ଚଳିକ ମହାସଂଘ, ନଗର ମହାସଂଘର ସଭ୍ୟା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବସ୍ତି ଉନ୍ନୟନ ଅଧିକାରୀ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ସିଟି ମିଶନ ମ୍ୟାନେଜର ରାଜୀବ କୁମାର ମିଶ୍ର, ନାସି ରଲି, ଦୀନେଶ ସାହୁଙ୍କ ସମେତ ସମସ୍ତ କମ୍ୟୁନିଟି ଅର୍ଗାନାଇଜର ଉପସ୍ଥିତ ଥିଲେ ।



କର୍ମଶାଳାରେ ଉପସ୍ଥିତ ଏସଏଚଜି, ଏଏଲଏଫର ସଭ୍ୟା ।

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

REGIONAL BUSINESS OFFICE-VI, ବ୍ରହ୍ମନଗର, ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧

**ଗାଡ଼ି ନିଲାମ ବିଜ୍ଞପ୍ତି ତାରିଖ ୧୦।୧୨।୨୦୧୮**

| କ୍ର. ନଂ. | ଶାଖାର ନାମ | ଶାଖା ପରିଚାଳକଙ୍କ ମୋବାଇଲ ନଂ. | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ପ୍ରକାର | ରେଜିଷ୍ଟ୍ରି ନଂ. | ସର୍ବନିମ୍ନ ସଂରକ୍ଷିତ ମୂଲ୍ୟ | ଗାଡ଼ି ପରିଦର୍ଶନ ସ୍ଥାନ |
|---|---|---|---|---|---|---|---|
| ୧ | ଭଞ୍ଜନଗର | 9437480465 | ରବୀନ୍ଦ୍ର କୁମାର ସୁଆର | ଅଟୋ | OD25/9749 | ୪୦୦୦୦/- | ମା' ତାରିଣୀ ଷ୍ଟକ୍‌ୟାର୍ଡ, ବାଗ୍‌ଦେବୀ ରୋଡ୍, ଭଞ୍ଜନଗର, ମୋ. ୮୭୬୩୫୩୩୧୪୦ |
| ୨ | ସୁରଡା | 9437170725 | ରବୀନ୍ଦ୍ର ଅଧିକାରୀ | ଜେସିବି | OD32/9129 | ୯୨୦୦୦୦/- | ମା' ତାରିଣୀ ଷ୍ଟକ୍‌ୟାର୍ଡ, ବାଗ୍‌ଦେବୀ ରୋଡ୍, ଭଞ୍ଜନଗର, ମୋ. ୮୭୬୩୫୩୩୧୪୦ |

**ନିଲାମର ତାରିଖ ଓ ସମୟ:** ୧୦।୧୨।୨୦୧୮ ପୂର୍ବାହ୍ନ ୧୧ ଘଟିକାଠାରୁ, **ନିଲାମର ସ୍ଥାନ:** ଏସ୍.ବି.ଆଇ. ଭଞ୍ଜନଗର ଶାଖା, ଭଞ୍ଜନଗର। **ସଂରକ୍ଷିତ ମୂଲ୍ୟ:** ସମ୍ପୃକ୍ତ ଯାନ ଇଏମ୍‌ଡି ସହିତ। ବିଡରମାନେ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସମ୍ପୃକ୍ତ ସ୍ଥାନରେ ଗାଡ଼ିଗୁଡ଼ିକର ତଦାରଖ କରିପାରିବେ। ଗାଡ଼ି ନିଲାମରେ ଅଂଶଗ୍ରହଣ କରିବା ପାଇଁ, ଦରଖାସ୍ତ ଫର୍ମ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ତା୦୮।୧୨।୨୦୧୮ରିଖ ସୁଦ୍ଧା ମା' ତାରିଣୀ ଷ୍ଟକ୍‌ୟାର୍ଡଠାରେ ଉପଲବ୍ଧ ହେବ। ପ୍ରସ୍ତାବିତ ଗାଡ଼ିଗୁଡ଼ିକ ପାଇଁ ଦରଖାସ୍ତ ସହିତ ସୁରକ୍ଷିତ ମୂଲ୍ୟର ୧୦% ('ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ସପକ୍ଷରେ ସମ୍ପୃକ୍ତ ଶାଖାରେ ପୈଠଯୋଗ୍ୟ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍‌ରେ) ତା୦୯।୧୨।୨୦୧୮ରିଖ ପୂର୍ବ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ। ନିଲାମ ବିକ୍ରୟ ତା୧୦।୧୨।୨୦୧୮ରିଖ ପୂର୍ବାହ୍ନ ୧୧ ଘଟିକାରୁ ଆରମ୍ଭ ହେବ। ସଫଳ ବିଡରଙ୍କୁ ସୁରକ୍ଷିତ ମୂଲ୍ୟର ୧୫% ନିଲାମ ତାରିଖରୁ ୧ ଦିନ ମଧ୍ୟରେ ଏବଂ ଚୂଡ଼ାନ୍ତ ପରିମାଣ ୭ ଦିନ ମଧ୍ୟରେ ପୈଠ କରିବାକୁ ହେବ ('ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ସପକ୍ଷରେ ସମ୍ପୃକ୍ତ ଶାଖାରେ ପୈଠଯୋଗ୍ୟ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍‌ରେ), ଅନ୍ୟଥା ବିଡରଙ୍କ ଦ୍ୱାରା ଜମା କରାଯାଇଥିବା ସୁରକ୍ଷିତ ମୂଲ୍ୟକୁ ବାଜ୍ୟାପ୍ତ କରାଯିବ। ସଫଳ ବିଡରଙ୍କୁ ମାଲିକାନା ବଦଳ ଓ ଅନ୍ୟାନ୍ୟ ଦେୟ ପୈଠ କରିବାକୁ ହେବ। ଗାଡ଼ିକୁ "ଯେପରି ଅଛି ଯେଉଁଠି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ନିଲାମକୁ ବାତିଲ / ଗ୍ରହଣ କରିବା କିମ୍ବା ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ। ସର୍ବୋଚ୍ଚ ମୂଲ୍ୟ ଡାକିଥିବା ବିଡରଙ୍କୁ ସଫଳ ବିଡର ଭାବେ ଘୋଷଣା କରାଯିବ ଏବଂ ନିଲାମ ବିଡରମାନଙ୍କ ଦ୍ୱାରା ପ୍ରସ୍ତାବିତ ସର୍ବୋଚ୍ଚ ମୂଲ୍ୟରୁ ଆରମ୍ଭ କରାଯିବ । ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: **Mob. 9437480465, 9437170725, 9556026995**

ସ୍ଥାନ: ଭଞ୍ଜନଗର
ତାରିଖ: ୦୧।୧୨।୨୦୧୮

ସ୍ୱା./- କ୍ଷମତାପ୍ରାପ୍ତ ଅଧିକାରୀ

# ଅତିରିକ୍ତ ଜିଲାପାଳଙ୍କ ଶେରଗଡ ଗସ୍ତ

ଶେରଗଡ,୧।୧୨(ଡି.ଏନ.ଏ.)

ଗଞ୍ଜାମ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ ଶୁକ୍ରବାର ସନ୍ଧ୍ୟାରେ ଶେରଗଡ ତହସିଲରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ପରିଦର୍ଶନ ସମୟରେ ତିତ୍‌ଲି କ୍ଷୟକ୍ଷତି ସହାୟତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପୁରୁଣା କେସ, ଜମିଜମା କେସ ରେକର୍ଡ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ। ତହସିଲର ବାର୍ଷିକ ଆୟବ୍ୟୟର ହିସାବ ଦେଖିବା ସହ ଚଳିତ ବର୍ଷ ଅଧିକ ରାଜସ୍ୱ ଯେପରି ଆଦାୟ ହେବ ସେଥିପ୍ରତି ଗୁରୁତ୍ୱ ଦେଇ କାମ କରିବାକୁ କହିଥିଲେ। ପରିଦର୍ଶନ ସମୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଜ୍ୟୋତିମୟ ଦାଶ, ବରିଷ୍ଠ କିରାଣୀ ରତ୍ନାକର ମଲ୍ଲିକ, ସୁପରଭାଇଜର ଓ ରାଜସ୍ୱ ନୀରିକ୍ଷିକମାନେ ଉପସ୍ଥିତ ଥିଲେ।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୪୧୬୫ / IND-II-PH-783 ତାରିଖ : ୩୦।୧୧।୨୦୧୮

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ବସୁନ୍ଧରା ଅଞ୍ଚଳରେ ସମୁଦାୟ ୨୫୮୦.୪୫ ହେକ୍ଟର (୨୨୯୦.୪୫ ହେକ୍ଟର ଖଣି ଲିଜ୍ ଅଞ୍ଚଳ) ପରିମିତ ଅଞ୍ଚଳରେ ଅବସ୍ଥିତ ସିଆରମାଳ ଖୋଲା କୋଇଲା ଖଣି ଖନନ ପ୍ରକଳ୍ପରୁ ବାର୍ଷିକ ୪୦ ଏମ୍‌ଟିପିଏ (ନରମେଟିଭ୍) / ବାର୍ଷିକ ୫୦ ଏମ୍‌ଟିପିଏ (ପିକ୍) କୋଇଲା ଉତ୍ତୋଳନ** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୩୦.୦୧.୨୦୧୯ ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ହିମଗିରି ବ୍ଲକ୍, ଗୋପାଳପୁର ପୋଷ୍ଟ ଅଫିସ୍ ସିଆରମାଳ ଗ୍ରାମର କୁନ୍ଦ୍ରେନ ଖେଳପଡ଼ିଆରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଝାରସୁଗୁଡ଼ା** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**


# ଲକ୍ଷାଧିକ ଟଙ୍କା, ଦେଢ଼କେଜି ରୁପା ଚୋରି

କବିସୂର୍ଯ୍ୟନଗର,୧।୧୨

ପୋଲିସ ଅପରାଧ ରୋକିବାକୁ ମକଡ୍ରିଲ କରୁଥିବାବେଳେ ଅପରାଧୀମାନେ ଖୋଲା ଚାଲେଞ୍ଜ ଦେଇ କବିସୂର୍ଯ୍ୟନଗର ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲୁଟ୍‌ପାଟ ଚଳାଇଛନ୍ତି। ଏଭଳି ଏକ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ। ଜଣେ ବ୍ୟକ୍ତି ଶାଶୁଙ୍କ ଶୁଦ୍ଧି କାର୍ଯ୍ୟପାଇଁ ଯାଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଲୁଟି ନେଇଛନ୍ତି।

ପ୍ରକାଶ ଯେ, କବିସୂର୍ଯ୍ୟନଗର ମୁଖ୍ୟରାସ୍ତାରେ ଥିବା ଆସିକା କୋ ଅପରେଟିଭ ବ୍ୟାଙ୍କ ନିକଟରେ ଅଶୋକ କୁମାର ସେନାପତି ଦୋକାନ କରିବା ସହ ଦୋକାନ ପଛପଟକୁ ଲାଗି ତାଙ୍କ ଘର ରହିଛି। ଗତ ୨୩ ତାରିଖରେ ସେ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ତାରାତାରିଣୀ ନିକଟସ୍ଥ ରାୟପୁର ଯାଇଥିଲେ। ଶନିବାର ଘରକୁ ଫେରି ଜିନିଷପତ୍ର ଏଣେତେଣେ ପଡିବା ସହ ଆଲମିରା ଭଙ୍ଗାଯାଇଥିବା ଦେଖିଥିଲେ। ଆଲମିରାରୁ ୧ ଲକ୍ଷ ୫୫ ହଜାର ଓ ଦେଢ କେଜି ପୁରୁଣା ରୁପା ଚୋରି ହୋଇଥିବା ଜଣାପଡିଥିଲା। ଏନେଇ ଥାନାକୁ ଜଣାଇବା ପରେ ଏସଆଇ ଅର୍ଜୁନ କଅଁର, ଏଏସଆଇ ପ୍ରମୋଦ କୁମାର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଛାତ ଉପର ଘର ଗ୍ରିଲ ଓ କବାଟ ଭାଙ୍ଗି ଘରକୁ ଦୁର୍ବୃତ୍ତମାନେ ପଶି ଚୋରି କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିପାରିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଶାଳୀ ସଙ୍ଗେ ଟାପରା**
**କରିଲୁ ଯଦି ସହେ**
**କାଲି ସଉଦା ଭାରି ଭଲ**
**ମାଗିଲେ ଯଦି ଦିଏ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଭିଣୋଇର ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଦୋକାନୀର ଯଦି କୌଣସି ଆପତ୍ତି କି ଅଭିଯୋଗ ନ ଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସତ କହିବି ନା ମିଛ କହିବି?**
**ନା ଯାହା ଅଙ୍ଗେ ନିଭେଇଛି ତାହା କହିବି ?**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶ୍ରେଷ୍ଠ କ୍ରୀଡାବିତ୍ ପୁରସ୍କାର ପାଇବେ ସୁନୀଲ

ଭଞ୍ଜନଗର,୧।୧୨(ଡି.ଏନ.ଏ.)



କ୍ରୀଡାବିତ୍ ସୁନୀଲ

ଭଞ୍ଜନଗର ବ୍ଲକ ମୁଜାଗଡର ପାରା ବ୍ୟାଡମିଣ୍ଟନ ଖେଳାଳି ସୁନୀଲ ପ୍ରଧାନ ଚଳିତ ବର୍ଷ ପୁରୁଷ ବର୍ଗରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହେବେ। ଏନେଇ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ପକ୍ଷରୁ ସୁନୀଲଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। କିନ୍ତୁ ତାଙ୍କ ପାଖରେ ଏହି ଖବର ପହଞ୍ଚି ପାରି ନ ଥିଲା। ଏହି ଖବର ଧରିତ୍ରୀ ପ୍ରତିନିଧୀଙ୍କ ମାଧ୍ୟମରେ ଜାଣିବା ପରେ ସୁନିଲ ଖୁସିବ୍ୟକ୍ତ କରିଛନ୍ତି। ସୁନିଲ ୨୦୧୭ରେ ବ୍ୟାଙ୍କକକ୍‌ରେ ଅନୁଷ୍ଠିତ ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ଆନ୍ତର୍ଜାତିକ ପ୍ରତିଯୋଗୀତା ପୁରଷ ଡବଲ୍ସରେ ସିଲଭର ମେଡାଲ ପାଇଥିଲେ। ଏହାପୂର୍ବରୁ ୨୦୦୯ରେ ବାଙ୍ଗାଲୁରୁରେ ଅନୁଷ୍ଠିତ ଆଇଡବ୍ଲୁଏଏସ୍ ବିଶ୍ୱ ଗେମ୍‌ରେ ଭାଗ ନେଇଥିଲେ। ଏଥିସହ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସୁନିଲ ଗୌରବ ଆଣିଛନ୍ତି। ଏନେଇ ସୁନିଲ କହିଛନ୍ତି, ୨୦୦୬ରେ ରେଭେନ୍ସା କଲେଜରେ ଯୁକ୍ତ୨ କଳାରେ ପଢୁଥିବା ବେଳେ ଜଣେ ସାର୍ ଶିବ ପ୍ରସାଦ ଦାସଙ୍କ ସହ ହଠାତ୍ ଦେଖା ହେଲା। ଏହାପରେ ସେ ମୋତେ ପାରା ବ୍ୟାଡମିଣ୍ଟନ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଆଗକୁ ବଢ଼ିବାରେ ଲାଗିଛି। ପାରା ବ୍ୟାଡମିଣ୍ଟନରେ ବିଶ୍ୱ ଚାମ୍ପିୟନ ହେବା ମୋର ଲକ୍ଷ୍ୟ।

# ସାଉଦି ଆରବରେ ଓଡ଼ିଆ ଶ୍ରମିକ ମୃତ

ବ୍ରହ୍ମପୁର ଅଫିସ,୧।୧୨

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଞ୍ଚାୟତ ବଣଶୋଲା ଗାଁର ଜଣେ ଓଡ଼ିଆ ଶ୍ରମିକ ସାଉଦୀ ଆରବରେ ମୃତ ବରଣ କରିଛନ୍ତି। ସେ ହେଲେ କେ. ଗୋପାଳ (୫୦)। ୧୫ ଦିନ ହେଲା ଶ୍ରମିକ ଜଣକଙ୍କ ମୃତ୍ତୁ ଘଟିଥିଲେ ମଧ୍ୟ ଏ ଯାଏ ମୃତଦେହ ଗାଁକୁ ଫେରି ନ ଥିବା ଜଣାପଡ଼ିଛି।

# ପୋଲିସ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସଭାରେ ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜି.ଉଦୟଗିରି,୧।୧୨(ଡି.ଏନ.ଏ.)

ଜି.ଉଦୟଗିରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବୁଧବାର ସନ୍ଧ୍ୟାରେ ଜି.ଉଦୟଗିରି ପୋଲିସ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜି.ଉଦୟଗିରି ପୋଲିସ ଏସଡିପିଓ ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜି.ଉଦୟଗିରି ଆଇଆଇସି ବାଳକୃଷ୍ଣ କହଁରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଳକୃଷ୍ଣଙ୍କୁ ସମ୍ବଲପୁର ବଦଳି ହୋଇଛି। ସଭାରେ ସ୍ଥାନୀୟ ତହସିଲଦାର ଭିକାରୀ ସାହୁ, ବିଡିଓ ମିତାଞ୍ଜଳି ଦାସ, ପାଟନାଗଡ଼ ଏସ୍‌ଡିପିଓ ଶେଷଦେବ ବରିହା, ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବିଜୟ କୁମାର ରାୟ, ଏନଏସି ଅଧ୍ୟକ୍ଷ ପି. ସଞ୍ଜୀବ କୁମାର ପାତ୍ର, ସଞ୍ଜୀବ କୁମାର ମହାପାତ୍ର ଆଇଆଇସିଙ୍କ ଗୁଣାବଳୀ ସମ୍ପର୍କରେ କହିଥିଲେ। ରାଇକିଆ, ଟିକାବାଲି, ସାରଙ୍ଗଗଡ଼, ଚକାପାଦର ଆଇଆଇସିମାନଙ୍କ ସମେତ ସହରର ସଚେତନ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ମହିଳା କର୍ମକର୍ତ୍ତାମାନେ ଯୋଗଦେଇ ତାଙ୍କର ଶୁଭକାମନା କରିଥିଲେ। ଲକ୍ଷ୍ମଣ ସେଠୀ ଧନ୍ୟବାଦ ଦେଇଥିବା ବେଳେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ: ଶେରଗଡ ଛାତ୍ର ତୃତୀୟ

ଶେରଗଡ,୧।୧୨(ଡି.ଏନ୍.ଏ.)

ଭୁବେନେଶ୍ୱର ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗୀତାରେ ଶେରଗଡ ଆଦର୍ଶ ବିଦ୍ୟାଳୟ ଛାତ୍ର ରୁଦ୍ରନାରାୟଣ ପ୍ରଧାନ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରସ୍କାର ପ୍ରଦାନ ସମୟରେ ବିଦ୍ୟାଳୟର ଓଡିଆ ଶିକ୍ଷକ ରୁଦ୍ର ନାରାୟଣ ପ୍ରଧାନ ଏହି ପୁରସ୍କାର ସହ ମାନପତ୍ର ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବା ଯୋଗୁ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତିରଞ୍ଜନ ବେହେରା ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ, ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ଏଟିଏମ୍ ଠକେଇ

ଆସିକା,୧।୧୨(ଡି.ଏନ୍.ଏ.)

ଆସିକା ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ ଏଟିଏମ୍ କାଉଣ୍ଟରରେ ଶନିବାର ଜଣେ ମହିଳା ଲୁଟେରାଙ୍କ ଶିକାର ହୋଇଛନ୍ତି। ପଙ୍କଲବାଡି ଗ୍ରାମର ମହିଳା ଜଣକ ଟଙ୍କା ଉଠାଇବାକୁ ଆସି ଜଣେ ଯୁବକଙ୍କୁ ସହାୟତା ମାଗିବାରୁ ସେ ଟଙ୍କା ଉଠୁ ନ ଥିବା କହି କାର୍ଡ ଫେରାଇ ଦେଇଥିଲେ। ପରେ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଉଠାଣ ହୋଇଥିବା ଜାଣି ଅଭିଯୋଗ କରିବାରୁ ନଂ. ୩୮୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ସନ୍ତୋଷ କୁମାର ସୂଚନା ଦେଇଛନ୍ତି।


**Government of Odisha**
**AGRICULTURE AND FARMERS' EMPOWERMENT DEPARTMENT**
**VEHICLE FOR AUCTION SALE**

No.112-L:- Bhubaneswar, Dated 28.11.2018

No. of II(V) 41/2018/21299/Ag. & F.E., Sealed tenders in plain paper/pad are invited by the undersigned for auction to one Jeep bearing Registration No. OR-02 N 7800 in the upset price Rs.25,000/-.

The intending bidder may inspect the vehicles parked in the Secretariat premises of Krushi Bhawan, Gopabandhu Marg, Bhubaneswar in between 11.00 A.M. to 3.00 P.M. in any working days before submitting the tender. The tender should accompany earnest money deposit of Rs.2,000/- (Rupees two thousand) only in shape of Bank Draft in favour of D.D.O.-cum-Under Secretary to Government, Agriculture and Farmers' empowerment Department payable at UCO Bank, Odisha Secretariat Branch, Bhubaneswar which will be refunded to the tenderers whose tenders are not accepted (except in case of the successful bidders).

The tender/bid should reach the undersigned by 15.12.2018 upto 3.00 P.M. at the latest and tenders received shall be opened before the Additional Secretary to Government, Agriculture and Farmers' Empowerment Department in charge of O.E. Section at 4.00 P.M. on 15.12.2018 in the presence of tenderers of their authorized representative. If this day is declared later as a Government Holiday, then the tenders will be received and opened on the next working day as per the scheduled time.

The highest tender/bidder whose tender will be accepted shall deposit immediately 25% of the offered amount as initial deposit. He shall deposit the balance amount within seven days of the deposit of the initial amount. In case he fails to make deposit of the total amount as per the tender within the stipulated time, the deposit including the earnest money shall be forfeited.

The successful bidder shall take permission and remove the vehicle from Krushi Bhawan premises within 2 days of deposit of the total bid amount. On failure to remove the vehicle within the aforesaid time, ground rent @ 1% of the tender amount shall be charged for each day or part of the day till removal of the vehicle from the aforesaid site. If the ground rent so charged exceeds the sale price deposit then the tenderer shall cease to have any right on the vehicle & the amount deposited by him shall be adjusted towards ground rent.

The authority reserves the right to reject any or all tenders without assigning any reason thereof.

**Sd./- Deputy Secretary to Government**

01001/11/0010/1819

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISTULA)
ମଳକଣ୍ଟକ (FISSURE)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ। ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: କଂସାମାରି ଗ୍ରାମ ବିଜୟୀ

**ଦିଗପହଣ୍ଡି/ପାଟପୁର,୧।୧୨(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ହାଟପଦା ସବ୍‌ଜେଲ ସମ୍ମୁଖ ପଡ଼ିଆରେ ଚାଲିଥିବା ମା' ଝଙ୍କଡ଼େଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ମ୍ୟାଚ୍‌ରେ କଉଡ଼ିଆ ଗ୍ରାମ କ୍ରିକେଟ ଟିମକୁ ହରାଇ କଂସାମାରି ଗ୍ରାମ କ୍ରିକେଟ ଟିମ ବିଜୟୀ ହୋଇଛି। ଗୌତମୀ ଗ୍ରାମ କ୍ରିକେଟ ଟିମ ଅନୁପସ୍ଥିତ ଥିବାରୁ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟାର୍ଦ୍ଧ ମ୍ୟାଚ୍‌ରେ ପ୍ରତିପକ୍ଷ ଜିଉରା ଗ୍ରାମ କ୍ରିକେଟ ଟିମକୁ ବିଜୟୀ ଘୋଷଣା କରାଯାଇଥିଲା । ମୋହନ ଦୋରା ଓ କିଷନ ଦୋରା ମ୍ୟାଚ୍‌ର ଅମ୍ପାୟରିଂ କରିଥିଲେ । ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସାହାସପୁର, ହାଟପଦା ଗ୍ରାମର ମା' ଝଙ୍କଡ଼େଶ୍ୱରୀ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ଚିନିଶିଳ୍ପରେ ଜଳସେଚନ ସମ୍ପର୍କରେ ବୈଠକ

**ଆସିକା,୧।୧୨(ଡି.ଏନ୍.ଏ.):** ଆସିକା ସମବାୟ ଚିନିଶିଳ୍ପରେ ଆସନ୍ତା ଆଖୁପେଡା ଋତୁଲାଗି ଗଞ୍ଜାମ ଜିଲାର ୧୬ଟି ବ୍ଲକରେ ସମୁଦାୟ ୬ହଜାର ୫ଶହ ଏକର ଜମିରେ ଆଖୁଚାଷ ଲାଗି ପଦକ୍ଷେପ ନିଆଯାଇଛି। ନୂଆ ଆଖୁ ଏପ୍ରିଲ୍ ମାସ ପର୍ଯ୍ୟନ୍ତ ଲାଗିବ। ଆଖୁଚାଷ ଲାଗି ଜଳସେଚନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଜମିରେ ପର୍ଯ୍ୟାପ୍ତ ଜଳ ଯୋଗାଣ ନିମନ୍ତେ ଶୁକ୍ରବାର ଚିନିଶିଳ୍ପ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାରଖାନାର ଆଖୁ ପରିଚାଳକ ଭଗବାନ ପଣ୍ଡା ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଆଖୁ ପରିଦର୍ଶକ ଏବଂ ଆଖୁଚାଷ ପରିସରଭୁକ୍ତ ସୋରଡା, ଭଞ୍ଜନଗର, ଡହ, ବାଘୁଆ, ସାଲିଆ ଆଦି ଡ୍ୟାମର କାର୍ଯ୍ୟକର୍ତ୍ତା, ଜଳସମ୍ପଦ, କ୍ଷୁଦ୍ର ଜଳସେଚନ, ମଧ୍ୟମ ଜଳସେଚନ ଓ ଉଠା ଜଳସେଚନ ବିଭାଗର ବିଭାଗୀୟ ଅଧିକାରୀମାନେ ସାମିଲ୍ ଥିଲେ। ଏପ୍ରିଲ୍ ଓ ମେ ଦୁଇମାସ ମଧ୍ୟରେ ୧୫ଦିନ ବ୍ୟବଧାନରେ ଥରେ ଲେଖାଏ ଏହିଭଳି ୪ ଥର ପର୍ଯ୍ୟାପ୍ତ ଜଳ ଯୋଗାଣର ଆବଶ୍ୟକତା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ତେବେ ଅଧିକାରୀମାନେ ଆବଶ୍ୟକୀୟ ଜଳଯୋଗାଣ ପୂର୍ବକ ଆଖୁଚାଷ ଲାଗି ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ବୋଲି ସମ୍ମତି ପ୍ରକାଶ କରିଥିବା ଆଖୁ ପରିଚାଳକ ପଣ୍ଡା ସୂଚନା ଦେଇଛନ୍ତି।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଗୋପାଳପୁର,୧।୧୨:** ରଙ୍ଗେଇଲୁଣ୍ଡା ବ୍ଲକର ୨ଟି ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସିଏଚ୍ ଉଷାରାଣୀ, ଅଜିତ କୁମାର ଦାଶ ଯୋଗ ଦେଇଥିଲେ। ତେରପେଣ୍ଠ ଗ୍ରାମର କୋଠଘର ପାଇଁ ଶିଳାନ୍ୟାସ ଓ କେଲୁଆପଲ୍ଲୀରେ ଗ୍ରାମପଞ୍ଚାୟତ କୋଠା ଓ ଅଙ୍ଗନୱାଡି କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ଏସ. ଶ୍ରୀନୁ ରେଡ୍ଡୀ, ସିଏଚ୍ ଭରତ ରେଡ୍ଡୀ, ପ୍ରକାଶ ଚନ୍ଦ୍ର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜ୍ଞାନ ମେଳା

**ହିଞ୍ଜିଳିକାଟୁ/ପାତ୍ରପୁର, ୧।୧୨(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକର ସ୍କୁଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପୋଡିଙ୍ଗୀ ଶ୍ୟାମଳାଇ ଉଚ୍ଚ ବିଦ୍ୟାପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଇଓ ଉମା ଚରଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ଏବିଡିଓ ସୁଧୀର କୁମାର ପ୍ରଧାନ, ନିମାଇଁଚାନ୍ଦ ମହାପାତ୍ର ଓ ଶାନ୍ତିଲତା ମୁନି ଯୋଗଦେଇଥିଲେ। ପ୍ରଦର୍ଶନୀରେ ମୋଟ ୧୨୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେହିପରି ପାତ୍ରପୁର କରୁଣାକର ବିଦ୍ୟାପୀଠରେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ବିଡିଓ ସଞ୍ଜୀବ ରାଜ ସେନାପତି, ବିଇଓ କୁରେଶୁ ସେଠୀ, ଅତିରିକ୍ତ ଶିକ୍ଷାଅଧିକାରୀ ଜଗନ୍ନାଥ ଭୂୟାଁ ଓ ପ୍ରଫୁଲ କୁମାର ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦିଲୀପ ପଣ୍ଡା ଓ ବାଗାତି ନୀଳାଞ୍ଚଳ ବିଚାରପତି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ୧୦୯ ପ୍ରକଳ୍ପକୁ ଦେଖିଥିଲେ।

## ■ଦାରିଙ୍ଗବାଡି ବ୍ଲକରେ ୫୧୯ ଦିବ୍ୟାଙ୍ଗ ଛାତ୍ରୀଛାତ୍ର
# ନିୟମିତ ବିଦ୍ୟାଳୟ ଆଣିବାକୁ ପ୍ରଶାସନର ପ୍ରୟାସ

**ଦାରିଙ୍ଗବାଡ଼ି,୧।୧୨(ଡି.ଏନ୍.ଏ.)**

ଡିସେମ୍ବର ୩ ତାରିଖରେ ପାଳନ କରାଯିବ ବିଶ୍ୱ ଭିନ୍ନକ୍ଷମ ଦିବସ । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଉପକରଣ ବଣ୍ଟନ କରାଯାଉଛି। ଜଣେ ଦିବ୍ୟାଙ୍ଗ ଛାତ୍ର କୌଣସି ଗୁଣରେ କମ୍ ନୁହନ୍ତି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରାଯିବ ସେ ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅଭିଭାବକ ଏବଂ ସହପାଠୀଙ୍କୁ ତାଲିମ ଦିଆଯାଉଛି।

ଦାରିଙ୍ଗବାଡ଼ି ବ୍ଲକର ୨୫ ପଞ୍ଚାୟତରେ ଥିବା ୨୯୨ ବିଦ୍ୟାଳୟରେ ୨୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରେ ୫୧୯ ଦିବ୍ୟାଙ୍ଗ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଚଳିତ ବର୍ଷ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯିବ ଏବଂ ଲୋକଙ୍କୁ ସଚେତନ କରାଯିବା ପାଇଁ ଶୋଭାଯାତ୍ରା ଓ ବୈଠକ କରାଯିବା କାର୍ଯ୍ୟକ୍ରମ ରହିଛି। ଗତ ୪ ବର୍ଷର ରେକର୍ଡ଼ରୁ ଜଣାପଡ଼ିଛି ଯେ ବ୍ଲକ ଅଞ୍ଚଳର ୧,୦୬୨ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇ ମାଗଣାରେ ଉପକରଣ ଦିଆଯାଇଛି । ସେମାନଙ୍କ ମଧ୍ୟରେ


ଜଣେ ଦିବ୍ୟାଙ୍ଗ ଛାତ୍ରକୁ ସ୍କୁଲକୁ ନିଆଯାଉଛି।

ସର୍ବାଧିକ ଦୃଷ୍ଟିବାଧକ। ରେକର୍ଡ଼ ଅନୁସାରେ ୨୦୧୫ ଠାରୁ ୨୦୧୮-୧୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୭୫୩ ଛାତ୍ରୀଛାତ୍ର ଦୃଷ୍ଟିବାଧିତ ବୋଲି ଜଣାପଡିଛି। ସେମାନଙ୍କୁ ଚଷମା ପ୍ରଦାନ କରାଯାଇଛି। ସେହପରି ୧୭୨ ଛାତ୍ରୀଛାତ୍ରଙ୍କୁ ଟ୍ରାଇ ସାଇକେଲ ଏବଂ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ୧୩୭ ଜଣଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇଥିବା ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ କହଛନ୍ତି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ନେବା ଆଣିବା ପାଇଁ ଅଭିଭାବକ କିମ୍ବା ସହାୟକଙ୍କୁ ଭତ୍ତା ବାବଦକୁ ମୋଟ ୫୭ଜଣଙ୍କୁ ବାର୍ଷିକ ୩ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ସେହିପରି ବିଦ୍ୟାଳୟକୁ ନିୟମିତ ଯାନରେ ଯାତାୟତ ପାଇଁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯାଉଛି। ବ୍ଲକର ୪୯ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ୮୬ ଜଣ ବାଣିଶ୍ରୀ ବୃତ୍ତି ପାଉଛନ୍ତି। ସେ ବାବଦକୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ୨ ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଷଷ୍ଠ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ୨୫ଶହ ପର୍ଯ୍ୟନ୍ତ ଅର୍ଥରାଶି ଦିଆଯାଉଛି । ଏବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ନିୟମିତ ବିଦ୍ୟାଳୟକୁ ଆସିବାକୁ ଆଗ୍ରହ କରୁଥିବା ବିଆରସିସି ତଥା ଏବିଇଓ ସୁବାସିନୀ ଦିଗାଳ କହିଛନ୍ତି।

# ଛତ୍ରପୁରରେ ପଥ ମହୋତ୍ସବ

**ଛତ୍ରପୁର,୧।୧୨ (ଡି.ଏନ.ଏ.)**

ଛତ୍ରପୁର ଏନଏସି ପକ୍ଷରୁ ଶନିବାର ଅନସ୍ଲୋ ହାଇସ୍କୁଲ ନିକଟ ରାସ୍ତାରେ ପଥ ମହୋତ୍ସବ ଆୟୋଜିତ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସହରରକୁ ସୁନ୍ଦର, ଆଦର୍ଶ ଓ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଛୋଟ ପିଲାଙ୍କ ମନୋରଞ୍ଜନ କରିବା ସହ ଛତ୍ରପୁର ଜନସାଧାରଣଙ୍କ ଯେଉଁ ଦାବି ରହିଥିଲା, ତାହା ପୂରଣ ହୋଇଛି । ପଥ ମହୋତ୍ସବ ଆଗକୁ ମଧ୍ୟ ଜାରି ରହିବ ଏବଂ ଆମ ଛତ୍ରପୁର ଆମ ଗୌରବ ବୋଲି ବିଧାୟକ ପ୍ରଧାନ କହିଥିଲେ। ଏହି ଅବସରରେ ଏନଏସିର ନୂଆ ଲୋଗୋ ଉନ୍ମୋଚିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସାମଗ୍ରୀର ଷ୍ଟଲ ଖୋଲାଯାଇଥିଲା। ଛତ୍ରପୁରରେ ବସବାସ କରୁଥିବା ଲୋକମାନଙ୍କୁ ପରିମଳ ଓ ପରିବେଶ ସୁରକ୍ଷା ଆଦି ନେଇ ସଚେତନ କରାଇବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଥିଲେ। ଗଂଜାମ ଏସପି ବ୍ରିଜେଶ କୁମାର ରଏ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ପରିଷଦ ସଭାପତି ସୁବାସ ବେହେରା, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡୁଡା ପିଡି ସବ୍ୟସାଚୀ ହୋତା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ପଥ ମହୋତ୍ସବରେ ଉପସ୍ଥିତ ଅତିଥିମାନେ ।

# ଘର ଜମିପଟ୍ଟା ଦାବି ନେଇ ତହସିଲ ଘେରାଉ


ତହସିଲ କାର୍ଯ୍ୟାଳୟରେ ଭାଜପା ନେତା ଓ ଅଞ୍ଚଳବାସୀ।

**କୁକୁଡ଼ାଖଣ୍ଡି,୧।୧୨(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ଗ୍ରାମରେ ଇନ୍ଦିରା ଆବାସ କଲୋନି ୨୮ ବର୍ଷ ହେଲା ହୋଇଛି। ବାସହୀନ ଅସହାୟ ଲୋକ ଅନେକ ବର୍ଷ ଧରି ରହିଥିଲେ ମଧ୍ୟ ଘର ଜମିପଟ୍ଟା କରିବା ପାଇଁ ବହୁବାର କୁକୁଡ଼ାଖଣ୍ଡି ତହସିଲ ଅଫିସର ଦ୍ୱାରସ୍ଥ ହୋଇ ବିଫଳ ହେଉଥିଲେ। ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ସହଯୋଗ ମନୋବୃତ୍ତି ନେଇ ପ୍ରଶାସନ ନିକଟରେ ପଟ୍ଟା ପ୍ରଦାନ ଲାଗି ଦାବି ଉପସ୍ଥାପନ କରିବା ପାଇଁ ପଦକ୍ଷେପ ନେଉନଥିବା କୁକୁଡ଼ାଖଣ୍ଡି ଇନ୍ଦିରାବାସ ବାସିନ୍ଦା କହିଛନ୍ତି। ଫଳରେ ଏଠାର ଜନସାଧାରଣ ଓ ପିଲାଙ୍କ ଶିକ୍ଷା, ଚାକିରି ଓ ସରକାରୀ ସ୍ତରରେ ମିଳୁଥିବା ବିଭିନ୍ନ ସୁବିଧା ପାଇବା କଷ୍ଟକର ହେଉଥିବା କହିଛନ୍ତି। ଏଭଳି ସ୍ଥିତିରେ ଭାଜପା କର୍ମୀ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଉତ୍ତମ କୁମାର ପାଣିଗ୍ରାହି କିଛିଦିନ ତଳେ କୁକୁଡ଼ାଖଣ୍ଡି ଇନ୍ଦିରାବାସ କଲୋନିରେ ପହଞ୍ଚି ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ତାଙ୍କ ଆହ୍ୱାନକ୍ରମେ ବହୁ ମହିଳା ପୁରୁଷ ଏକତ୍ରିତ ହୋଇ ଘରଜମି ପଟ୍ଟା ପ୍ରଦାନ ପାଇଁ ଶୁକ୍ରବାର କୁକୁଡ଼ାଖଣ୍ଡି ତହସିଲ ଅଫିସ ଘେରାଉ କରିଥିଲେ। ଘର ଜମିପଟ୍ଟା ତୁରନ୍ତ ପ୍ରଦାନ ପାଇଁ ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦାବିପତ୍ର କୁକୁଡ଼ାଖଣ୍ଡି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମଣ୍ଡଳ ସଭାପତି ଗୋବିନ୍ଦ ବିଷୋୟୀ, କେ. ଫିରୋଜ ରାଓ ଉପସ୍ଥିତ ଥିଲେ।

# ଅଖଣ୍ଡ ଶ୍ରୀହରିନାମ ମହାଯଜ୍ଞର ବାର୍ଷିକୋତ୍ସବ

**ବେଗୁନିଆପଡ଼ା,୧।୧୨(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକର କେ.ବରିଡ଼ାସ୍ଥିତ ଅମରେଶ୍ୱର ମହାପ୍ରଭୁଙ୍କ ମନ୍ଦିର ପରିସରରେ ଅଖଣ୍ଡ ଶ୍ରୀହରିନାମ ମହାଯଜ୍ଞର ଷୋଡ଼ଶ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଲଳିତ ମୋହନ ପଟ୍ଟନାୟକ ଯୋଗ ଦେଇଥିଲେ । ୨୦୧୭ ଡିସେମ୍ବରରୁ ୨୦୧୮ ନଭେମ୍ବର ମଧ୍ୟରେ ଅଖଣ୍ଡ ନାମର ହିସାବ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ପ୍ରଦାନ କରିଥିଲେ, ଅମରେଶ୍ୱର ମନ୍ଦିର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ମନ୍ଦିରର ଆୟ ବ୍ୟୟ ପ୍ରଦାନ କରିଥିଲେ। ସଭାପତି କାଶିନାଥ ବେହେରା ଅତିଥିଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବୈଠକରେ କେ.ବରିଡ଼ା, ଏସ. ଛଟିନା, ବେଲପଡ଼ା, ଉଜ୍ୱଳପଲୀ, ଡୁମ୍ବୁଡ଼ା, ମାଗୁରା, ମଠବରିଡ଼ା, ନିମିନା, ବିରିବାଟିଆ ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମର ଭକ୍ତମାନେ ଯୋଗ ଦେଇଥିଲେ ।

# ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଦିଗପହଣ୍ଡି/ପାଟପୁର, ୧।୧୨(ଡି.ଏନ.ଏ.)**

ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଶୁକ୍ରବାର ବିଭିନ୍ନ ଗ୍ରାମର ବହୁ ଜନକଲ୍ୟାଣ ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ କରିଥିଲେ। ଖଲିଙ୍ଗୀ ଗ୍ରାମରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର, ବିଜୁ କଲ୍ୟାଣ ମଣ୍ଡପକୁ ବିଧାୟିକା ଉଦ୍‌ଘାଟନ କରିବା ପରେ ଆଡ଼ପଡ଼ା ଗ୍ରାମରେ ପହଞ୍ଚିଥିଲେ। ଅପରାହ୍ନରେ ବିଧାୟିକାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆମ ଗାଁ ଆମ ବିକାଶ ଯୋଜନାରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର, ବିଜୁ ଉଦ୍ୟାନ କେନ୍ଦ୍ର, ଠାକୁରାଣୀ ମନ୍ଦିର ରୋଷଘର, ପାଠାଗାର ଓ ସୂଚନା କେନ୍ଦ୍ର, ଅତିରିକ୍ତ ବିଦ୍ୟାଳୟ କୋଠା, ବିଜୁ କଲ୍ୟାଣ ମଣ୍ଡପ ସମେତ ପେଣ୍ଠୁରାଲୁଣ୍ଡି ଗ୍ରାମରେ ଗଣେଷପେଣ୍ଠ କୋଠଘରର ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସହଦେବ ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ଗୋଲାପି ସେଠୀ, ମାଧବ ରାଉତ, ସମିତିସଭ୍ୟ ସୁରେନ୍ଦ୍ର ବାରିକ, ମୁରଲୀ ପ୍ରଧାନ, ଡାକ ରାଉତ, ହଂସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟିକା ପାଠାଗାର ତଥା ସୂଚନା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା, ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ

**ଛତ୍ରପୁର,୧।୧୨(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ଟାଙ୍ଗଣପଲ୍ଲୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଓ ଅବିନାଶ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ ଯୋଗଦେଇ ମେଳା ଉଦଘାଟନ କରିଥିଲେ । ମୋଟ ୨୧୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି, ରାମକୃଷ୍ଣ ରାଓ, ପଦ୍ମ ଭୂଷଣ ମାଝି, ସୁବାସ ପ୍ରଧାନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ହାଇସ୍କୁଲ ସ୍ତରରେ ଅନସ୍ଲୋ ହାଇସ୍କୁଲର ଗାୟତ୍ରୀ ଶତପଥୀ, ପୋଡାପଦର ହାଇସ୍କୁଲର ଶୁଭମ ମହାରଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟର ସାହିଲ ମିଶ୍ର, ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପୁତିଗୋପାଳପୁର ସ୍କୁଲର ହିମାଂଶୁ ସାହୁ ପ୍ରଥମ ହୋଇଛନ୍ତି। ଏମାନେ ଜିଲା ସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବେ ।

**ଭଞ୍ଜନଗର:** ଭଞ୍ଜନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅନିଲ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ନେତା ସନ୍ତୋଷ ଜେନା ଅତିଥି ଭାବେ


ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲରେ ବିଚାରକ ମଣ୍ଡଳୀ ପ୍ରକଳ୍ପ ଗୁଡିକ ବୁଲି ଦେଖୁଛନ୍ତି।

ଉପସ୍ଥିତ ଥିଲେ। ବିଚାରକ ଭାବେ ଅଧ୍ୟାପିକା ସୁନିତାରାଣୀ ଖଣ୍ଡୁଆଳ, ତନୁଜା ପୂଜାରୀ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ଜେନା ଯୋଗ ଦେଇଥିଲେ।

**ପୋଲସରା:** ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଜ୍ଞାନ ମେଳାକୁ ବିଡିଓ ଶମ୍ଭୁନାଥ ନନ୍ଦି ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକ ଅଞ୍ଚଳରୁ ୯୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପୋଲସରା ବିଜ୍ଞାନ କଲେଜର ବାଲରାଜୁ ପାତ୍ର, ରୋଜିତା ମିଶ୍ର ଓ ବର୍ତ୍ତିନୀ ବିଜ୍ଞାନ କଲେଜର ମନୋଜ କୁମାର ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ।

**ଗଞ୍ଜାମ:** ଗଞ୍ଜାମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଭାରତୀ ବିଦ୍ୟାପୀଠ ପରିସରରେ ହୋଇଥିଲା। ବିଡିଓ ଜ୍ୟୋତି ଶଙ୍କର ରାଏ ଏହାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବ୍ରହ୍ମପୁର ବଡ଼ ମେଡିକାଲ ଡାକ୍ତର ସୁବାସ ଚନ୍ଦ୍ର ସାହୁ, ହୁମ୍ମା ବୀରଭଦ୍ର ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଖାଡ଼ଙ୍ଗା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କବିରାଜ ଦାସ, ଶୁବଳୟା କଲେଜ ଅଧ୍ୟାପିକା ଅନିତା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସିଆରସିସି ବିପ୍ର ଚରଣ ସାହୁ ଓ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଠାରେ ୧୫୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

**ଦିଗପହଣ୍ଡି:** ପଦ୍ମନାଭପୁର ନୋଡାଲ ହାଇସ୍କୁଲ ପରିସରରେ ଦିଗପହଣ୍ଡି ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଇଓ ବସନ୍ତ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହାଇସ୍କୁଲ ପରିଚାଳନା କମିଟି ସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବ୍ଲକ ଶିକ୍ଷାଧିକାରୀ ଅଧ୍ୟକ୍ଷତା କରିଥିଲେ। ବିଡିଓ ହଳଧର ଶବର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦାମ ଦାସ, ବାଳା ମାଝି, ବିଶ୍ରବା ପାଇକ, ଜେ. ଭାଗ୍ୟଲକ୍ଷ୍ମୀ ପାତ୍ର, ବସନ୍ତ ନାୟକ, ସୁରେନ୍ଦ୍ର ରେଡ୍ଡୀ, ଗୋଷ୍ଠୀ ସାଧନ କର୍ମୀ ଜେ. ଶ୍ରୀହରି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ଲକର ୧୦୩ଟି ବିଦ୍ୟାଳୟର ୧୪୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଅଧ୍ୟାପକ ହିମାଂଶୁ ମିଶ୍ର, ଅବିନାଶ ପାଢ଼ୀ, ବାଲାଜୀ ଶଙ୍କର ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ।

**ଚିକିଟି:** ଚିକିଟିଗଡସ୍ଥିତ ରାଜକବି ରାଧା ମୋହନ ବିଦ୍ୟାପୀଠ ପରିସରରେ ବିଜ୍ଞାନ ମେଳାକୁ ବିଡିଓ ଫାଲଗୁନ୍ ମାଝି ଉଦଘାଟନ କରିଥିଲେ। ଏଠାରେ ୧୯୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। **ଆସିକା:** ଦେବଭୂମିସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ଆସିକା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ୧୦୩ ପ୍ରକଳ୍ପ ସ୍ଥାନ ପାଇଥିଲା। ଦେବଭୂମି ହାଇସ୍କୁଲ ଛାତ୍ର ବିବେକାନନ୍ଦ ନାୟକ, ମୁନିଗାଡି ହାଇସ୍କୁଲ ଛାତ୍ରୀ ସ୍ୱର୍ଣ୍ଣଲତା ସେଠୀ ଓ ଜଗନ୍ନାଥପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଶମ୍ଭୁହର ଗୌଡଙ୍କ ପ୍ରକଳ୍ପ ପ୍ରଥମ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ମେଜର୍ ଶଙ୍କର ପ୍ରସାଦ ଅଧିକାରୀ, ଏଲ୍, ଭାନୁଚନ୍ଦ୍ର ରାଓ, ଜୟରାମ ସ୍ୱାଇଁ ଓ ଜଗନ୍ନାଥ ଜେନା ଯୋଗଦେଇଥିଲେ। ବିଇଓ କୃତିବାସ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍ଞାନ ମେଳାକୁ ଆସିକା ବିଧାୟକ ଦେବରାଜ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୃଷକେତୁ ଦାସ, ଜିଲାପରିଷଦ ସଦସ୍ୟ ଗୌରହରି ବେହେରା ପ୍ରମୁଖ ଯୋଗଦେଇଥିଲେ।

# ପରିସଲ ପଞ୍ଚାୟତ ଅଫିସ ଉଦ୍‌ଘାଟନରେ ବିଳମ୍ବ

## ହଇରାଣ ହେଉଛନ୍ତି ଅଙ୍ଗନୱାଡି ଶିଶୁ

**ରାମଗିରି,୧।୧୨(ଡି.ଏନ.ଏ.)**

ପଞ୍ଚାୟତ ପୁର୍ନଗଠନରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରଣ୍ଡିବା ଗ୍ରାମପଞ୍ଚାୟତକୁ ଭାଗ କରି ପରିସଲ ଓ ଆଖପାଖ ଗ୍ରାମକୁ ନେଇ ପରିସଲ ପଞ୍ଚାୟତ ଗଠନ ହେଲା। ନୂତନ ସରପଞ୍ଚ ଓ ସମିତିସଭ୍ୟା, ସଭ୍ୟ ନିର୍ବାଚିତ ହେଲେ। ୩୫ ଲକ୍ଷ ବ୍ୟୟ ଅଟକଳରେ ପଞ୍ଚାୟତ ଅଫିସ ନିର୍ମାଣ ପାଇଁ ଠିକାଦାର ନରସିଂହ ପାଣିଗ୍ରାହୀଙ୍କୁ କାର୍ଯ୍ୟାଦେଶ ଦିଆଗଲା। ୪ ମାସ ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଥିବାବେଳେ ୬ମାସରେ କାମ ସରିଲା। ବର୍ତ୍ତମାନ ମଧ୍ୟ ୬ ଲକ୍ଷ ବକେୟା ରହିଛି। ଗ୍ରାମ ରୋଜଗାର ସେବକ ଏମଜିଏନଆରଇଜିଏସରେ ହୋଇଥିବା କାମ ଗୁଡ଼ିକର ତାଲିକା ଠିକାଦାରଙ୍କୁ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ପଞ୍ଚାୟତ ଅଫିସ୍ ଉଦ୍‌ଘାଟନରେ ଯେତିକି ବିଳମ୍ବ ଘଟୁଛି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। କାରଣ ଅଙ୍ଗନୱାଡ଼ି କେନ୍ଦ୍ରର ଗୋଟିଏ କୋଠରୀରେ ପଞ୍ଚାୟତ ଅଫିସ ଚାଲୁଛି। ଏ ସମ୍ପର୍କରେ ଆର.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦିପ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଲେ ସଠିକ୍ ତଥ୍ୟ ମିଳିପାରିବ। ରୋଜଗାର ସେବକ କଣ ପାଇଁ ଠିକାଦାରଙ୍କୁ ଏମଜିଏନଆରଇଜିଏସର ତାଲିକା ଦେଉନାହାନ୍ତି ବୋଲି ପଚାରିବାରୁ ମୁଁ ବାହାରେ ଅଛି ଗଲେ ବୁଝିବି ବୋଲି କହିଥିଲେ।



ପରିସଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ।

# ଏବେ ପିକ୍‌ନିକ୍ ଟାଇମ୍

**ସରି ଆସୁଛି ବର୍ଷା ଏବେଠୁ ନୂଆ ବର୍ଷ ଆରମ୍ଭର ବେଶ୍ କିଛିଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜମିବ ପିକ୍‌ନିକ୍‌ର ଆସର। ଯେଉଁଥିପାଇଁ ଯୁବପିଢ଼ିଙ୍କର ବଢ଼ିବାରେ ଲାଗିଛି ଉତ୍କଣ୍ଠା। ଆଉ ମେନ୍ୟୁର ଲିଷ୍ଟ କରିବା, ପିକ୍‌ନିକ୍ ସ୍ପଟ୍ ବାଛିବା, ଡେଟ୍ ଫାଇନାଲ କରିବା, ଭୋଜିରେ ହେବାକୁ ଥିବା ଆଇଟମ୍‌ଠାରୁ ଆରମ୍ଭ କରି ଟଙ୍କା କଲେକ୍ସନ୍ ପର୍ଯ୍ୟନ୍ତ ଆରମ୍ଭ ହୋଇଯାଇଛି ପ୍ଲାନିଂ...**





ପିକ୍‌ନିକ୍ ସିଜନ୍ ପାଖେଇ ଆସିଲେ ଖୁସିରେ ଯୁବପିଢ଼ିଙ୍କ ପାଦ ତଳେ ଲାଗେନି। ସାଙ୍ଗସାଥୀଙ୍କ ସହ ଥଣ୍ଡାଥଣ୍ଡା ପାଗରେ ନୂଆ ଜାଗା ବୁଲିଯିବା, ମଜାମସ୍ତିରେ ଭୋଜି କରି ଖାଇବା ସହ କିଛି ସୁନ୍ଦର ଅନୁଭୂତି ସାଉଁଟିବାକୁ ସେମାନେ ହୋଇ ଉଠନ୍ତି ତତ୍ପର। କିଭଳି ପିକ୍‌ନିକ୍‌କୁ ସ୍ପେଶାଲ କରିବେ ଏବଂ ବିଭିନ୍ନ ପୋଜ୍‌ରେ ଫଟୋ କିମ୍ବା ଭଲଭଲ ଭିଡିଓ କରିବେ, ତାକୁ ନେଇ ମଧ୍ୟ ପୂର୍ବରୁ ହୋଇଯାଏ ପ୍ଲାନିଂ। ତେବେ ଏସବୁ ମଜାମସ୍ତି ଆଳରେ କେତେକ ସାମାନ୍ୟ ଅସାବଧାନତା ସମ୍ପୂର୍ଣ୍ଣ ପିକ୍‌ନିକ୍‌କୁ ବିଗାଡ଼ି ଦେଇପାରେ। ତେଣୁ କେଉଁ ସବୁ ଦିଗ ପ୍ରତି ଗୁରୁତ୍ୱ ଦେଲେ ପିକ୍‌ନିକ୍ ନା କେବଳ ନିରାପଦ ହେବ ବରଂ ଅଧିକ ସ୍ମରଣୀୟ ହୋଇପାରିବ ଜାଣିରଖନ୍ତୁ ସେ ସମ୍ପର୍କରେ...

– ପ୍ରଥମ କଥା ହେଉଛି ପିକ୍‌ନିକ୍ ଯିବା ପୂର୍ବରୁ ଉକ୍ତ ସ୍ଥାନ ସମ୍ପର୍କରେ ଭଲ ଭାବେ ଜାଣି ରଖନ୍ତୁ। ଯାତାୟାତ ସୁବିଧା ମଧ୍ୟ ଦେଖିନିଅନ୍ତୁ। ନିଜ ପରିବାର ସଦସ୍ୟଙ୍କୁ ପିକ୍‌ନିକ୍ ସ୍ପଟ୍ ସହ ଯାଉଥିବା ଗାଡି ନମ୍ବର, ଡ୍ରାଇଭର ଏବଂ ସାଙ୍ଗରେ ଯାଉଥିବା ଅନ୍ୟ ସଦସ୍ୟଙ୍କ ନମ୍ବର ବି ଦେବାକୁ ଭୁଲନ୍ତୁ ନାହିଁ।

– ମୋବାଇଲର୍ ଚାର୍ଜ ଫୁଲ୍ ରଖନ୍ତୁ। ଟଙ୍କା, ମୋବାଇଲ୍, କ୍ୟାମେରା ଭଳି ସାମଗ୍ରୀ ଯେପରି ନ ହଜେ କିମ୍ବା ଚୋରି ନ ହୁଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।

– ହିଲ୍‌ଷ୍ଟେଶନ୍‌କୁ ପିକ୍‌ନିକ୍ ପାଇଁ ଯାଇଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।

– ଗାଡ଼ି ଭିତରେ ହେଉ କିମ୍ବା ସ୍ପଟ୍‌ରେ ଡ୍ୟାନ୍ସ କରିବା ପିକ୍‌ନିକ୍‌ର ମଜା ବଢ଼ାଇଥାଏ ସତ! ହେଲେ ପିକ୍‌ନିକ୍ ଗାଡ଼ି ଭିତରେ ଖୁବ୍ ଜୋର୍‌ରେ ମ୍ୟୁଜିକ୍ ଲଗାଇବା ଦ୍ୱାରା ଡ୍ରାଇଭରଙ୍କୁ ବାହାର ଗାଡିର ଶବ୍ଦ ନ ଶୁଣାଯିବା କାରଣରୁ ହେଉ କିମ୍ବା ଗାଡ଼ି ଭିତରେ ନାଚିବା ଦ୍ୱାରା ଏହା ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସଜାଗ ରହିବା ଆବଶ୍ୟକ।

– ବର୍ତ୍ତମାନ ପ୍ରାୟ ଅଧିକାଂଶ ପିକ୍‌ନିକ୍ ସ୍ପଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇଛି। ତେଣୁ ବଣଭୋଜି ସରିବା ପରେ ଅଇଁଠା ପ୍ଲେଟ୍, ଗ୍ଲାସ୍, ପାଣି ବୋତଲ ଏଣେତେଣେ ନ ଫିଙ୍ଗି ନିକଟରେ ଡଷ୍ଟବିନ୍‌ରେ ପକାନ୍ତୁ। ଡଷ୍ଟବିନ୍ ନ ଥିଲେ ସେସବୁକୁ ଏକାଠି କରି କୌଣସି ଚଳପ୍ରଚଳ ନ ଥିବା କଡରେ ପକାନ୍ତୁ, ଯେପରି ପିକ୍‌ନିକ୍ ସ୍ଥଳ ଅପରିଷ୍କାର ନ ହୁଏ।

– ପରିବେଶ ପ୍ରଦୂଷଣ କରୁଥିବା ଭଳି ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍ ଆଦି ମଧ୍ୟ ବ୍ୟବହାର କରନ୍ତୁ ନାହିଁ କିମ୍ବା ପିକ୍‌ନିକ୍ ସ୍ଥଳରେ ଏସବୁକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ। କାରଣ ଏହାଦ୍ୱାରା କେବଳ ପ୍ରଦୂଷଣ ନୁହେଁ, ବରଂ ଧରାପଡିଲେ ଆଇନ ଉଲ୍ଲଙ୍ଘନ ଅପରାଧରେ ଆପଣଙ୍କୁ ଜରିମାନା କିମ୍ବା ଦଣ୍ଡ ମଧ୍ୟ ମିଳିପାରେ।

– କେତେକଙ୍କ ମନରେ ଏକ ଧାରଣା ଥାଏ ଯେ ଭଲଭଲ ଖାଦ୍ୟ ଖାଇବା ପରେ ଟିକେ ମଦ ନ ହେଲେ ପିକ୍‌ନିକ୍‌ର ମଜା ଅଧୁରା। ଖାଲି ଏତିକି ନୁହେଁ, ଏଞ୍ଜୟମେଣ୍ଟ ଆଳରେ ସେମାନେ ନିଜ ହିତାହିତ ଜ୍ଞାନ ଭୁଲିଯାଇ ପିକ୍‌ନିକ୍ ସ୍ଥଳରେ ଭଙ୍ଗା କାଚ ବୋତଲ ମଧ୍ୟ ଫିଙ୍ଗିଥା'ନ୍ତି କିମ୍ବା ଅଯଥା ଗଣ୍ଡଗୋଳ କରି ଅନ୍ୟମାନଙ୍କୁ ମଧ୍ୟ ହଇରାଣ କରିଥା'ନ୍ତି। ହେଲେ ମନେରଖିବା ଉଚିତ ଯେ, ପର୍ଯ୍ୟଟନ ସ୍ଥଳକୁ ସଫା ରଖିବା ଆମର କର୍ତ୍ତବ୍ୟ। କାରଣ ଏହା ହିଁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ତା'ଛଡା ଭଙ୍ଗା କାଚବୋତଲ ଯୋଗୁ ପରବର୍ତ୍ତୀ ସମୟରେ ସେଠାକୁ ଆସୁଥିବା ଅନ୍ୟ ଦଳଗୁଡ଼ିକୁ ଆଘାତ ବି ଲାଗିପାରେ। ତେଣୁ ଏସବୁଠାରୁ ଦୂରେଇ ରୁହନ୍ତୁ। ମନେରଖନ୍ତୁ କେବଳ ପିକ୍‌ନିକ୍ ସ୍ଥଳରେ ନୁହେଁ, ଗାଡ଼ିରେ ଯିବା ସମୟରେ ମଧ୍ୟ ମଦ କି ନିଶାଦ୍ରବ୍ୟ ସେବନ କରି ଡ୍ୟାନ୍ସ କରନ୍ତୁ ନାହିଁ, ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ରହିଛି।

– ଯଦି ପିକ୍‌ନିକ୍ ସ୍ଥଳରେ କାଠ୍‌ଚୁଲାରେ ରୋଷେଇ କରିବାର ପ୍ଲାନିଂ ଥାଏ, ତେବେ ରୋଷେଇ ସରିବା ପରେ ଅଧାଜଳା କାଠକୁ ପାଣି ପକାଇ ଲିଭାଇବାକୁ ଆଦୌ ଭୁଲନ୍ତୁ ନାହିଁ। ନଚେତ୍ ପିକ୍‌ନିକ୍‌ର ମଜା ନେବା ଆଳରେ ଆପଣ କରୁଥିବା ଏହି ସାମାନ୍ୟ ଅବହେଳା ଯୋଗୁ ଅଗ୍ନିକାଣ୍ଡ ଘଟି କୌଣସି ବଡ଼ ବିପଦ ସୃଷ୍ଟି କରିପାରେ।

– ବର୍ତ୍ତମାନ ପିକ୍‌ନିକ୍ ସ୍ଥଳରେ ବିଭିନ୍ନ ଅଘଟଣ ଘଟୁଥିବା କଥା ନଜରକୁ ଆସୁଛି। ଯାହା ପଛରେ ମୁଖ୍ୟ କାରଣ ହେଉଛି ଆଜିର ଯୁବପିଢ଼ିଙ୍କ ସେଲ୍ଫି କ୍ରେଜ୍। ନିଜର ବାହାଦୁରି ଦେଖାଇବା ପାଇଁ ହେଉ ଅବା ଫଟୋକୁ ନିଆରା କରିବା ନିଶାରେ ଉଚ୍ଚ ପାହାଡ଼ ଧାରରେ, ଝରଣାକୂଳରେ, ଜଳପ୍ରପାତ ପାଖରେ, ପାଣି ଭିତରେ, ଡଙ୍ଗାରେ କିମ୍ବା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲ୍ଫି ନେବା ସମୟରେ ଭାରସାମ୍ୟ ହରାଇ ଅନେକେ ଆହତ ହେବା ସହ କେହିକେହି ପ୍ରାଣ ହରାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ପିକ୍‌ନିକ୍‌ରେ ମଜା କରନ୍ତୁ ଏବଂ ଏହାକୁ ସ୍ମରଣୀୟ କରିବା ଲାଗି ଫଟୋ ମଧ୍ୟ ଉଠାନ୍ତୁ, ହେଲେ ଏହା ଯେପରି ଜୀବନ ପ୍ରତି ବିପଦପୂର୍ଣ୍ଣ ନ ହୁଏ, ସେଥିପ୍ରତି ସଜାଗ ରୁହନ୍ତୁ।





### କ'ଣ କରନ୍ତି ଏମାନେ...



ଅଂଶୁମାନ୍



ଚିନ୍ମୟ

**ଅଂଶୁମାନ୍ ବିଶ୍ୱାଳ** (ଛାତ୍ର, ଭୁବନେଶ୍ୱର)– ଶୀତଦିନ ଆସିଲେ ସାଙ୍ଗମାନଙ୍କ ସହ ପିକ୍‌ନିକ୍ ଯିବାର ମଜା ନିଆରା। ଚଳିତବର୍ଷ ଆମେ ସମ୍ବଲପୁରରେ ଥିବା ବିଭିନ୍ନ ସ୍ଥାନକୁ ପିକ୍‌ନିକ୍‌ରେ ଯିବାକୁ ଯୋଜନା କରିଛୁ। ତେବେ ଯିବାପୂର୍ବରୁ ସେ ସ୍ଥାନ ସମ୍ପର୍କରେ ଭଲ ଭାବେ ତଥ୍ୟ ସଂଗ୍ରହ କରିବା ସହ କିଭଳି ପିକ୍‌ନିକ୍‌କୁ ନିରାପଦ କରିହେବ, ସେଥିପାଇଁ ମଧ୍ୟ ବିଶେଷ ଦୃଷ୍ଟି ଦେବୁ।

**ଚିନ୍ମୟ ନାୟକ** (ଛାତ୍ର, ପିପିଲି, ପୁରୀ)– ନୂଆ ଜାଗା ବୁଲିଯିବା, ଗାଡି ଭିତରେ ଡାନ୍ସ କରିବା, ସାଙ୍ଗମାନଙ୍କ ସହ ଏକାଠି ଖାଇବା ଠାରୁ ଆରମ୍ଭ କରି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବା ପର୍ଯ୍ୟନ୍ତ ପିକ୍‌ନିକ୍‌ର ପ୍ରତିଟି ମୁହୂର୍ତ୍ତର ଚାର୍ମ ଅଲଗା। ତେଣୁ ପିକ୍‌ନିକ୍ ସିଜନ୍‌କୁ ମୁଁ ଚାତକ ପରି ଚାହିଁରହିଥାଏ। ତେବେ ପିକ୍‌ନିକ୍‌ର ମଜା ନେବା ଆଳରେ ଆମେ ଏଭଳି କିଛି ଭୁଲ୍ କରୁନାହୁଁ ଯାହାକି ନା ଆମପାଇଁ ନା ଅନ୍ୟ କାହାପାଇଁ ଅସୁବିଧାର ଆଶଙ୍କା ସୃଷ୍ଟି କରିବ।

## ଏ ସପ୍ତାହର ପ୍ରଶ୍ନ

୧– ଆମ ଦେଶରେ ପ୍ରଥମ ଥର ପାଇଁ ନେଚରପାଥି ଡେ'.......... ତାରିଖରେ ପାଳନ କରାଯାଇଛି ?

୨– ଗ୍ଲୋବାଲ୍ ଏଜୁକେଶନ୍ ଲିଡର୍ସ ଆୱାର୍ଡ ୨୦୧୮ ............ ଙ୍କୁ ମିଳିଛି ?

୩– ମହାରାଷ୍ଟ୍ର ଏବଂ ଗୁଜରାଟ ପରେ ବର୍ତ୍ତମାନ........ ରାଜ୍ୟରେ ହୁକାବାର୍ ବ୍ୟାନ୍ କରାଯାଇଛି ?

୪– ପପୁଆ ନ୍ୟୁ ଗିନିର ମାଉଣ୍ଟ ଜିଲୁୱେ ଆରୋହଣ କରିଥିବା ପ୍ରଥମ ଭାରତୀୟ........ ?

୫– ମିଲ୍କମ୍ୟାନ୍ ଉପନ୍ୟାସ........ ଲେଖିଛନ୍ତି ?

## ଗତ ସପ୍ତାହର ଉତ୍ତର

୧ ରବୀନ୍ଦ୍ର ନାଥ ଟାଗୋର

୨ ବାସ୍ତୋଏ ପ୍ରିଜନ୍, ନର୍‌ୱେ

୩ ଭାରତ

୪ ସୋମାଥିରାମ, କେରଳ

୫ ବଜରଙ୍ଗ ପୁନିଆ

## ଉତ୍ତରଦାତା






ଅମିୟ ମହାନ୍ତ, କେନ୍ଦୁଝର | ଅମରେନ୍ଦ୍ର ପ୍ରଧାନ, ଅନୁଗୋଳ | ରାଜଶ୍ରୀ ମନସା ମହାନ୍ତି, ଭୁବନେଶ୍ୱର | କପୁରଚନ୍ ଶବର, ନୂଆପଡ଼ା

## ପାଠକଙ୍କ ମତ

■ବିଶିଷ୍ଟ ନାଟ୍ୟକାର ଗୋପାଳ ଦେ'ଙ୍କ କଲେଜ ବେଳର ଅଭୁଲା ଅନୁଭୂତି ପଢ଼ି ଭଲ ଲାଗିଲା। ପ୍ରତି ସପ୍ତାହରେ ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କ ଅନୁଭୂତି ପ୍ରକାଶ କରିବାକୁ ଅନୁରୋଧ।
*– ଗୋପବନ୍ଧୁ ମହାନ୍ତ, ବେଳପାହାଡ଼*

■ଡୁଆଲ କ୍ୟାମେରା ଫୋନ୍‌ର ବିଭିନ୍ନ ଉପକାରିତା ଏବଂ ଏହାକୁ ନେଇ ଯୁବପିଢିଙ୍କ ମଧ୍ୟରେ ବଢୁଥିବା କ୍ରେଜ୍ ସମ୍ପର୍କିତ ପ୍ରକାଶିତ ପାଠଟି ମନଛୁଆଁ ହୋଇ ପାରିଛି।
*– ସୁନୀଲ ମହାରଣା, ଲାଞ୍ଜିଗଡ*

■ମଣିଷର ନଖ ଏବଂ କେଶ ସମ୍ପର୍କରେ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଲା। ପୁରୁଷଙ୍କ ଦାଢ଼ି ଯେ ଏତେ ଲମ୍ବା ହୋଇପାରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା।
– ଜିପ୍ସିତା ପୃଷ୍ଟି, ସାଲେପୁର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

### ୟୁଥ୍ ଆଲର୍ଟ

# ଫଙ୍ଗାଲ୍ ଇନ୍‌ଫେକ୍ସନ୍ ହେଉଥିଲେ...



**କେବେକେବେ ଦେହରେ କୌଣସି ସ୍ଥାନ କୁଣ୍ଡାଇ ହେବା ସମସ୍ୟା ଅନେକଙ୍କଠାରେ ଦେଖା ଦେଇଥାଏ। ଆଉ ଯଦି ଏହି କୁଣ୍ଡାଇବା ଜଙ୍ଘରେ ହୁଏ, ତା' ପୁଣି କୌଣସି ସାର୍ବଜନୀନ ସ୍ଥାନ କିମ୍ବା ସର୍ବସମ୍ମୁଖରେ; ତେବେ ନା କହି ହୁଏ ନା ସହିହୁଏ। ଏ ସମୟରେ ଖୋଜାପଡେ ଟଏଲେଟ୍ ଅବା କୌଣସି ଫାଙ୍କା ସ୍ଥାନ। ହେଲେ ସର୍ବଦା ଏହି ସମସ୍ୟାର ବିକଳ୍ପ ଏହା ନୁହେଁ, ତେଣୁ ଏହାର କାରଣ ଜାଣିବା ସହ ଯଥା ସମୟରେ ପ୍ରତିକାର କରିବା ଆବଶ୍ୟକ...**

ଜଙ୍ଘ କଡ଼ରେ କୁଣ୍ଡାଇହେବା ମୁଖ୍ୟତଃ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ହୋଇଥାଏ। ଯେଉଁଥିପାଇଁ ଅଧିକ ଟାଇଟ୍ ପ୍ୟାଣ୍ଟ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଯୋଗୁ ଓଦା ରହିବା, ମେଦବହୁଳତା ଥିଲେ ବାରମ୍ବାର ଜଙ୍ଘ ଘଷିହେବା ଆଦି ବିଭିନ୍ନ କାରଣ ଦାୟୀ। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ସହ ଇନ୍‌ଫେକ୍ସନ୍ ଦୂର କରିବା ଲାଗି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ। ଏହା ବ୍ୟତୀତ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ମଧ୍ୟ କରିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

– ଏକ ସଫା ପକଡ଼ାରେ ବରଫ ଖଣ୍ଡ ନେଇ ଜଙ୍ଘରେ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।

– ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।

– ଘିକୁଆଁରୀକୁ ୧୫ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, କୁଣ୍ଡାଇହେବା କମିଯିବ।

– ପାଣିରେ ଲିମ୍ବପତ୍ର ପକାଇ ଫୁଟାଇଦିଅନ୍ତୁ। ଏହିପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର ହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିଥାଏ।

– ହଳଦୀ ପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

– ଏପରି ସମସ୍ୟା ଥିଲେ ଅନେକେ ପାଉଡର ପକାଇ ଥାଆନ୍ତି କିମ୍ବା ମନଇଚ୍ଛା କୌଣସି କ୍ରିମ୍ ଲଗାଇ ଦିଅନ୍ତି। ହେଲେ ଏପରି କରିବା ଦ୍ୱାରା ସମସ୍ୟା କମିବା ବଦଳରେ ବଢ଼ିବାର ବି ଆଶଙ୍କା ରହିଛି। ତେଣୁ ଏପରି ନ କରି ଆପଣ ଚାହିଁଲେ ତୁରନ୍ତ ଆରାମ ପାଇବା ଲାଗି ନଡିଆ କିମ୍ବା ଅଲିଭ୍ ତେଲ ଲଗାଇ ପାରିବେ।



DSPL - 191

# ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

## ମାନସିକ ରୋଗର ଲକ୍ଷଣ

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

## ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।

facebook.com/HFWOdisha | http://www.health.odisha.gov.in/ | @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା




## BRIDE WANTED

Khandayat boy 1991, 6', B.Tech (NIT) Manager MNC Delhi. "Sunasanar". 9937512659. D-9687

Dhoba groom Oracle Engineer 32, Bank 29, Infosys 28+. 8594926181. D-65088

Wanted bride for 44 age Govt. Service widower groom. Contact: 9861136268. D-64921

Divorcee groom Lecturer 39, Railway 40, Manager 35. 7873374269. D-65090

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

Bhubaneswar based 29-32 aged groom required for Khandayat girl, beautiful, slim, 28, 5'3", MA. 9437101739. D-64548

ଭୁବନେଶ୍ୱରର ବ୍ରାହ୍ମଣ ଝିଅ, ୩୪+ B.A. ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-9676

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired senior Executive of a PSB. Contact: 9619485527, 9167149844. D-9765

44 ବର୍ଷ Revenue Departmentରେ Village Accountant ଭାବେ କାର୍ଯ୍ୟରତ ବିଧବା ଝିଅ ପାଇଁ ଯେକୌଣସି ଜାତିର ଛାଡପତ୍ର ଥିବା ବା ପିଲାଛୁଆ ଥିବା ବରପାତ୍ର ଆବଶ୍ୟକ। 7377689793. D-63736

Divorcee bride Bank 35, Lecturer 34, Teacher 39. Samadhan: 8594926181. D-65089

**Very beautiful girl Engineer, fair 5.2". Kumbha, Kshatriya, father Rourkela Steel Plant. General Caste. Contact: 8895504388.** D-9739

ଡିଭୋର୍ସି ଝିଅ ପାଇଁ ପାତ୍ର ଆବଶ୍ୟକ (ପିଲାଥିବା ପାତ୍ରକୁ ଅଗ୍ରାଧିକାର ଦିଆଯିବ।) 9114866590. D-9781




## SALE

Innova 2012 6+1 Dzire VDI 2015 immediate sale. 8599843131, 8984915715. D-9614

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9430

Cruze- 2010 automatic 17000 kms. Sunroof, i-20 Active- 2017, Swift- 2011, Skoda Octavia- 2009, Captiva- 2010, Pajero- 2009. 7381091234, 9861194627. D-64376

Hondacity 2014, Swift Dzire 2015, 2013, Maruti Scross 2016, Pajero 2012, Skoda (AT) 2015: 9438736070. D-58013

## HIRE

Swift Dzire/ Indigo monthly ରାତିରେ ଲାଗିବାକୁ ଚାହୁଁଛନ୍ତିକି। ଯୋଗାଯୋଗ: 8249431114. D-64649




## SALE

ଭୁବନେଶ୍ୱର ସ୍ମାର୍ଟସିଟି ପ୍ଲଟ ଘର ଫ୍ଲାଟ କିଣାବିକା କରିବାକୁ ଚାହୁଁଥିବା ଯୋଗାଯୋଗ: 9438421222. D-48716

**Ready to construction at Pahal, Bhubaneswar Utkal Hights back side, electry, road complete 1300 sqft. boundary done 3 nos. 9938424085, 9040096679.** D-9742

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

**Meria Bazar, Makarbag Sahi, Cuttack 76 decimil land with house net income 30,000 rent per month sale @ 1.30cr. Owner Mob: 7008533986.** D-9743

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Two acres of land available in B.D.A area at Balipatna on Chaka road side. Contact: 9238624459, 9348251575. D-9661

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65200

2BHK flat near Garage Chhak and Ravi-Talkies, Market area, Bhubaneswar. 8328890345. D-63875

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9684

Paint shop for sale at Tamando Indiramaidan, Bhubaneswar. Call: 9230010695, 7790088077, 7008802208. D-60931

Two storeyed building sell at Tankapani Road, Bhubaneswar. 2575 sqft. Land, 3200 sqft. Buildup area. Genuine buyers only Contact: 7894679025. D-65083

2000 sqft. plot (10nos.) at Sankarpur, Vipul Garden backside, Ghatikia, Bhubaneswar ( Electricity, supply water, 30' road): 7381564227. D-65084

Janla NH-5, ପାଖରେ Infocity-2, Campusକୁ ଲାଗିକି boundary plot ମିଳୁଛି। 9438859527, 8270804320. D-9685

House for sale at Laxmisagar, Brit Colony, Phase-2. Contact: 09967667896. D-9701

10 acres each single owner near Trisulia sale for set up industries/ wirehouse financialy sound parties contact: 9938895656, 8249964640. D-53637

26200 sft. sharing commercial land in BBSR Main Cuttack Road. Financialy sound parties. Contact: 9938895656, 8249964640. D-53638

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs. Contact: 9937059891, 9 3 4 8 2 5 3 4 6 3, 8908292617.** D-9756

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 3ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64385

ଭୁବନେଶ୍ୱର AIIMS Hospital ନିକଟରେ 30' road gharabari patta plot. 9777553622. D-64754

ସୁନ୍ଦରପଦା ବିରିବନ୍ଧ ପାଖରେ 70ଗୁଣ୍ଠ ଘରବାରି ପ୍ଲଟ 30ଫୁଟ ରୋଡଥାଇ ଗୁଣ୍ଠପ୍ରତି Rs. 2,50,000 ବିକ୍ରିହେବ। Contact: 9861684725, 7854882020. D-59838

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3, 8908292617.** D-9757

Duplex near Hanspal for immediate sale Bank- finance available. Contact: 9938720763, 7992781448. D-9763

4BHK duplex with gated community at Balianta (Land- 1400 construction- 2100) @ 50 lakh. Finance by LIC housing. Gharabari land at Patharagadia @ 1200, Hanspal @ 1500. Gohala 4 acre, Pahala 3 acre, Pratapnagari 4 acre, Nakhara 1 acre, Trisulia 4 acre, Chandaka 1 acre, Pitapalli 2 acre. Contact. Mplanets:9861022055, 9938219397. D-9741

BDA plan approved 3 storied house sale at Dumuduma, BBSR. Cost @ 65 lakh (only Muslim customer contact) 9938867397. D-9761

Residential plotting project near Jatni and Khurda town @ 350 sqft. with boundary. Owner: 9439437926. D-59921

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

Bhubaneswar ଖୋର୍ଦ୍ଧା NHକୁ ଲାଗି BDA plot 439/-ରେ ମିଳୁଛି। 9090963952. D-64388

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

BDA approved plots simplex, duplex (ready booking) near Rasulgarh, Jagannath Nagar, Jharapada, Chakeisihani, Atala with 30' road, 7978723473, 9853437048. D-9772

ଭୁବନେଶ୍ୱରରୁ ବାଲିଅନ୍ତା ମେନରୋଡରେ 2½ଏକର ଫାର୍ମଜମି ରୋଡ ଥାଇ ବିକ୍ରିହେବ। 9437001960, 06742371986. D-65085

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

Gharabari yellow zone 1650 sqft. plot with boundary for sale at Malipada. Litigation free. Sthitiban yellow zone 3000 sqft. plot for sale at Ranasinghpur AIIMS Hospital. Contact: 7008408396, 9348019300. D-9760




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-9755

## GENERAL

## SALE

**The following plants in good operating conditions situated at Nabarangpur, Odisha are for sale on 'As is where is basis'. Wetmix plant- Shitala 100TPH, Wetmix plant- Macons 200TPH, Asphalt Batchmix plant- Speco Korea 160TPH. For details contact: 9825083274, 9 7 2 5 0 5 7 7 7 7, 9 8 7 9 5 8 3 2 6 7, 7682866007.** D-9718

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372




3BHK marbled flat at Unit- 8, Soubhagyanagar, Main road. Contact: 9000004523. D-64919

Office premises at Esplanade Mall, Rasulgarh, Bhubaneswar. 617 sqft. Carpet area, 5th floor for rent 45,000/- with parking. Contact: 9338636105. D-58011

3 storied commercial building having 8 bedrooms, attached toilets, drawing, dining, kitchen, balcony with 2 car parking at a good location near Hotel Lavender, IRC Village, Bhubaneswar. (Preferable for guest house, corporate office, institute). Contact: 9861152262, 9437025890. D-65203

2BHK house for rent at Kalpana & Saheed Nagar, Preferable Bank & Corporate employee or small godown. Contact: 8093510010. D-9716

1500 sqft. hall type and 300 sqft. office space available for rent at Tankapani Road, Bhubaneswar. Contact: 9238306766. D-9673

3BHK independent building with Garage Bypass side at Lingipur. 9439357429. D-61032

Desk- Furnished office space on sharing available at Samantarapur, Bhubaneswar. No security. Rent Rs. 1800 (start). Mobile: 6309629747. D-9738

Full furnished office on Cuttack- Puri road at Bomikhal, Bhubaneswar: 7809385726. D-65086

2BHK flat at Vasant villa (1st floor) at Bomikhal for family: 9337022502, 8 6 5 8 4 0 2 7 5 9, 9853313994. D-65087

Tolet- 2000 sft. vacant land for rent for all Commercial purpose near Lingipur Trafic sqr. M: 9437110900. D-9766




Shivam logistic packers movers. Household/ car relocation countrywide. 9777044177, 9338461133. D-9429




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Roshni ayurvedic massage club fully relaxed by smart lady, home service facility available. 9937637219. D-9600

Ayurvedic full body massage ladies / gents smart experts therapist. 9114697517. D-64645

Newly open herbal full body massage with refreshment well trained therapist. 7381239385. D-64650

All type of full body massage by expert therapist. 7609005923. D-65207

Herbal full body massage by smart/ expert therapist. Contact: 8338067247. D-65208

Newly opening ayurvedic massage smart therapist, Shree herbal. 7750020754. D-65209

Experience full body massage with us by experts. Enquiry: 06742597822, 7377048581. D-65212

Saishree ayurvedic full body massage ladies & gents. Contact: 7438896074. D-64653




BIZSATHI provide comprehensive business solutions for small, medium, startups, MSMEs including company/ LLP registration, accounting solutions, Tax, GST and other Legal Compliances at very Economical rates. For details. 9583344490. D-63876

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ଲୁଡୁଲ୍)

**ସାଇ ସ୍ୱରୂପ ବେହେରା**

ଡେରାବିଶ, କେନ୍ଦ୍ରାପଡା

ଲୁଡୁଲ୍ ତୋର ପ୍ରଥମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ବାବା, ମାମା, ମାଆ, ଜେଜେ, ବନ୍ଧୁ ଓ ପରିବାରବର୍ଗ।** ଧ-୯୭୭୫

### ଜନ୍ମଦିନ ଶୁଭେଚ୍ଛା



(ପିହୁ)

**ପ୍ରତୀକ୍ଷା ମିଶ୍ର**

ଟୋଲାଗୋପୀନାଥପୁର, ଶାସନ, କଟକ

ପିହୁର ତୃତୀୟ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବଡ଼ପାପା, ବଡ଼ମାମା, ପାପା, ମାମା, କକୁ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ ଓ ପରିବାରବର୍ଗ।** ଧ-୯୭୭୫

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ବେବି)

**ପ୍ରିୟଙ୍କା ମିଶ୍ର**

ଅଡସପୁର

ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବାପା, ମା, ବନ୍ଧୁ ଓ ପରିବାରବର୍ଗ। ଧ-୯୭୬୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଗୌରହରି ଦାଶ**

ଆବିର୍ଭାବ: ୨୧।୦୬।୩୭
ତିରୋଧାନ: ୨୦।୧୧।୨୦୧୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ,
Dash Glass Co. MKD
Associate Police Lane, Puri. ଧ-୬୩୭୩୭

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ରମେଶ ଚନ୍ଦ୍ର ପଟ୍ଟନାୟକ**

ଆବିର୍ଭାବ: ୨୯।୦୧।୧୯୫୮
ତିରୋଧାନ: ୨୧।୧୧।୨୦୧୮
କୋଟକଣା, ବାଲିଅନ୍ତା, ଖୋର୍ଦ୍ଧା

ତୁମର ସ୍ନେହ, ସତ୍ୟନିଷ୍ଠତା ଓ ପରୋପକାରିତା ଆମ୍ଭମାନଙ୍କୁ ସର୍ବଦା, ମାର୍ଗଦର୍ଶନ କରୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପତ୍ନୀ- କୁନି, ଝିଅ- ରିନା ଓ ସିନା, ପୁଅ- ରାଜା, ଜ୍ୱାଇଁ- ଚିତ୍ତ, ନାତି- ଜୟ, ନାତୁଣୀ- ପରୀ ଓ ବନ୍ଧୁପରିଜନ। ଧ-୯୭୬୪

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**

କପିଳେଶ୍ୱରପୁର ପ୍ରଥମ ଶହ, ବ୍ରହ୍ମଗିରି, ପୁରୀ
ତିରୋଧାନ: ୨୩।୧୧।୨୦୧୮

ନନା, ତୁମେ ଆମକୁ ଛାଡି ଆରପାରିକୁ ଚାଲିଗଲ। ତୁମର ସ୍ମୃତି, ଅନୁଭୂତିକୁ ସାଉଁଟି ଦୁନିଆ ଦାଣ୍ଡରେ ଠିଆ ହୋଇଛୁ ସତ କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ତୁମ ରୂପ, କଥାର ମାଧୁର୍ଯ୍ୟ ଆମ ଆଖିରେ ନାଚି ଉଠୁଛି। ତୁମର ପରିଚୟ ନେଇ ଆମେ ବଞ୍ଚିଛୁ। ତୁମକୁ ଆମେ କ'ଣ ଦେଇପାରିବୁ। ଆଜି ତୁମର ଦଶାହରେ ଆଖିର ଦୁଇଟୋପା ଲୁହଗଡାଇ ତୁମ ଅବର୍ତ୍ତମାନରେ ଢାଳି ଦେଉଛୁ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ତୁମର ପୁଅ, ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ। ଧ-୯୭୬୭

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନରସିଂହ ନନ୍ଦ**

(ଗଣେଶ୍ୱରପୁର, ଗୋପ, ପୁରୀ)
ଆବିର୍ଭାବ: ୦୫।୦୧।୧୯୩୩
ତିରୋଧାନ: ୨୮।୧୧।୨୦୧୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୫୪

## CLASSIFIED BOOKING STATIONS

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337863640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

| Dollar | Sensex | Nifty | Gold | Silver |
|---|---|---|---|---|
| 27 ↓ 69.58 | ↑ 23.89 36,194.30 | ↑ 48.05 10,876.75 | ↓ ₹15 31,460.00 | ↓ ₹515 36,560.00 |

> ତୈଳ ଦର ବୃଦ୍ଧି,ଉଚ୍ଚ ସୁଧହାର ,ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ଭଳି ପ୍ରସଙ୍ଗ ଅଟୋମୋବାଇଲ ଶିଳ୍ପକୁ ପ୍ରଭାବିତ କରିଛି।
> – ଏନ୍.ରାଜା, ଉପ ପରିଚାଳନା ନିର୍ଦ୍ଦେଶକ, ଟୟୋଟା କିର୍ଲୋସ୍କାର ମୋଟର୍ସ



> ଦେଶରେ କୃଷକଙ୍କ ଆୟ ବୃଦ୍ଧି କରିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ସରକାର କାର୍ଯ୍ୟ କରୁଛନ୍ତି।
> – ରାଧା ମୋହନ ସିଂ, କେନ୍ଦ୍ର କୃଷି ମନ୍ତ୍ରୀ



## ସଂକ୍ଷେପରେ

### ନଭେମ୍ବରରେ ୯୭,୬୩୭ କୋଟି ଜିଏସ୍‌ଟି ଆଦାୟ




**ନୂଆଦିଲ୍ଲୀ,୧-୧୨:** ଜିଏସ୍‌ଟି ବାବଦରେ ନଭେମ୍ବରରେ ମୋଟ୍ ୯୭,୬୩୭ କୋଟି ଟଙ୍କା ଆଦାୟ ହୋଇଛି। ତନ୍ମଧ୍ୟରୁ ୧୬,୮୧୨ କୋଟି ସେଣ୍ଟ୍ରାଲ ଜିଏସ୍‌ଟି(ସିଜିଏସ୍‌ଟି), ୨୩,୦୭୦ କୋଟି ଟଙ୍କା ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି), ୪୯,୭୨୬ କୋଟି ଟଙ୍କା ଇଣ୍ଟିଗ୍ରେଟେଡ ଜିଏସ୍‌ଟି(ଆଇଜିଏସ୍‌ଟି) ଭାବେ ସଂଗ୍ରହ କରାଯାଇଛି। ଆଇଜିଏସ୍‌ଟିରେ ୨୪,୧୩୩ କୋଟି ଟଙ୍କା ଆମଦାନୀ ଓ ୮୯୩୧ କୋଟି ଟଙ୍କା ରପ୍ତାନି ବାବଦରେ ହାସଲ କରାଯାଇପାରିଛି। ଅକ୍ଟୋବର ମାସ ଲାଗି ନଭେମ୍ବର ୩୦ ତାରିଖ ସୁଦ୍ଧା ୬୯.୬ ଲକ୍ଷ ବ୍ୟବସାୟୀ ଜିଏସ୍‌ଟିଆର୍-୩ବି ରିଟର୍ନ ଦାଖଲ କରିଛନ୍ତି। ଅଗଷ୍ଟ-ସେପ୍ଟେମ୍ବର ଲାଗି ଜିଏସ୍‌ଟି କ୍ଷତିପୂରଣ ବାବଦରେ ୧୧,୯୨୨ କୋଟି ଟଙ୍କା ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରେ ୧ ଲକ୍ଷ କୋଟି ଜିଏସ୍‌ଟି ଆଦାୟ ହୋଇଥିଲା। ସେପ୍ଟେମ୍ବରରେ ଏହା ୯୪,୪୪୨ କୋଟି ଟଙ୍କା ଥିଲା।

### ଆହୁରି କଡ଼ାକଡ଼ି ହେବ ଏଚ୍-୧ବି ଭିଜା




**ୱାଶିଂଟନ,୧-୧୨:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସରକାର ଏଚ୍-୧ବି ଭିଜାକୁ ଅଧିକ କଡ଼ାକଡ଼ି କରିବା ଲକ୍ଷ୍ୟରେ ଶୁକ୍ରବାର ଏଥିରେ କିଛି ସଂଶୋଧନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ନୂଆ ନିୟମ ଅନୁଯାୟୀ କମ୍ପାନୀମାନେ ଏଣିକି ଆଗୁଆ ନିଜର ପିଟିଶନକୁ ଅନଲାଇନରେ ପଞ୍ଜୀକରଣ କରିବେ। ସର୍ବାଧିକ ବେତନ ପାଉଥିବା ଏବଂ ଅଧିକ କୁଶଳୀ ବିଦେଶୀ କର୍ମଚାରୀଙ୍କୁ ହିଁ କେବଳ ଏଚ୍-୧ବି ଭିଜା ଦେବା ଏହାର ଉଦ୍ଦେଶ୍ୟ। ଉଲ୍ଲେଖ କରାଯାଇପାରେ ଯେ, ଭାରତୀୟ ଆଇଟି କମ୍ପାନୀ ଓ ପେସାଦାରଙ୍କ ମଧ୍ୟରେ ଏଚ୍-୧ବି ଭିଜା ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ସଂଶୋଧନ ଅଣାଯିବା ଭାରତୀୟ ପେସାଦାର ଓ ଆଇଟି କମ୍ପାନୀମାନଙ୍କ ପାଇଁ ଏକ ବଡ଼ ଝଟ୍‌କା ହେବ। ପୂର୍ବରୁ ଆମେରିକା ସଂସଦ ଗୋଟିଏ ବର୍ଷରେ ଏଚ୍-୧ବି ଭିଜା ଜାରି କରିବାର ସର୍ବାଧିକ ସୀମା ଧାର୍ଯ୍ୟ କରିସାରିଛି। ତଦନୁଯାୟୀ ଗୋଟିଏ ବର୍ଷରେ ୬୫ ହଜାର ସର୍ବାଧିକ ଏହି ଭିଜା ଜାରି କରାଯାଇପାରିବ। ଏହାବାଦ୍ ଆମେରିକାରେ ମାଷ୍ଟର ଡିଗ୍ରୀ ଅଥବା ଏହାଠାରୁ ଉଚ୍ଚଶିକ୍ଷା ହାସଲ କରିଥିବା ବିଦେଶୀଙ୍କୁ ସ୍ୱତନ୍ତ୍ର ଭାବେ ଆହୁରି ୨୦ ହଜାର ଉକ୍ତ ଭିଜା ପ୍ରଦାନ କରାଯାଏ।

### ୧୧% ଶସ୍ତା ହେଲା ଇନ୍ଧନ ବିମାନ କମ୍ପାନୀଙ୍କୁ ଆଶ୍ୱସ୍ତି



**ନୂଆଦିଲ୍ଲୀ,୧-୧୨:** ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶର ବିମାନ କମ୍ପାନୀଙ୍କୁ ଦୀର୍ଘଦିନ ପରେ ଆଶ୍ୱସ୍ତି ମିଳିଛି। ତୈଳ କମ୍ପାନୀମାନେ ଶନିବାର ବିମାନ ଇନ୍ଧନ(ଏଟିଏଫ୍) ମୂଲ୍ୟ ପ୍ରାୟ ୧୧ ପ୍ରତିଶତ ହ୍ରାସ କରିଛନ୍ତି। ଫଳରେ ଚଳିତ ମାସରୁ ଦିଲ୍ଲୀ ଓ ମୁମ୍ବାଇରେ ୧ କିଲୋ ଲିଟର ବିମାନ ଇନ୍ଧନର ମୂଲ୍ୟ କ୍ରମଶଃ ୬୮,୦୫୦.୯୭ଟଙ୍କା ଏବଂ ୬୭,୯୭୯.୫୮ ଟଙ୍କା ହୋଇଛି, ଯାହାକି ପୂର୍ବ ମାସରେ କ୍ରମଶଃ ୭୬,୩୮୦ ଟଙ୍କା ଓ ୭୬,୦୧୩.୨ଟଙ୍କା ଥିଲା। ଅନ୍ତର୍ଜାତୀୟ ବଜାରରେ ବିକ୍ରି ହେଉଥିବା ବ୍ରେଣ୍ଟ କ୍ରୁଡ୍(ଏକପ୍ରକାର ଅଶୋଧିତ ତେଲ) ସହ ଜେଟ୍ ଫୁଏଲ୍ ବା ବିମାନ ଇନ୍ଧନ ସିଧାସଳଖ ଯୋଡି ହୋଇଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବିମାନ କମ୍ପାନୀମାନେ ଏହାକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଏହାଦ୍ୱାରା ରାଜ୍ୟ-ରାଜ୍ୟ ମଧ୍ୟରେ ଦେଖାଦେଉଥିବା ଭିନ୍ନ ଦରରୁ ମୁକ୍ତି ମିଳିବ ଓ ସାରା ଦେଶରେ ଗୋଟିଏ ଦର କାଏମ ହୋଇପାରିବ। ସୂଚନାଥାଉ କି, ଭାରତରେ ବିମାନ ଇନ୍ଧନ ଦର ବିଶ୍ୱରେ ସର୍ବାଧିକ।

## ଅଟୋ ଇଣ୍ଡଷ୍ଟ୍ରିକୁ ଆସୁଛନ୍ତି ନୂଆ ମୁଖ୍ୟ

# ରଣନୀତି ବଦଳାଉଛନ୍ତି ଅଟୋ କମ୍ପାନୀ

ନୂଆଦିଲ୍ଲୀ,୧-୧୨

- ବିକ୍ରି ବଢ଼ାଇବାକୁ ଫୋକସ
- ଖାଲି ପଡିଥିବା ଶୀର୍ଷ ପଦ ପୂରଣ ଆରମ୍ଭ
- କେତେକରେ ନୂଆ ନିଯୁକ୍ତି



ଦେଶର ଅଟୋ ଉଦ୍ୟୋଗ ଏବେ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି। ବିକ୍ରି କମୁଥିବା ବେଳେ ସରକାର ବିକଳ୍ପ ଇନ୍ଧନ ପ୍ରତି ଜୋର୍ ଦେଉଥିବାରୁ ଏହି ଉଦ୍ୟୋଗ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ଆସିଲାଣି। ଏହାରି ଭିତରେ ଅଟୋ କମ୍ପାନୀଗୁଡିକ ଶୀର୍ଷ ସ୍ତରରେ ନୂଆ ମୁହଁ ଆଣିବା ଆରମ୍ଭ କରିଛନ୍ତି। ବିକ୍ରି ବଢ଼ାଇବା ଫୋକସରେ ରହିଥିବାରୁ ନୂଆ ରଣନୀତି ସହ ସେମାନେ ଆଗଉଥିବା ପରିଲକ୍ଷିତ ହେଉଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟ ଅର୍ଦ୍ଧେକରୁ ଅଧିକ ଅଟୋ କମ୍ପାନୀର ମୁଖ୍ୟ ପଦ ଖାଲି ପଡିଥିବା ବେଳେ ଏହାକୁ ପୂରଣ କରିବା ଆରମ୍ଭ ହୋଇଛି। ଏହାରି ଭିତରେ ହ୍ୟୁଣ୍ଡାଇ, ଟୟୋଟା ଓ ବିଏମ୍‌ଡବ୍ଲ୍ୟୁ ପାଇଁ ଦେଶର ନୂଆ ମୁଖ୍ୟ ପାଇବାକୁ ଯାଉଥିବା ବେଳେ ମର୍ସିଡିଜ ବେଞ୍ଜ, ଫକ୍ସୱାଗନ ଓ ହାର୍ଲେ ଡାଭିଡସନ ନୂଆ ମୁଖ୍ୟ ପାଇଛନ୍ତି। ଶୀର୍ଷ ନେତୃତ୍ୱରେ ନୂଆ ମୁହଁଙ୍କ ପ୍ରବେଶ କମ୍ପାନୀର ରଣନୀତିରେ ପରିବର୍ତ୍ତନ ଆଣିବ। ଭାରତୀୟ କାର୍ ଉଦ୍ୟୋଗରେ ସବୁଠାରୁ ଅଭିଜ୍ଞତାସମ୍ପନ୍ନ ଅଟୋ ମୁଖ୍ୟ ଭାବେ ପରିଚୟ ହାସଲ କରିଥିବା ୱାଇ.କେ.କୁ ତାଙ୍କର ଦ୍ୱିତୀୟ ପାଳି ସାରି କୋରିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ୨୦୧୫ ଅକ୍ଟୋବରରେ ଭାରତରେ ଏମ୍‌ଡି ଭାବେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ହ୍ୟୁଣ୍ଡାଇରେ ସେ ସେଲ୍ସ ଓ ମାର୍କେଟିଂରେ ତାଙ୍କର ପ୍ରଥମ ଇନିଂସ ଆରମ୍ଭ କରିଥିଲେ। ଏହାପରେ ସେ ଏମ୍‌ଡି ଭାବେ ପୁନର୍ବାର ଭାରତକୁ ଫେରିଥିଲେ। ମାରୁତି ସୁଜୁକି ଭଳି ବଡ଼ ପ୍ରତିପକ୍ଷ କମ୍ପାନୀକୁ ସେ ଟକ୍କର ଦେଇ ଦେଶରେ ହ୍ୟୁଣ୍ଡାଇକୁ ପ୍ରତିଷ୍ଠିତ କରିପାରିଥିଲେ। ଟୟୋଟା କିର୍ଲୋସ୍କର ଜେଭି ଦ୍ୱାରା ପରିଚାଳିତ ଟୟୋଟାର ଏମ୍‌ଡି ଆକିଟୋ ଟାଚିବାନା କମ୍ପାନୀ ଛାଡିଥିବା ନିକଟରେ ଘୋଷଣା କରାଯାଇଛି। ତାଙ୍କ ସ୍ଥାନରେ ମାସାକାଜୁ ୟୋଶିମୁରା ଆସୁଛନ୍ତି। ସେ ଟୟୋଟାର ପୂର୍ବ ଭାରତ ଓ ଓସେନିଆ ଡିଭିଜନର ଜେନେରାଲ ମ୍ୟାନେଜର ରହିଛନ୍ତି। ଜାପାନୀ କମ୍ପାନୀ ସୁଜୁକିର ପାର୍ଟନରଶିପ୍ ହେବାକୁ ଯାଉଥିବା ବେଳେ ତାଙ୍କର ନିଯୁକ୍ତି ବିଶେଷ ଗୁରୁତ୍ୱ ବହନ କରୁଛି। ହ୍ୟୁଣ୍ଡାଇ ଓ ଟୟୋଟାକୁ ନୂଆ ମୁଖ୍ୟ ମିଳିସାରିଥିବା ବେଳେ ବିଏମ୍‌ଡବ୍ଲ୍ୟୁ ଶୀର୍ଷ ନେତୃତ୍ୱକୁ ଅପେକ୍ଷା କରିଛି। ବିଏମ୍‌ଡବ୍ଲ୍ୟୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପାଇଁ ନିଯୁକ୍ତ ହେବା ପରେ ବିକ୍ରମ ପାଓ୍ୱା ଭାରତ ଛାଡିଛନ୍ତି। ସେ ଭାରତ ପାଇଁ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। କମ୍ପାନୀର ପ୍ରତିଦ୍ୱନ୍ଦୀ ମର୍ସିଡିଜ ବେଞ୍ଜର ଏମ୍‌ଡି ଓ ସିଇଓ ଭାବେ ମାର୍ଟିନ ସ୍କିୟୁନିକଙ୍କୁ ନିଯୁକ୍ତି ମିଳିଛି। ସେ କମ୍ପାନୀର ଚାଇନା ଅପରେଶନ ସିଏଫଓ ଥିଲେ। ସେହିପରି ଜର୍ମାନୀର କାର୍ ନିର୍ମାତା ଫକ୍ସୱାଗନ ଓ ଆମେରିକା କମ୍ପାନୀ ହାର୍ଲେ ଡାଭିଡଶନର ଶୀର୍ଷ ନେତୃତ୍ୱ ବଦଳିଲାଣି। ଗୁରୁପ୍ରତାପ ବୋପାରାଇଙ୍କୁ ଫକ୍ସୱାଗନ ଭାରତରେ ଏମ୍‌ଡି ଭାବେ ନିଯୁକ୍ତ କରିଛି। ସେ ବର୍ତ୍ତମାନ ସ୍କୋଡା ଇଣ୍ଡିଆର ଏମ୍‌ଡି ରହିଛନ୍ତି। ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ସେ ନୂତନ ଦାୟିତ୍ୱ ନେବେ। ଅନ୍ୟପକ୍ଷରେ ହାର୍ଲେ ସଞ୍ଜୀବ ରାଜଶେଖରନଙ୍କୁ ଭାରତୀୟ କମ୍ପାନୀର ଏମ୍‌ଡି ଭାବେ ନିଯୁକ୍ତ କରିଛି।

## ଏନ୍‌ପିଏ ଅସୁଲି ଉପରେ ସିଣ୍ଡିକେଟ ବ୍ୟାଙ୍କର ଫୋକସ୍

ଭୁବନେଶ୍ୱର,୧-୧୨



ମୃତ୍ୟୁଞ୍ଜୟ ମହାପାତ୍ର

ସିଣ୍ଡିକେଟ ବ୍ୟାଙ୍କ ରାଜ୍ୟରେ ବର୍ତ୍ତମାନ ୬ ହଜାର କୋଟି ଟଙ୍କାର କାରବାର କରୁଛି। ଏଠାରେ ବ୍ୟାଙ୍କର ୧୧୦ ଶାଖା ରହିଛି। ୧,୦୦୦ କର୍ମଚାରୀଙ୍କ ସହ ବ୍ୟାଙ୍କ ସେବା ଯୋଗାଇ ଦେଉଛି। ହାଉସିଂ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣକୁ ବ୍ୟାଙ୍କ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି। ସାରା ଦେଶରେ ବ୍ୟାଙ୍କ ମୋଟ ୪୧୦୦ ଶାଖା ସହ ସେବା ଯୋଗାଉଥିବା ବେଳେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରୁଛି। ରାଜ୍ୟରେ ଅଧିକ କରେଣ୍ଟ ଏବଂ ସେଭିଂ ଆକାଉଣ୍ଟ ଖୋଲିବାକୁ ବ୍ୟାଙ୍କ ଧ୍ୟାନରେ ରଖିଛି। ସ୍ଥାନୀୟ ଏକ ହୋଟେଲରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ଅନ୍ୟ ରାଜ୍ୟତୁଳନାରେ ବ୍ୟାଙ୍କର ଏନପିଏ କ୍ଷେତ୍ରରେ ସ୍ଥିତି ଉନ୍ନତ ରହିଛି। ଏନ୍‌ପିଏ ଅସୁଲି ଉପରେ ବ୍ୟାଙ୍କ ଧ୍ୟାନ ଦେଉଛି। ଗତ ଚାରି ତ୍ରୈମାସଧରି ବ୍ୟାଙ୍କ କ୍ଷତି ସହିଥିବା ବେଳେ ଶୀଘ୍ର ଏହା ଲାଭ ଜନକ ସ୍ଥିତିକୁ ଆସିବ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସ୍ଥିତି ଆସିବ ବୋଲି ମହାପାତ୍ର କହିଛନ୍ତି। ବ୍ୟାଙ୍କର ଏନପିଏ ବର୍ତ୍ତମାନ ୬.୫% ରହିଛି। ଏହା ଶୀଘ୍ର ୬%ରୁ ନିମ୍ନକୁ ହ୍ରାସ ଘଟିବ। ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କ ପ୍ରାୟ ୩୦୦୦ କୋଟି ଟଙ୍କାର ଏନ୍‌ପିଏ ସଂଗ୍ରହ କରିବାକୁ ସକ୍ଷମ ହେବ। ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିବାକୁ ସକ୍ଷମ ହେଉ ନ ଥିବା ମୋଟ ୩୨ କମ୍ପାନୀ ସରକାରଙ୍କ କମ୍ପାନୀ ଲ ଟ୍ରିବ୍ୟୁନାଲ ଅଧିନରେ ରିଜଲ୍ୟୁଶନ ପରିସରଭୁକ୍ତ ହୋଇଛନ୍ତି। ଏହା ଦ୍ୱାରା ଏନ୍‌ପିଏ ଅସୁଲି ଧାରା ଜାରି ରହିଛି ବୋଲି ସେ କହିଛନ୍ତି। ବ୍ୟାଙ୍କ ହୋମ୍, ବିଜନେସ ଏବଂ କର୍ପୋରେଟ ଋଣକୁ ପ୍ରାଥମିକତାରେ ରଖିଛି। ବ୍ୟାଙ୍କର କାସା ଅନୁପାତ ୩୧% ରହିଛି। ଏହାକୁ ୩୫%ରେ ପହଞ୍ଚିବା ନେଇ ଆଶା ରହିଛି। ନୂଆ ନିଯୁକ୍ତି ସହ ନୂଆ ଶାଖା, ଶାଖାର ମିଶ୍ରଣ ନେଇ ସେ ସୂଚନା ଦେଇଛନ୍ତି। ମହାପାତ୍ର ରାଜ୍ୟରେ ଥିବା ଦୁଇ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀଙ୍କୁ ଭେଟିଥିଲେ। ଏହି ଅବସରରେ ରାଜ୍ୟରେ ବ୍ୟବସାୟ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ମାନ ହୋଇଥିଲା।

# ଇକ୍ୱିଟିକୁ ଖୁଚୁରା ନିବେଶକଙ୍କ ପ୍ରାଥମିକତା




ଭୁବନେଶ୍ୱର,୧-୧୨

ଖୁଚୁରା ନିବେଶକ ବର୍ତ୍ତମାନ ଇକ୍ୱିଟି ନିବେଶକୁ ପ୍ରାଥମିକତା ଦେଉଛନ୍ତି। ମ୍ୟୁଚୁଆଲ ଫଣ୍ଡର ମୋଟ ପରିଚାଳନା ସମ୍ପତ୍ତି( ଏୟୁଏମ୍)ରେ ଖୁଚୁରା ନିବେଶକଙ୍କ ଅବଦାନ ୨୬%। ଅପରପକ୍ଷରେ ୮% ଖୁଚୁରା ନିବେଶକ ଅଣ ଇକ୍ୱିଟି ପାଣ୍ଠିରେ ନିବେଶ କରୁଛନ୍ତି। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ସର୍ବଦା କାର୍ଯ୍ୟ କରୁଛି। ସ୍ଥାନୀୟ ଏକ ହୋଟେଲରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆନୁକୂଲ୍ୟରେ ଆୟୋଜିତ ଖୁଚୁରା ସଞ୍ଚୟ କନକ୍ଲେଭରେ ଯୋଗଦେଇ ସେବିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଭି. ମୂରଲୀଧର ରାଓ ଏହା କହିଛନ୍ତି। ସେ କହିଛନ୍ତି ଯେ, ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ପ୍ରତି ଓଡ଼ିଶାର ଅବଦାନରେ ବୃଦ୍ଧି ହେଉଛି।

ଓଡ଼ିଶାରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଅଭିବୃଦ୍ଧି କରୁଛି। ଏ କ୍ଷେତ୍ରରେ ୨୦୧୫ ମାର୍ଚ୍ଚ ବେଳକୁ ଓଡ଼ିଶାର ଅବଦାନ ୦.୫୭% ଥିଲା ବେଳେ ୨୦୧୮ ଅକ୍ଟୋବର ୩୦ ବେଳକୁ ଏହା ୦.୯୧%କୁ ବୃଦ୍ଧି ଘଟିଛି। ଜାତୀୟ ହାର ତୁଳନାରେ ଓଡ଼ିଶାର ଯୋଗଦାନ ନଗଣ୍ୟ ରହିଲେ ମଧ୍ୟ ଅଭିବୃଦ୍ଧି ଉନ୍ନତ ବୋଲି ସେ କହିଛନ୍ତି। ଗତ ପାଞ୍ଚ ବର୍ଷରେ ଦେଶର ମ୍ୟୁଚୁଆଲ ଫଣ୍ଡର ମୋଟ ଏୟୁଏମ୍ ଦୁଇଗୁଣ ବୃଦ୍ଧି ଘଟିଥିବା ସେ କହିଛନ୍ତି। ଦେଶରେ ମ୍ୟୁଚୁଆଲ ଫଣ୍ଡର ମୋଟ ବଜାର ବର୍ତ୍ତମାନ ୨୨.୨୪ ଲକ୍ଷ କୋଟିରେ ପହଞ୍ଚିଛି। ମୋଟ ନିବେଶକଙ୍କ ସଂଖ୍ୟା ୨ କୋଟି ଥିବା ବେଳେ ୪୩ କମ୍ପାନୀ ଓ ୧୯ ଶହ ସ୍କିମ ନିବେଶକଙ୍କ ପାଇଁ ରହିଥିବା ରାଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଆଇସିସି ବିଶେଷଜ୍ଞ କମିଟି ସଦସ୍ୟ ସୁଧୀର ରାୟ ଚୌଧୁରୀ, ୟୁଟିଆଇ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡର ସଭାପତି ଦେବାଶିଷ ମହାନ୍ତି, ଏଲ୍‌ଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଏଲ୍.ପି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କଗୁଡିକୁ ୟୁଆଇଡିଏର ନିର୍ଦ୍ଦେଶ

# ଆଧାର ଦେୟ ପ୍ରଦାନ ବନ୍ଦ କରନି

ନୂଆଦିଲ୍ଲୀ,୧-୧୨

ଆଧାର ଆଧାରିତ ଦେୟ ପ୍ରଦାନ ବ୍ୟବସ୍ଥାକୁ ବନ୍ଦ ନ କରିବାକୁ ୟୁଆଇଡିଏଆଇ ଶୁକ୍ରବାର ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଛି। ଏହାକୁ ବନ୍ଦ କଲେ କଲ୍ୟାଣମୂଳକ ଯୋଜନାର ଲାଭ ପ୍ରଦାନ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି ଏହା କହିଛି। ନିକଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)କୁ ପତ୍ର ଲେଖି ଆଧାର ଆଧାରିତ ଦେୟ ପ୍ରଦାନ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ମଗାଯାଇଥିଲା। ଏହାକୁ ଭିତ୍ତି କରି ୟୁଆଇଡିଏଆଇ ପକ୍ଷରୁ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ରାୟରେ ଆଧାର ଆଧାରିତ ସମସ୍ତ କାର୍ଯ୍ୟକ୍ରମ ଚଳାଇ ରଖିବାକୁ କୁହାଯାଇଛି। ରାୟକୁ ଭଲ ଭାବେ ତର୍ଜମା କରାଯିବା ଉପରେ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗାଭତ୍ତା ୧୩୮.୭୯%

ଭୁବନେଶ୍ୱର,୧-୧୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ସେପ୍ଟେମ୍ବରରେ ୩୦୧ ପଏଣ୍ଟ ଥିଲା, ଏହା ଅକ୍ଟୋବରରେ ୧ ପଏଣ୍ଟ ବଢି ୩୦୨ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୧୯ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ ବୃଦ୍ଧି ପାଇ ୩୨୦ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୧୧ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ହୋଇ ୩୧୨ ପଏଣ୍ଟ ହୋଇଛି। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୫.୬% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୧୯ % ବୃଦ୍ଧି ଘଟି ୧୩୮.୭୯% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୧୨% ହୋଇଛି। ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପାକାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମାନେ ମଧ୍ୟ ୧୨% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ମେ ୩୦ ଏବଂ ୩୧ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୦.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୦.୬% ବୃଦ୍ଧି ଘଟି ୬୧.୩% ହୋଇଛି। ଏହା ଫେବୃଆରୀ ପହିଲାରୁ ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୦.୬% ବୃଦ୍ଧି ଘଟି ୫୪.୬% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃଆରୀ ପହିଲାରୁ ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ ଓ ପେନ୍‌ସନ୍ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ଡିସେମ୍ବର ୩ରେ ହେବାକୁ ଥିବା ଆଇବିଆଇର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବ। ସେହିଭଳି ଡିସେମ୍ବର ୧୪ରେ ଅନୁଷ୍ଠିତ ହେଉଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି।

## ୩ ବ୍ୟାଙ୍କ ମିଶ୍ରଣକୁ ବିରୋଧ

# ୨୬ରେ ବ୍ୟାଙ୍କ ୟୁନିୟନଙ୍କ ଧର୍ମଘଟ

ନୂଆଦିଲ୍ଲୀ,୧-୧୨

> ସରକାର ଓ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତିକୁ ଆଗେଇ ନେଉଥିବାରୁ କର୍ମଚାରୀମାନେ ଧର୍ମଘଟ ପାଇଁ ନିଷ୍ପତ୍ତି ନେଇଛନ୍ତି।
> - ସି.ଏଚ୍. ଭେଙ୍କଟଚଳମ, ସାଧାରଣ ସମ୍ପାଦକ ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ

ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ପ୍ରସ୍ତାବିତ ମିଶ୍ରଣକୁ ବିରୋଧ କରି ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଗଠନ(ୟୁନିୟନ) ଗୁଡିକ ଚଳିତ ମାସ ୨୬ରେ ଦେଶବ୍ୟାପୀ ଧର୍ମଘଟର ଚେତାବନୀ ଦେଇଛନ୍ତି।

କେନ୍ଦ୍ର ସରକାର ଚଳିତ ବର୍ଷ ସେପ୍ଟେମ୍ବରରେ ଉକ୍ତ ୩ ବ୍ୟାଙ୍କର ମିଶ୍ରଣକୁ ଅନୁମୋଦନ କରିବା ପରେ ସମ୍ପୃକ୍ତ ବ୍ୟାଙ୍କ ବୋର୍ଡ ଏହାକୁ ମଞ୍ଜୁରୀ ପ୍ରଦାନ କରିସାରିଛି। ବ୍ୟାଙ୍କ କର୍ମଚାରୀଙ୍କ ସଂଯୁକ୍ତ ମଞ୍ଚ ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ କର୍ମଚାରୀ ଓ ଅଧିକାରୀ ସଂଘଗୁଡିକ ସାମିଲ ରହିଛି। ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଳମ କହିଛନ୍ତି ଯେ, ସରକାର ଓ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତିକୁ ଆଗେଇ ନେଉଛନ୍ତି। ଏଣୁ କର୍ମଚାରୀମାନେ ଧର୍ମଘଟ ପାଇଁ ନିଷ୍ପତ୍ତି ନେଇଛନ୍ତି। ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କସର ଉପ ସଭାପତି ଅଶ୍ୱିନୀ ରାଣା କହିଛନ୍ତି ଯେ, ୟୁଏଫ୍‌ବିୟୁ ଅଧୀନରେ ସମସ୍ତ ୟୁନିୟନ ଧର୍ମଘଟରେ ସାମିଲ ହେବେ। ଉକ୍ତ ୩ ବ୍ୟାଙ୍କର ମିଶ୍ରଣ ପରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରେ ଏହା ତୃତୀୟ ବୃହତ୍ ବ୍ୟାଙ୍କ ହେବ। ଜୁନ୍ ସୁଦ୍ଧା ଏହି ୩ ବ୍ୟାଙ୍କର ମୋଟ୍ କାରବାର ୧୪.୮୨ ଲକ୍ଷ କୋଟି ଟଙ୍କା ରହିଛି। ଏମାନଙ୍କ ମଧ୍ୟରୁ ଦେନା ବ୍ୟାଙ୍କ ଟିକେ ଦୁର୍ବଳ ରହିଛି। ଏହାର ଅନାଦାୟ ଋଣ ପରିମାଣ ୧୧.୦୪ ପ୍ରତିଶତ ଏବଂ ବ୍ୟବସାୟ ୧.୭୨ ଲକ୍ଷ କୋଟି ଟଙ୍କା ବୋଲି ଜଣାପଡିଛି। ତେବେ ବ୍ୟାଙ୍କ ଅଫ୍ ବରୋଦାର ଏନ୍‌ପିଏ ପରିମାଣ ୫.୪% ଓ ବ୍ୟବସାୟ ୧୦.୨ ଲକ୍ଷ କୋଟି ଓ ବିଜୟା ବ୍ୟାଙ୍କର ଏନ୍‌ପିଏ ପରିମାଣ ୪.୧୦ ପ୍ରତିଶତ ଏବଂ ୨ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହେଉଛି।

# ଅଜୟ ଭୂଷଣଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀ,୧-୧୨

ହସମୁଖ ଅଧିଆ ଅବସର ନେବା ପରେ ୟୁଆଇଡିଏଆଇ ସିଇଓ ଅଜୟ ଭୂଷଣ ପାଣ୍ଡେ ଶୁକ୍ରବାର ରାଜସ୍ୱ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଟିକସ ଆଦାୟ ବୃଦ୍ଧି, ଟିକସ ବ୍ୟବସ୍ଥାକୁ ଅଧିକ ସରଳୀକରଣ କରିବା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ହେବ ବୋଲି ଦାୟିତ୍ୱ ଗ୍ରହଣ କରି ପାଣ୍ଡେ ପ୍ରକାଶ କରିଛନ୍ତି। ଜିଏସ୍‌ଟିରେ ଅନେକ ସରଳୀକରଣ କରାଯିବାର ଆବଶ୍ୟକତା ରହିଛି। ନିକଟ ଭବିଷ୍ୟତରେ ଏ ସମ୍ପର୍କରେ ଘୋଷଣା କରାଯିବ। ଅଜୟ ଭୂଷଣଙ୍କୁ ଦାୟିତ୍ୱ ଗ୍ରହଣ ବେଳେ ବିଦାୟୀ ରାଜସ୍ୱ ସଚିବ ହସମୁଖ ଅଧିଆ ସ୍ୱାଗତ କରିଥିଲେ।

# ଭାରତ ଫେରିବାକୁ ନୀରବ ନାରାଜ

## ଜୀବନ ପ୍ରତି ବିପଦ ଥିବା କାରଣ ଦର୍ଶାଇଲେ

ନୂଆଦିଲ୍ଲୀ,୧-୧୨



ପିଏନ୍‌ବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତ ଆସିବାକୁ ଭୟ କରୁଛନ୍ତି। ସ୍ୱଦେଶ ଫେରିଲେ ତାଙ୍କୁ ମବ୍ ଲିଞ୍ଚିଂର ଶିକାର ହେବାକୁ ପଡିବ ବୋଲି ଯୁକ୍ତି ଦର୍ଶାଇଛନ୍ତି। ମୁମ୍ବାଇ ପିଏମ୍‌ଏଲ୍‌ଏ କୋର୍ଟରେ ତାଙ୍କ ଓକିଲ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖଣ୍ଡନ କରିଛି। ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରୁଥିଲେ ନୀରବ ଥାନାରେ ଅଭିଯୋଗ କରିପାରି ଥାନ୍ତେ ବୋଲି ଇଡି ପକ୍ଷରୁ ପାଲଟା ଯୁକ୍ତି ଦର୍ଶାଯାଇଛି।

ଇଡି ପକ୍ଷରୁ ପଳାତକ ଅପରାଧୀ ଘୋଷଣା ନେଇ ମୁମ୍ବାଇସ୍ଥିତ ପିଏମ୍‌ଏଲ୍‌ଏ କୋର୍ଟରେ ଆବେଦନ କରାଯିବା ପରେ ନୀରବଙ୍କ ପକ୍ଷରୁ ତାଙ୍କ ଓକିଲ ବିଜୟ ଅଗ୍ରୱାଲ ଯୁକ୍ତି ଦର୍ଶାଇଛନ୍ତି। ଉଭୟ ଇଡି ଓ ସିବିଆଇକୁ ପଠାଇଥିବା ଇ-ମେଲରେ ନୀରବ ନିଜର ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଥିବା ସମ୍ପର୍କରେ ଅଗ୍ରୱାଲ ବିଚାରପତି ଏମ୍.ଏସ୍ ଆଜମୀଙ୍କୁ କହିଥିଲେ। ଇ-ମେଲ୍‌ରେ ନୀରବ ଦର୍ଶାଇଥିଲେ ଯେ, ଭାରତରେ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ପିଏନ୍‌ବି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିବିଶେଷଙ୍କ ପରିବାର, ଘରମାଲିକ, କର୍ମଚାରୀ, ଋଣପ୍ରଦାନକାରୀ, ଇଡି ଓ ସିବିଆଇ ଦ୍ୱାରା ଜବତ ଗହଣାର ଗ୍ରାହକମାନେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି ବୋଲି ନୀରବ କହିଛନ୍ତି। ବହୁ ସଂଖ୍ୟକ ଧମକ ମିଳିବା ପରେ ସେ ଆଉ ଭାରତ ଫେରିପାରିବେ ନାହିଁ ବୋଲି ଇ-ମେଲ୍‌ରେ ଦର୍ଶାଇଛନ୍ତି। ଏହାଛଡା ତାଙ୍କୁ ରାବଣ ସହ ତୁଳନା କରାଯାଇଛି ଓ ବ୍ୟାଙ୍କ ଜାଲିଆତିର ପୋଷ୍ଟର ବଏ ଭାବେ ଉପସ୍ଥାପନ କରାଯାଇଛି ବୋଲି ହୀରା ବ୍ୟବସାୟୀ ଅଭିଯୋଗ କରିଛନ୍ତି। ତେବେ ଇଡି ଓକିଲ ହିତେନ ଭେନେଗାଓଁକର ପଳାତକ ଆଇନ ସହ ଉକ୍ତ ଯୁକ୍ତିର କୌଣସି ଯଥାର୍ଥତା ନାହିଁ ବୋଲି ପାଲ୍‌ଟା ଯୁକ୍ତି ଦର୍ଶାଇଥିଲେ। ତେବେ ସୁରକ୍ଷା କାରଣରୁ ଯେକୌଣସି ବ୍ୟକ୍ତି ପୋଲିସର ସହାୟତା ନେଇପାରିବେ ଏବଂ ଏତଲା ଦେଇପାରିବେ ବୋଲି ହିତେନ କହିଥିଲେ।









# ହର୍ଜବର୍ଗରଙ୍କ ହ୍ୟାଟ୍ରିକ

# ନେଦରଲାଣ୍ଡର ବୃହତ୍ ବିଜୟ

**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି):** ଗତଥରର ରନର୍ସଅପ୍ ନେଦରଲାଣ୍ଡ ଏଥର ଗୋଲ ବର୍ଷା ସହ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହକି ବିଶ୍ୱକପର ପୁଲ୍ 'ଡି' ମ୍ୟାଚରେ ୪ ନମ୍ବର ର୍ୟାଙ୍କ୍‌ପ୍ରାପ୍ତ ନେଦରଲାଣ୍ଡ ୧୨ ନମ୍ବର ଦଳ ମାଲେସିଆକୁ ୭-୦ ଗୋଲରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚର ହିରୋ ସାଜିଥିଲେ ନେଦରଲାଣ୍ଡର ଜେରନ ହର୍ଜବର୍ଗର। ସେ ଟୁର୍ନାମେଣ୍ଟର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ହର୍ଜବର୍ଗରଙ୍କ ୩ଟି ଗୋଲକୁ ଛାଡ଼ିଦେଲେ ନେଦରଲାଣ୍ଡ ପକ୍ଷରୁ ରବର୍ଟ କେମ୍ପରମ୍ୟାନ, ମିର୍କୋ ପ୍ରୁଜସେର, ଥିଏରୀ ବ୍ରିଙ୍କମ୍ୟାନ ଓ ଭାନ୍ ଡର୍ ୱିର୍ଡେନ ମିଙ୍କ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ପୂର୍ବାନୁମାନ ଅନୁସାରେ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡ ଆରମ୍ଭରୁ ହିଁ ମାଲେସିଆ ଉପରେ ଭାରି ପଡ଼ିଥିଲା। ପ୍ରଥମ କ୍ୱାର୍ଟରରୁ ହିଁ ଦଳ ଆକ୍ରମଣକୁ ଜୋରଦାର କରି ଫାଇଦାରେ ରହିଥିଲା। ରୋଲାଣ୍ଟ ଓଲ୍ଟମାନ୍ସଙ୍କ ପ୍ରଶିକ୍ଷଣପ୍ରାପ୍ତ ମାଲେସିଆ ଦଳରେ ସନ୍ତୁଳନର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ଫଳରେ ଅଧିକାଂଶ ସମୟ ବଲ୍ ମାଲେସିଆ ହାଫ୍‌ରେ ହିଁ ରହିଥିଲା। ୯ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ନେଦରଲାଣ୍ଡ ଗୋଲରେ ପରିଣତ କରିପାରି ନ ଥିଲେ ହେଁ ୧୧ତମ ମିନିଟରେ ଫିଲ୍ଡ ଗୋଲ ଦେଇ ୨ ନମ୍ବର ଜର୍ସି ପରିହିତ ଜେରନ ହର୍ଜବର୍ଗର ଦଳକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଗୋଲ ପରିଶୋଧ ପାଇଁ ମାଲେସିଆ ନିକଟରେ ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ପେନାଲ୍ଟି କର୍ନରକୁ ଏହି ଦଳର ଖେଳାଳିମାନେ ଗୋଲରେ ପରିଣତ କରିବାରେ ଅସମର୍ଥ ରହିଥିଲେ। ପ୍ରଥମ କ୍ୱାର୍ଟର ନେଦରଲାଣ୍ଡ ସପକ୍ଷରେ ୧-୦ ରହିବାପରେ ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲା। ମାତ୍ର ଦଳ ନେଦରଲାଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଏହାର ଫରୱାର୍ଡମାନେ ଅଳ୍ପ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ନେଦରଲାଣ୍ଡର ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇ ନ ଥିଲେ। ୧୭ତମ ମିନିଟରେ ନେଦରଲାଣ୍ଡକୁ ପେନାଲ୍ଟି କର୍ନର ମିଳିଥିଲା। ୪ ଥର ଉଦ୍ୟମ ସତ୍ତ୍ୱେ ନେଦରଲାଣ୍ଡ ଗୋଲ ଦେଇପାରି ନ ଥିଲା। ତେବେ ଏହାର ୪ ମିନିଟ ପରେ ମିର୍କୋ ପ୍ରୁଜସେର ଏକ ଫିଲ୍ଡ ଗୋଲ ଦେଇ ମାଲେସିଆକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏତିକିରେ ମାଲେସିଆର ଦୁର୍ଦ୍ଦଶା ସରି ନ ଥିଲା। ୨୯ତମ ମିନିଟରେ ହର୍ଜବର୍ଗର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନେଦରଲାଣ୍ଡକୁ ୩-୦ରେ ଅଗ୍ରଣୀ କରାଇଥିଲେ।





ଜେରନ ହର୍ଜବର୍ଗର (ଡାହାଣ) ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଦ୍ୱିତୀୟାର୍ଦ୍ଧରେ ପଟ୍ଟ ପରିବର୍ତ୍ତନ ହୋଇଥିଲେ ହେଁ ମାଲେସିଆର ଭାଗ୍ୟରେ ପରିବର୍ତ୍ତନ ହୋଇ ନ ଥିଲା। ନେଦରଲାଣ୍ଡର ପ୍ରଭାବୀ ପ୍ରଦର୍ଶନ ଆଗରେ ମାଲେସିଆ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ୩୫ତମ ମିନିଟରେ ନେଦରଲାଣ୍ଡକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ଦଳ ଭୁଲ କରି ନ ଥିଲା। ଡ୍ରାଗ୍ ଫ୍ଲିକର ଭାନ୍ ଡର୍ ୱିର୍ଡେନ ମିଙ୍କ୍ ଫ୍ଲିକ୍ ଜରିଆରେ ଦଳପାଇଁ ୪ର୍ଥ ଗୋଲ ସ୍କୋର କରିଥିଲେ। ମାଲେସିଆ ଗୋଲକିପର ସୁବ୍ରମିଆମ କୁମାର କେବଳ ଦେଖଣାହାରି ହୋଇ ରହି ଯାଇଥିଲେ। ତୃତୀୟ କ୍ୱାର୍ଟର ଶେଷ ହୋଇ ଆସିବା ବେଳକୁ ଅର୍ଥାତ୍ ୪୨ତମ ମିନିଟରେ ଏକ ଗୋଲ ସ୍କୋର କରି ନିଜ ମାଇଲଖୁଣ୍ଟ ମ୍ୟାଚକୁ ଅଧିକ ସ୍ମରଣୀୟ କରି ଦେଇଥିଲେ ରବର୍ଟ କେମ୍ପରମ୍ୟାନ। କାରଣ ଏଠାରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ଏହି ଫରୱାର୍ଡ ଖେଳାଳି। ଚାପକୁ ଆସି ଯାଇଥିବା ମାଲେସିଆ ୪ର୍ଥ କ୍ୱାର୍ଟରେ ନିମ୍ନମାନର ପ୍ରଦର୍ଶନ କରିଥିଲା। ଏହାର ସୁଯୋଗ ନେଇ ୫୭ତମ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ନେଦରଲାଣ୍ଡ। ଥିଏରୀ ବ୍ରିଙ୍କ୍‌ମ୍ୟାନ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ନେଦରଲାଣ୍ଡ ଖେଳାଳିଙ୍କ ଭୋକ ଏତିକିରେ ମେଣ୍ଟି ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ଅଳ୍ପକିଛି କ୍ଷଣ ଥିବାବେଳେ ଅର୍ଥାତ୍ ୬୦ତମ ମିନିଟରେ ହର୍ଜବର୍ଗର ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ନେଦରଲାଣ୍ଡର ଗୋଲ ବ୍ୟବଧାନ ୭-୦ରେ ପହଞ୍ଚି ଯାଇଥିଲା। ଶେଷ ହ୍ୱିସିଲ ବାଜିବା ସହ ନେଦରଲାଣ୍ଡ ଦଳର ଖେଳାଳିମାନେ ପଡ଼ିଆ ପରିକ୍ରମା କରି ଖୁସି ମନାଇଥିଲେ।

### ଗୋଲ ସ୍କୋରର

**ନେଦରଲାଣ୍ଡ-୭**

- ଜେରନ ହର୍ଜବର୍ଗର: ୧୨, ୨୯, ୬୦ତମ ମିନିଟ
- ମିର୍କୋ ପ୍ରୁଜସେର: ୨୧ତମ ମିନିଟ
- ଭାନ୍ ଡର୍ ୱିର୍ଡେନ ମିଙ୍କ୍: ୩୫ ତମ ମିନିଟ
- ରବର୍ଟ କେମ୍ପରମ୍ୟାନ: ୪୨ ତମ ମିନିଟ
- ଥିଏରୀ ବ୍ରିଙ୍କମ୍ୟାନ: ୫୭ ତମ ମିନିଟ

**ମାଲେସିଆ-୦**

## କଳିଙ୍ଗ କର୍ନର

### କେମ୍ପରମ୍ୟାନଙ୍କ ୨୦୦ତମ ମ୍ୟାଚ



**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ମାଲେସିଆ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ଗେମ୍ ଖେଳିଛନ୍ତି ନେଦରଲାଣ୍ଡର ରବର୍ଟ କେମ୍ପରମ୍ୟାନ। ୧୪ ନମ୍ବର ଜର୍ସି ପରିହିତ କେମ୍ପରମ୍ୟାନ କେବଳ ମ୍ୟାଚ ଖେଳି ନ ଥିଲେ ଗୋଲ ମଧ୍ୟ ସ୍କୋର କରିଥିଲେ। ୧୯୯୦ ଜୁନ ୨୪ରେ ନିଜ୍‌ମେଗେନ୍‌ଠାରେ ଜନ୍ମଗ୍ରହଣ କରିଥିବା କେମ୍ପରମ୍ୟାନ ୨୦୦୮ରେ ୧୭ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଅନ୍ତର୍ଜାତୀୟ ପଦାର୍ପଣରେ ସେ ଦ୍ୱିତୀୟ ସର୍ବକନିଷ୍ଠ ନେଦରଲାଣ୍ଡ ଖେଳାଳି ବିବେଚିତ ହୋଇଥିଲେ। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ, ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ବ୍ରୋଞ୍ଜ, ୨୦୧୪ ଦି ହେଗ୍ ବିଶ୍ୱକପରେ ରୌପ୍ୟ, ୨୦୧୦ ମନଚେନ୍‌ଗ୍ଲାଡ୍‌ବ୍ୟାକ ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ, ୨୦୧୨ ମେଲବୋର୍ନରେ ରୌପ୍ୟ ଏବଂ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ ପଦକ ବିଜୟୀ ନେଦରଲାଣ୍ଡ ଦଳର ସଦସ୍ୟ ଥିଲେ। ୨୦୧୫ ଓ ୨୦୧୭ ୟୁରୋପିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ନେଦରଲାଣ୍ଡ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ।

### ପ୍ରଥମ ହ୍ୟାଟ୍ରିକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୧୪ତମ ସଂସ୍କରଣରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ନେଦରଲାଣ୍ଡର ଜେରନ ହର୍ଜବର୍ଗର। ଶନିବାର ଅନୁଷ୍ଠିତ ମାଲେସିଆ ବିପକ୍ଷ ପୁଲ୍ 'ଡି' ମ୍ୟାଚର ୧୧, ୨୯ ଓ ୬୦ତମ ମିନିଟରେ ସେ ୩ଟି ଗୋଲ ସ୍କୋର କରି ଏହି ସଫଳତା ପାଇଛନ୍ତି। ତାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ନେଦରଲାଣ୍ଡ ବୃହତ୍ ବ୍ୟବଧାନରେ ୭-୦ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ୧୯୮୬ ଫେବୃୟାରୀ ୨୪ରେ ରୋଟରଡାମରେ ଜନ୍ମିତ ହର୍ଜବର୍ଗର ସାମ୍ପ୍ରତିକ ନେଦରଲାଣ୍ଡ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି। ସେ ନେଦରଲାଣ୍ଡ ପକ୍ଷରୁ ୨୧୪ ମ୍ୟାଚ ଖେଳି ମୋଟ ୧୦୪ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ୟୁରୋ ହକି ଲିଗ୍‌ରେ ସେ ୨୬ଟି ଗୋଲ ଦେଇ ସର୍ବକାଳୀନ ଶ୍ରେଷ୍ଠ ସ୍କୋରର ହେବାର ସୌଭାଗ୍ୟ ପାଇଛନ୍ତି।

## ଫ୍ୟାନ୍ କର୍ଣ୍ଣର


ଦୁଇ ପ୍ରଶଂସିକା ଟିକେଟ ପ୍ରଦର୍ଶନ କରୁଛନ୍ତି।


ଷ୍ଟାଡ଼ିୟମ୍ ବାହାରେ କିଛି ବିଦେଶୀ ପ୍ରଶଂସକ।


ଅଟୋରେ ପରିବାର ସହ ବଟାନିକାଲ ଗାର୍ଡେନ ଭ୍ରମଣରେ ଫ୍ରାନ୍ସ ଅଧିନାୟକ ଭିକ୍ଟର ଚାର୍ଲେଟ।

# ମାର୍କୋଙ୍କ ଗୋଲରେ ଜିତିଲା ଜର୍ମାନୀ

**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି)**

ମାର୍କୋ ମିଲ୍ଟକାଓଙ୍କ ଗୋଲ ବଳରେ ଜର୍ମାନୀ ବିଜୟ ସହ ଏହାର ହକି ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ପୁଲ୍ 'ଡି' ମ୍ୟାଚରେ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ମ୍ୟାଚର ୩୬ତମ ମିନିଟରେ ମାର୍କୋ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜର୍ମାନୀର ୩ ନମ୍ବର ଖେଳାଳି ମ୍ୟାଟ୍ସ ଗ୍ରାମ୍‌ବୁସ୍କ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟ ଯୁବ ଯୋଜନା ବୋର୍ଡ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ଆକାରରେ ଗ୍ରାମବୁସ୍କଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମ୍ୟାଚ ଆରମ୍ଭରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଜର୍ମାନୀ ଡିସେମ୍ବର ୫ରେ ପରବର୍ତ୍ତୀ ମ୍ୟାଚରେ ନେଦରଲାଣ୍ଡକୁ ଭେଟିବ। ସେହିଦିନ ଦୁଇ ଏସୀୟ ଦଳ ପାକିସ୍ତାନ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ।

ଜର୍ମାନୀ-ପାକିସ୍ତାନ ମ୍ୟାଚ ଆରମ୍ଭରୁ ରୋମାଞ୍ଚକ ରହିଥିଲା। ଉଭୟ ଦଳ ସତର୍କତା ଅବଲମ୍ବନ କରିଥିବାରୁ ଅଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ହୋଇ ନ ଥିଲା। ଜର୍ମାନୀକୁ ମାତ୍ର ଗୋଟିଏ ପେନାଲ୍ଟି କର୍ନର ମିଳିଥିବବେଳେ ପାକିସ୍ତାନ ଆଦୌ ପାଇ ନ ଥିଲା। ତେବେ ଉଭୟ ଦଳ ଫିଲ୍ଡ ଗୋଲ ପାଇଁ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ପାକିସ୍ତାନ ଜର୍ମାନୀ ଗୋଲପୋଷ୍ଟ ନିକଟତର ହୋଇଥିଲେ ହେଁ ଠିକ୍‌ଭାବେ ଫିନିଶିଂ କରିପାରି ନଥିଲା। ଅନ୍ୟପକ୍ଷରେ ଜର୍ମାନୀ ଶୃଙ୍ଖଳିତ ଖେଳି ଫାଇଦାରେ ରହିଥିଲା। ମ୍ୟାଚର ଶେଷ ପର୍ଯ୍ୟାୟରେ ଜର୍ମାନୀ ପାଇଁ ଦ୍ୱିତୀୟ ଗୋଲ ସ୍କୋରିଂର ସୁଯୋଗ ଆସିଥିଲା। ଖେଳାଳିମାନେ ପାକିସ୍ତାନ ଗୋଲପୋଷ୍ଟରେ ବଲ ଭର୍ତ୍ତିକରି ଖୁସି ମଧ୍ୟ ମନାଇଥିଲେ। ମାତ୍ର ଡି ଏରିଆ ବାହାରୁ ଆସିଥିବା କ୍ରସ୍ ଶଟ୍ କୌଣସି ଜର୍ମାନୀ ଖେଳାଳିଙ୍କ ଷ୍ଟିକ୍‌ରେ ନ ବାଜି ପାକ୍ ଗୋଲପୋଷ୍ଟରେ ପଶିଥିବାରୁ ଭିଡିଓ ରିପ୍ଲେରେ ତାହା ନାକଚ ହୋଇ ଯାଇଥିଲା। କଳିଙ୍ଗ ଷ୍ଟାଡିୟମ ଜର୍ମାନୀ ପାଇଁ ପୁଣି ଶୁଭ ସାବ୍ୟସ୍ତ ହୋଇଛି। କାରଣ ୨୦୧୪ରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନକୁ ୨-୦ ଗୋଲରେ ହରାଇ ଜର୍ମାନୀ ଚାମ୍ପିୟନ ହୋଇଥିଲା।

### ଗୋଲ ସ୍କୋରର

**ଜର୍ମାନୀ-୧**

- ମାର୍କୋ ମିଲ୍ଟକାଓ: ୩୬ତମ ମିନିଟ୍

**ପାକିସ୍ତାନ-୦**

### ପାକିସ୍ତାନକୁ ସମର୍ଥନ

ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ନେଦରଲାଣ୍ଡ-ମାଲେସିଆ ପ୍ରଥମ ମ୍ୟାଚ ସମୟରେ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ଅନେକ ସିଟ୍ ଫାଙ୍କା ରହିଥିଲା। ମାତ୍ର ପାକିସ୍ତାନ-ଜର୍ମାନୀ ମ୍ୟାଚ ବେଳକୁ ଷ୍ଟାଡିୟମ ଭରପୂର ହୋଇ ଯାଇଥିଲା। ଓଡ଼ିଶା ଦର୍ଶକମାନେ ପାକିସ୍ତାନ ଦଳକୁ ସମର୍ଥନ କରି କୋହାହଳ କରୁଥିବା ପରିଲକ୍ଷିତ ହୋଇଥିଲା। ଜର୍ମାନୀ ଗୋଲ ଦେବାପରେ ମଧ୍ୟ ଦର୍ଶକମାନେ ଏହି ଦଳର ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲେ।


ଗୋଲ୍‌ସ୍କୋର ପରେ ଜର୍ମାନୀ ଖେଳାଳି ଖୁସି ମନାଉଛନ୍ତି।



ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ପ୍ରଶଂସକଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ହ୍ୟୁମାନ ରେଡ୍ ରିବନ୍ ପ୍ରତିକୃତି।



“ ବ୍ରିଟିଶ ଚ୍ୟାଲେଞ୍ଜର ଟାଇସନ ଫ୍ୟୁରିଙ୍କୁ ନକ୍ଆଉଟ କରି ମୁଁ ଡବ୍ଲ୍ୟୁବିସି ଟାଇଟଲ ବଜାୟ ରଖିପାରିବି ବୋଲି ମୋର ଦୃଢ଼ ଆଶା ରହିଛି ।

–ଡେଅନ୍‌ଟେ ୱାଇଲ୍ଡର, ଆମେରିକୀୟ ବକ୍ସର



“ ବର୍ତ୍ତମାନର ଭାରତୀୟ ବୋଲିଂ ଆଟାକ୍ ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ଚ୍ୟାଲେଞ୍ଜ ଦେଇ ପାରିବ ।

–ଜେଫ୍ ଲସନ, ପୂର୍ବତନ ଅଷ୍ଟ୍ରେଲୀୟ ଟେଷ୍ଟ ବୋଲର

## ସଂକ୍ଷେପରେ

### ବିଜୟଙ୍କ ଶତକ ସହ ଅଭ୍ୟାସ ମ୍ୟାଚ୍ ଡ୍ର

ସିଡ୍‌ନୀ, ୧।୧୨(ପି.ଟି.): ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ ଦଳ ଏଠାରେ ଘରୋଇ ଅଷ୍ଟ୍ରେଲିଆ କ୍ରିକେଟ ଏକାଦଶ ବିପକ୍ଷରେ ଖେଳିଥିବା ୪ ଦିବସୀୟ ଅଭ୍ୟାସମୂଳକ ମ୍ୟାଚ୍ ଡ୍ର'ରେ ଶେଷ କରିଛି। ଦ୍ୱିତୀୟ ଇନିଂସରେ ଓପନର୍ ମୁରଲୀ ବିଜୟଙ୍କ ଶତକ ଓ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ଟେଷ୍ଟ ସିରିଜ ପୂର୍ବରୁ ଭାରତର ମନୋବଳ ଦୃଢ଼ କରିଛି। ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ। ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ ରନ ଜବାବରେ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଶୁକ୍ରବାର ୩ୟ ଦିବସ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ୩୫୬ ରନ କରିଥିଲା। ଶନିବାର ଅନ୍ତିମ ଦିବସ ସକାଳେ ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ୧୫୧.୧ ଓଭରରେ ୫୪୪ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ପକ୍ଷରୁ ଉଇକେଟ୍‌କିପର ହ୍ୟାରୀ ନୀଲସେନ ୧୦୦, ଆରୋନ ହାର୍ଡି ୮୬, ଡାନିଏଲ ଫଲିନ୍ ୪୩, ଲ୍ୟୁକ୍ ରବିନ୍ସ ୩୮* ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସାମି ୩, ରବିଚନ୍ଦ୍ରନ ଅଶ୍ୱିନ ୨ଟି ଉଇକେଟ୍ ନେଇଥିଲେ। ଉମେଶ ଯାଦବ, ଇଶାନ୍ତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ୍ ବୁମ୍‌ରା ଗୋଟିଏ ଲେଖାଏ ସଫଳତା ପାଇଥିଲେ। ୧୮୬ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଭାରତ ଦମ୍‌ଦାର ବ୍ୟାଟିଂ କରିଥିଲା। ଦୁଇ ଓପନର୍ ରାହୁଲ ୬୨ ରନ ଓ ବିଜୟ ୧୨୯ (୧୬ ଚୌକା, ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଦ୍ୱିତୀୟ ଉଇକେଟ୍‌ଭାବେ ବିଜୟ ଆଉଟ୍ ହେବାପରେ ଉଭୟ ଦଳର ଅଧିନାୟକ ରାଜି ହୋଇଥିଲେ। ସେତେବେଳକୁ ଭାରତ ୨ ଉଇକେଟ୍‌ରେ ୨୧୨ ରନ କରିଥିଲା। ହନୁମା ବିହାରୀ ୧୫ ରନ କରି ଅପରାଜିତ ରହିଥିଲେ। ବିଜୟ ପ୍ରଥମ ଅର୍ଦ୍ଧଶତକ ୯୧ଟି ବଲରୁ ହାସଲ କରିଥିବାବେଳେ ୨ୟ ଅର୍ଦ୍ଧଶତକ ପାଇଁ ୨୭ଟି ବଲ ଖେଳିଥିଲେ। ଜ୍ୟାକ୍ କାର୍ଡିଙ୍କ ଗୋଟିଏ ଓଭରରେ ସେ ୨୬ ରନ ସଂଗ୍ରହ କରିଥିଲେ। ସଂକ୍ଷିପ୍ତ ସ୍କୋର: ଭାରତର ପ୍ରଥମ ଇନିଂସ- ୩୫୮ ରନରେ ଅଲ୍‌ଆଉଟ୍। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ପ୍ରଥମ ଇନିଂସ- ୫୪୪ ଅଲ୍‌ଆଉଟ୍। ଭାରତ ୨ୟ ଇନିଂସ- ୨୧୨/୨ (ବିଜୟ ୧୨୯, ରାହୁଲ ୬୧, ବିହାରୀ ୧୫*, ଶର୍ଟ ୧/୩୪)।

# ଭାରତର ବେଲଜିୟମ ପରୀକ୍ଷା ଆଜି

ଭୁବନେଶ୍ୱର, ୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍ ଚତୁର୍ଦ୍ଦଶ ସଂସ୍କରଣରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉଲ୍ଲେଖନୀୟ ଦିନ ହେବାକୁ ଯାଉଛି। ଗତ ବୁଧବାର ଦକ୍ଷିଣ ଆଫ୍ରିକାକୁ ୫–୦ ଗୋଲ ବୃହତ୍ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ପୂରା ଢଙ୍ଗରେ ବିଜୟ ଅଭିଯାନ ଆରମ୍ଭ କରିଛି। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ରବିବାର ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ବେଲଜିୟମକୁ ଭେଟିବ। ଭାରତ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗରେ ପଞ୍ଚମ ସ୍ଥାନରେ ରହିଛି। ତେବେ ବେଲଜିୟମ୍ ଭାରତଠାରୁ ଦୁଇଟି ସ୍ଥାନ ଉପରେ ରହି ତୃତୀୟସ୍ଥାନରେ ରହିଛି। ଦୀର୍ଘ ୪୩ ବର୍ଷ ପରେ ଭାରତ ପୁଣି ଥରେ ବିଶ୍ୱକପ୍ ହାସଲ କରିବାର ସୁଯୋଗ ପାଇଛି। ଘରୋଇ ପରିବେଶରେ ଭାରତ ଉନ୍ନତ ପ୍ରଦର୍ଶନ କରି ବେଲଜିୟମକୁ ହରାଇବା ଲକ୍ଷ୍ୟରେ ରହିଛି। ବେଲଜିୟମକୁ ହରାଇଲେ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ଅପରପକ୍ଷରେ ବେଲଜିୟମ ତା'ର ପ୍ରଥମ ମ୍ୟାଚ୍‌ରେ ୨–୧ ଗୋଲରେ ଅପେକ୍ଷାକୃତ କାନାଡ଼ାକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ବିଜୟୀ ହେବା ପାଇଁ ଅବଶ୍ୟ ବେଲଜିୟମକୁ ବେଶ୍ ଝାଳ ବୁହାଇବାକୁ ପଡିଥିଲା। ୮ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ୧୯୭୫ରେ ଶେଷଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଯେଉଁ ଭଳି ଭାରତ ଖେଳ ପ୍ରଦର୍ଶନ କରିଥିଲା ଠିକ୍ ସେହିପରି ବେଲଜିୟମ ବିପକ୍ଷରେ ମଧ୍ୟ ଖେଳିବାର ଆବଶ୍ୟକତା ରହିଛି। କିନ୍ତୁ ଭାରତର ପ୍ରଦର୍ଶନରେ ସ୍ଥିରତାର ଅଭାବ ବେଶ୍ ପୁରୁଣା ସମସ୍ୟା। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ବେଳେ ବେଲଜିୟମ ତା'ର ପ୍ରଥମ ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତେବେ ଟାଇଟଲ ଦାବିଦାର ଏହି ଦୁଇ ଦଳ ଦ୍ୱିତୀୟ ମ୍ୟାଚ୍‌ରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଅନୁମାନ କରିବା ମୁସ୍କିଲ।

ମନଦୀପ ସିଂ, ସମରନଜିତ ସିଂ, ଆକାଶଦୀପ ସିଂ ଓ ଲଳିତ ଉପାଧ୍ୟାୟଙ୍କୁ ନେଇ ଭାରତୀୟ ଫରୱାର୍ଡ ବେଶ୍ ମଜଭୁତ୍ ମନେହେଉଛି। ସିମରନଜିତ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ବାକି ୩ଜଣ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ମିଡଫିଲ୍ଡରେ ମନପ୍ରୀତ୍ ସିଂ ନେତୃତ୍ୱ ତାଙ୍କ ଦାୟିତ୍ୱ ନେବାରେ ସଫଳ ହୋଇଥିଲେ। ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା, ହରମନପ୍ରୀତ ସିଂ, ସୁରେନ୍ଦ୍ର କୁମାରଙ୍କ ଭଳି ଡିଫେଣ୍ଡର ଓ ଗୋଲ କିପର ପି.ଆର. ଶ୍ରୀଜେସ ବେଲଜିୟମ ବିପକ୍ଷ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି।

ଗତ କିଛି ବର୍ଷ ମଧ୍ୟ ବେଲଜିୟମ ବିପକ୍ଷରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୨୦୧୩ ପରଠାରୁ ଉଭୟ ଦଳ ପରସ୍ପରକୁ ୧୯ଟି ମ୍ୟାଚ୍‌ରେ ଭେଟିଛନ୍ତି। ତେବେ ସେଥିମଧ୍ୟରୁ ଭାରତ ମାତ୍ର ୫ଟି ମୁକାବିଲରେ ବିଜୟୀ ହୋଇଥିବା ବେଳେ ବେଲଜିୟମ୍ ୧୩ଟିରେ ବାଜି ମାରିଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଶେଷଥର ପାଇଁ ଦୁଇଦଳ ଗତ ଚାମ୍ପିୟନ୍ସ ଟ୍ରଫିରେ ଭେଟାଭେଟି ହୋଇଥିଲେ ଓ ଏହି ମ୍ୟାଚ୍ ୧–୧ ଗୋଲରେ ଅମୀମାଂସିତ ରହିଥିଲା।

ବିଶ୍ୱକପ୍‌ରେ କଥା ଅଲଗା ପ୍ରକାର ହୋଇଥାଏ। ସାମାନ୍ୟ ଗୋଟିଏ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥାଏ ଓ ଏଥିପାଇଁ ପରାଜୟ ମଧ୍ୟ ବରଣ କରିବାକୁ ହୋଇଥାଏ। ଉଭୟ ଦଳ ପାଇଁ ପେନାଲ୍ଟି କର୍ନର କନଭରଶନ ଏକ ମୁଖ୍ୟ ସମସ୍ୟା ସାବ୍ୟସ୍ତ ହୋଇଛି। ଦକ୍ଷିଣ ଆଫ୍ରିକାକୁ ବୃହତ୍ ବ୍ୟବଧାନରେ ହରାଇଥିଲେ ମଧ୍ୟ ଭାରତ ମିଳିଥିବା ୫ଟି ପେନାଲ୍ଟି କର୍ନର ସୁଯୋଗରୁ ମାତ୍ର ଗୋଟିଏକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଛି। ସେହିପରି କାନାଡ଼ା ବିପକ୍ଷରେ ବେଲଜିୟମ ଦୁଇଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଥିଲା। ପେନାଲ୍ଟି କର୍ନର କନଭରସନକୁ ନେଇ ଭାରତ କୋଚ୍ ହରେନ୍ଦ୍ର ସିଂ ସେତେଟା ବ୍ୟସ୍ତ ନୁହଁନ୍ତି ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଗୋଲ ହେଉଛି ସେପର୍ଯ୍ୟନ୍ତ ବ୍ୟସ୍ତ ହେବାର କିଛି ନାହିଁ। ପେନାଲ୍ଟି କର୍ନର ସମେତ ଆମେ ଫିଲ୍ଡ ଗୋଲ ମଧ୍ୟ ଦେବାରେ ସକ୍ଷମ ହୋଇଛୁ। ତେବେ ପେନାଲ୍ଟି କର୍ନର କନଭରସନରେ ଉନ୍ନତି ଆସିବା ନିହାତି ଦରକାର ବୋଲି ସେ ସ୍ୱୀକାର କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ଭଳି ମିଳିଥିବା ସୁଯୋଗର ସଦ୍‌ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବେଲଜିୟମ ବିପକ୍ଷରେ ମଧ୍ୟ ଆମେ ସୁଯୋଗର ସଦ୍‌ବ୍ୟବହାର କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। କେବଳ ଗୋଲ ଦେବାକୁ ପ୍ରୟାସ କରାଯିବା ଉଚିତ୍ ନୁହେଁ। ଖେଳର ମୌଳିକ ଢାଞ୍ଚା ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି ହେଲେ ସୁଯୋଗ ଆପେଆପେ ଆସିବ ଓ ଗୋଲ ଦେବାରେ ଦଳ ସଫଳ ହେବ।

ଅପରପକ୍ଷରେ ଗତ ଦୁଇ ଦଶନ୍ଧି ମଧ୍ୟରେ ବେଲଜିୟମ ବିଶ୍ୱ ହକିରେ ନିଜର ଆଧିପତ୍ୟ ଜାହିର କରିବାରେ ସକ୍ଷମ ହୋଇଛି। ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ବେଲଜିୟମ ତା'ର ସ୍ଥାନ ପକ୍କା କରିଛି। ତେବେ ମେଜର ଟୁର୍ନାମେଣ୍ଟରେ ଏହି ଦଳ ଟାଇଟଲ ହାସଲ କରିବାରେ ସଫଳ ହୋଇନାହିଁ। ପ୍ରଥମ ମ୍ୟାଚ୍‌ରେ ବେଲଜିୟମ ଅଧିକ ସଂଖ୍ୟାରେ ଗୋଲ ଦେବାରେ ବିଫଳ ହୋଇଥିଲା। ପୁଲ୍ ସି'ରେ ଶୀର୍ଷ ସ୍ଥାନ ଅଧିକାର କରିବାକୁ ହେଲେ ଓ କ୍ରସ୍ ଓଭର ମୁକାବିଲାକୁ ଏଡାଇବାକୁ ହେଲେ ଭାରତକୁ ହରାଇବା ନିହାତି ଜରୁରୀ ବୋଲି ବେଲଜିୟମ କୋଚ୍ ଶେନ ମ୍ୟାକ୍ ଲଏଡ କହିଛନ୍ତି। ତେଣୁ ଭାରତ ବିପକ୍ଷ ମ୍ୟାଚ ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବୋଲି ସେ ସ୍ୱୀକାର କରିଛନ୍ତି।

ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ଦଳଗୁଡିକ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ତେବେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦୁଇଟି ଦଳ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଁ ପ୍ଲେ ଅଫ୍ ବା କ୍ରସ ଓଭର ମ୍ୟାଚ୍ ଖେଳିବେ।



ଖବରଦାତା ସମ୍ମିଳନୀରେ ଭାରତୀୟ ହକି ଦଳର କୋଚ୍ ହରେନ୍ଦ୍ର ସିଂ (ଡାହାଣ)।

### ସୁପର ସନ୍‌ଡେ'ରେ ସୁପର ମୁକାବିଲା

- ଭାରତୀୟ ଦଳ: ମନପ୍ରୀତ ସିଂ (ଅଧିନାୟକ), ପି.ଆର. ଶ୍ରୀଜେସ୍ (ଗୋଲ କିପର), କ୍ରିଷ୍ଣା ବାହାଦୁର ପାଠକ, ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଥାଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଅମିତ ରୋହିଦାସ, ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ସୁମୀତ, ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ୍ ସିଂ।
- ବେଲଜିୟମ ଦଳ: ଥୋମାସ ବ୍ରିଏଲ୍ସ (ଅଧିନାୟକ), ଭିନସେଣ୍ଟ ବାନାସ୍କ (ଗୋଲ୍‌କିପର), ଲୋଇକ୍ ଭାନ ଡୋରେନ (ଗୋଲ କିପର), ଆର୍ଥର ଡି ସ୍ଲୁଭେର, ଅର୍ଥର ଭାନ ଡୋରେନ୍, ଲୋଇକ୍ ଲୁଇପାରେଟ୍, ଆଲେକଜାଣ୍ଡର ହେଣ୍ଡ୍ରିକ୍ସ, ଗଉଥି ବୋକାର୍ଡ, ଇମାନୁଏଲ ଷ୍ଟକବ୍ରୋଏକ୍ସ, ସିମନ ଗୋଗନାର୍ଡ,ଜନ ଜନ ଡୋହମେନ, ଭିକ୍ଟର ୱେଗନେଜ, ଫେଲିକ୍ସ ଡେନାୟେର, ସେବାଷ୍ଟିଏନ ଡୋକିଏର, ସେଡ୍ରିକ ଚାର୍ଲିଏର ଓ ଟମ୍ ବୁନ୍।

### ଆଜିର ମ୍ୟାଚ୍

କାନାଡା ବନାମ ଦକ୍ଷିଣ ଆଫ୍ରିକା
ପୁଲ୍-ସି
ସମୟ ଅପରାହ୍ନ- ୫ଟା

ଭାରତ ବନାମ ବେଲଜିୟମ
ପୁଲ୍- ସି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

## ଶୁଭ୍ରାଂଶୁ–ଅଭିଷେକ ଓଡ଼ିଶାକୁ ଜିତାଇଲେ

କଟକ ଅଫିସ, ୧।୧୨: ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍–ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ବିଜୟ ପାଇଁ ଓଡ଼ିଶା ସମ୍ମୁଖରେ ୨୧୫ ରନର ଟାର୍ଗେଟ୍ ରହିଥିବାବେଳେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୧୧ ରନ କରିଥିଲା। ଶନିବାର ତଥା ଅନ୍ତିମ ଦିବସରେ ଓଡ଼ିଶାକୁ ବିଜୟୀ ପାଇଁ ଆଉ ୧୦୪ ରନ୍ ଆବଶ୍ୟକ ହେଉଥିଲା। ତେବେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି(୪୩ ରନ୍) ଓ ଅଲ୍‌ରାଉଣ୍ଡର ଅଭିଷେକ ରାଉତ(୨୦ ରନ୍) ସତର୍କତାର ସହ କ୍ରିଜରେ ତିଷ୍ଠି ରହି ଦଳକୁ ଆଉ କୌଣସି କ୍ଷତି ନ ଦେଇ ୫ ଉଇକେଟରେ ଜିତାଇଥିଲେ। ଉଭୟ ଶୁଭ୍ରାଂଶୁ ଓ ଅଭିଷେକ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଚଳିତ ସିଜିନରେ ଓଡ଼ିଶାକୁ ଦ୍ୱିତୀୟ ବିଜୟ ପ୍ରଦାନ କରିଛନ୍ତି। ଶୁଭ୍ରାଂଶୁ ୮୪ ରନ୍ ଓ ଅଭିଶେକ ୮୩ ରନ କରିଥିଲେ। ସୂଚନା ଥାଉକି, ତ୍ରିପୁରାର ପ୍ରଥମ ଇନିଂସ ୧୨୨ ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୧୨ ରନ୍ କରିଥିଲା। ତ୍ରିପୁରା ଦ୍ୱିତୀୟ ଇନିଂସରେ ୩୦୪ ରନ କରିବା ଫଳରେ ଓଡ଼ିଶା ସମ୍ମୁଖରେ ୨୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଓଡ଼ିଶା ଗ୍ରୁପ୍–ସି ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉଠିଛି। ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ଗୋଟିଏ ଲେଖାଏ ପରାଜୟ, ଡ୍ର ସହ ଓଡ଼ିଶା ୧୩ ପଏଣ୍ଟ ପାଇଛି।

### ପପୁ ବାଦ୍, ଦଳରେ ରୋଶନ

ଡିସେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଓଡ଼ିଶା ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ଖେଳାଯିବ। ଉକ୍ତ ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ମାତ୍ର ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ବାମହାତୀ ସ୍ପିନର ପପୁ ରାୟଙ୍କୁ ବଦଳରେ ଅନ୍ୟଜଣେ ଉଇକେଟକିପର ଭାବେ ପି.ରୋଶନ କୁମାର ରାଓଙ୍କୁ ଦଳରେ ନିଆଯାଇଛି। ଦଳରେ ବାମହାତୀ ସ୍ପିନର ଭାବେ ଅଭିଜ୍ଞ ଧୀରଜ ସିଂ ରହିଛନ୍ତି। ଏଣୁ ପପୁଙ୍କୁ ବିଶ୍ରାମ ଦିଆଯାଇଛି। ରାଜ୍ୟ ବାହାରେ ମ୍ୟାଚ୍ ରହିଥିବାରୁ ଅନ୍ୟଜଣେ ଉଇକେଟକିପରଙ୍କ ଆବଶ୍ୟକତା ରହିଛି ବୋଲି ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି।

# ଜାନୁୟାରୀ ୧୩ରେ ଟାଟା ଷ୍ଟିଲ୍ ହାଫ୍ ମାରାଥନ

ଭୁବନେଶ୍ୱର,୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଟାଟା ଷ୍ଟିଲ୍ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ହାଫ୍ ମାରାଥନ୍– ୨୦୧୯ ଏଥର ଜାନୁୟାରୀ ୧୩ ତାରିଖରେ ଆୟୋଜନ ହେବ। ପୂର୍ବ ୩ଟି ସଂସ୍କରଣ ଅପେକ୍ଷା ମାରାଥନର ଏହି ଚତୁର୍ଥ ସଂସ୍କରଣ ଆହୁରି ବ୍ୟାପକ ହେବ। ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟାଟା ଷ୍ଟିଲ୍‌ର ର ମେଟେରିଆଲ୍ସ ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ମନୋଜ ପାଢୀ ଯୋଗ ଦେଇ ଏହି ହାଫ୍ ମାରାଥନ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ମହିଳା ଏଭରେଷ୍ଟ ଆରୋହଣକାରୀ ସ୍ୱର୍ଣ୍ଣଲତା ଦଳାଇ, ଟାଟା ଷ୍ଟିଲ ଚିଫ୍ ରେସିଡେଣ୍ଟ ଏକଜିକ୍ୟୁଟିଭ ଦେବାଶିଷ ଜେନା, ଅର୍ଜୁନ ପୁରସ୍କାର ପ୍ରାପ୍ତ ଆଥଲେଟ୍ ତଥା ଟାଟା ଷ୍ଟିଲ୍ ସିନିୟର କୋଚ୍ ବାଗିଚା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହାଫ୍ ମାରାଥନର ଅଫିସିଆଲ ଟି– ଶାର୍ଟର ଉନ୍ମୋଚନ କରାଯାଇଥିଲା।

ଏହି ହାଫ୍ ମାରାଥନକୁ ୩ଟି ଭାଗରେ ବିଭକ୍ତ କରାଯାଇଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ପାଇଁ ୨୧ କିଲୋ ମିଟର (ହାଫ୍ ମାରାଥନ), ୫ରୁ ୧୫ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକାମାନଙ୍କ ପାଇଁ ୧୦ କି.ମି. ଓ ୧୨ରୁ ୧୬ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକାମାନଙ୍କ ପାଇଁ ୫ କି.ମି. ଦୂରତା ବିଶିଷ୍ଟ ଦୌଡ ଆୟୋଜନ ହେବ। ହାଫ୍ ମାରାଥନର ଉଭୟ ମହିଳା ଓ ପୁରୁଷ ଚାମ୍ପିୟନଙ୍କୁ ସର୍ବାଧିକ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏହି ମାରାଥନର ଭେନ୍ୟୁ ହେବ। ମାରାଥନର ରେଜିଷ୍ଟ୍ରେଶନ ପାଇଁ ଡିସେମ୍ବର ୩୦କୁ ଶେଷ ତାରିଖ ରୂପେ ଧାର୍ଯ୍ୟ କରାଯାଇଛି। ଫାଷ୍ଟ କମ୍ ଫାଷ୍ଟ ବେସିସ ବା ଅଗ୍ରାଧିକାର ଭିତ୍ତିରେ ଅତିବେଶିରେ ୫୦୦୦ ପ୍ରତିଯୋଗୀ ମାରାଥନ ପାଇଁ ରେଜିଷ୍ଟ୍ରେଶନ କରିପାରିବେ।

ହାଫ୍ ମାରାଥନ ପାଇଁ ରେଜିଷ୍ଟ୍ରେଶନ ଫି' ୩୦୦, ୧୦ କି.ମି. ଦୌଡ ପାଇଁ ୨୦୦ ଓ ୫ କି.ମି. ଦୌଡ ପାଇଁ ୧୦୦ ଟଙ୍କା ରଖାଯାଇଛି। ଏହି ହାଫ୍ ମାରାଥନକୁ ବିଶ୍ୱସ୍ତରୀୟମାନର କରାଯିବ ବୋଲି କୁହାଯାଇଛି। ଟାଇମିଂ ମ୍ୟାଟ୍ସ ଓ ଏହାର କଣ୍ଟ୍ରୋଲ ୟୁନିଟ ପାଇଁ ଷ୍ଟେଟ– ଅଫ୍– ଆର୍ଟ ଟେକ୍‌ନୋଲୋଜି, ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଚିପ୍ସ, ରୁଟ୍‌ରେ ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍ସ, ଟ୍ରାକିଙ୍ଗ କ୍ୟାମେରା, ୱାଇ– ଫାଇ ନେଟୱର୍କର ବ୍ୟବହାର କରାଯିବ।

ଇତିମଧ୍ୟରେ ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ ହୋଇପାରିଛି ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ମନୋଜ ପାଢୀ କହିଛନ୍ତି। ଭୁବନେଶ୍ୱର ହାଫ୍ ମାରାଥନ ଏକ ମେଗା ଇଭେଣ୍ଟରେ ପରିଣତ ହେବ ଓ ଓଡ଼ିଶାବାସୀଙ୍କୁ ସୁସ୍ଥ ରଖିବାରେ ପ୍ରେରଣା ଯୋଗାଇବ। ସରକାର ମଧ୍ୟ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ବଦ୍ଧ କରିକର। ଗତ କେତେ ବର୍ଷ ମଧ୍ୟରେ ରାଜ୍ୟରେ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ପୁଣି ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ ମଧ୍ୟ ବେଶ୍ ଉତ୍ସାହ ଓ ଉଦ୍ଦୀପନାରେ ଚାଲୁ ରହିଛି ବୋଲି ମନୋଜ କହିଥିଲେ।

ସେହିପରି ଟାଟା ଷ୍ଟିଲ୍ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ତା'ର ପ୍ରୟାସ ଜାରି ରଖିବ, ଏଥର ହାଫ୍ ମାରାଥନ ଆହୁରି ବ୍ୟାପକ ହେବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରତିଯୋଗୀଙ୍କ ସଂଖ୍ୟାରେ ଯଥେଷ୍ଟ ଉନ୍ନତି ହେବ ବୋଲି ଟାଟା ଷ୍ଟିଲର ମେଟେରିଆଲ୍ସ ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର କହିଥିଲେ।



ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନର ଜର୍ସି ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଆର୍ଥିକ ପୁରସ୍କାର

**ହାଫ୍ ମାରାଥନ (୨୧.୦୯୭ କି.ମି.)**
ପୁରୁଷ ଓ ମହିଳା ଚାମ୍ପିୟନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ପୁରୁଷ ଓ ମହିଳା ପ୍ରତିଯୋଗୀ ଯଥାକ୍ରମେ ୭୫, ୫୧, ୩୧ ଓ ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ।

**୧୦ କି.ମି. ଦୌଡ**
ପୁରୁଷ ଓ ମହିଳା ଚାମ୍ପିୟନ ୫୧ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ପୁରୁଷ ଓ ମହିଳା ପ୍ରତିଯୋଗୀ ଯଥାକ୍ରମେ ୩୧, ୨୧, ୧୫ ଓ ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ହାସଲ କରିବେ।

**୫ କି.ମି. ଦୌଡ**
ଚାମ୍ପିୟନ ବାଳକ ଓ ବାଳିକା ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ହାସଲ କରିବେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ବାଳକ ଓ ବାଳିକା ପ୍ରତିଯୋଗୀ ଯଥାକ୍ରମେ ୮,୭,୫ ଓ ୪ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ହାସଲ କରିବେ।



## ସଂକ୍ଷେପରେ

### ବିଜୁ କନ୍ୟାରତ୍ନ ଯୋଜନା ସଚେତନତା

ଦିଗପହଣ୍ଡି,୧।୧୨(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ହାଇସ୍କୁଲ ପରିସରରେ ବୁଧବାର ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୀବନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆଇନ ପରାମର୍ଶ ଅଧିକାରୀ ସୁଦାମ ପାଣିଗ୍ରାହୀ, ସାଧନ କର୍ମୀ ସୁକଣ୍ଠ ପଣ୍ଡା ମଞ୍ଚାସୀନ ଥିଲେ। ରାଜ୍ୟ ମହିଳା ଶିଶୁ କଲ୍ୟାଣ ବିଭାଗ ସହାୟତାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କନ୍ୟା ସନ୍ତାନର ନିରାପତ୍ତା, ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା, ଭ୍ରୁଣ ନିରୂପଣ ରୋକିବା, କନ୍ୟା ସନ୍ତାନଙ୍କ ସମ୍ମାନ ବଜାୟ ରଖିବା ନିମନ୍ତେ ସଚେତନ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପତି, ରଶ୍ମିତା ଦାସ, ଅନୁରାଧା ବେହେରା, ଅର୍ଚ୍ଚନା ଦାସ, ସୁଚିତ୍ରା ଦାସ, ଶିକ୍ଷକ ବିଜୟ କୁମାର ମହାପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଲିପଡ଼ା ଗ୍ରାମସ୍ଥିତ ମା' ମହୁରୀ କାଳୁଆ କଲେଜରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ. ସୂର୍ଯ୍ୟନାରାୟଣ ଦାସ ସଚେତନତା ସଭାରେ ଅଧକ୍ଷତା କରିଥିଲେ ।

### କେନ୍ଦ୍ରୀୟ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ଆସିକା,୧।୧୨(ଡି.ଏନ୍.ଏ.)- ଆସିକା କଲେଜଛକ ଧୋବାଡିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏତଦ୍ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସବ୍-ଜୁନିଅର୍, ଜୁନିଅର୍, ସିନିଅର୍ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଭିଭାବକଙ୍କ ମଧ୍ୟରେ ମଧ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ସବଜୁନିଅରରେ ବାଳକ ବିଭାଗରେ ସୂର୍ଯ୍ୟପ୍ରକାଶ ଗୌଡ, ବାଳିକା ବିଭାଗରେ ସ୍ନେହାରାଣୀ ଜେନ, ଜୁନିଅର୍ ବର୍ଗରେ ବାଳକ ଗୌତମ ସେଠୀ, ବାଳିକା ଚିରସ୍ମିତା କାଞ୍ଚ ଏବଂ ସିନିଅର ବର୍ଗରେ ବାଳକ ହୁମେଶ୍ କୁମାର ସେଠୀ ଓ ବାଳିକା ବିଭାଗରେ ତୁଳସୀ ପାଣିଗ୍ରାହୀ ଚାମ୍ପିୟନ ହୋଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର୍ ସୁବାସ ଚନ୍ଦ୍ର ସେଠୀଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ କ୍ରୀଡାବିତ୍ ଦିଲ୍ଲୀପ ପାଣିଗ୍ରାହୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ସହାୟତା

ଗଞ୍ଜାମ,୧।୧୨(ଡି.ଏନ.ଏ.)- ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ଗ୍ରାମର କୁନ୍ଦନ ସ୍ୱାଇଁଙ୍କର ଗତ ୪ ମାସ ତଳେ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତ କୁନ୍ଦନଙ୍କ ସ୍ୱାମୀ ଚୈତନ୍ୟ ସ୍ୱାଇଁଙ୍କୁ ତହସିଲଦାର ଅବନୀ କୁମାର ସାହୁ ନିଜ କାର୍ଯ୍ୟାଳୟରେ ସହାୟତା ରାଶି ବାବଦକୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ବେହେରା, କ୍ଲର୍କ ସୁନିଲ ମିଶ୍ର, ନାଦିର ଶଙ୍କର ସାହୁ ପ୍ରମୁଖ ଚେକ୍ ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସେହିପରି ମଲାଡ ଗ୍ରାମର ବି. ଗୋପୀଙ୍କର ମଧ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ କୁନ୍ତୀଙ୍କୁ ତହସିଲଦାର ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। କର୍ନଲ ଖଣି ବିସ୍ଫୋରଣରେ ମୃତ ପାଣ୍ଡବ ଲେଙ୍କାଙ୍କ ସ୍ତ୍ରୀ ସୁମତିଙ୍କୁ ତହସିଲଦାର ପିଏମ୍ଏମ୍ଆର୍ଏସ୍ ଯୋଜନାରେ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମଲାଡ ଆର୍ଆଇ ଡି. ମିଲି କୁମାରୀ ଓ ହୁମ୍ମା ଆର୍ଆଇ ସସ୍ମିତା ବେହେରା ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

■ବୁଡାଗୁଡ଼ା ସରପଞ୍ଚଙ୍କ କାର୍ଯ୍ୟକୁ ବିରୋଧ

# ପଞ୍ଚାୟତ କାର୍ଯ୍ୟାଳୟରେ ପଡ଼ିଲା ତାଲା

## ୱାର୍ଡ ସଭ୍ୟାସଭ୍ୟଙ୍କ ବୈଠକ ବର୍ଜନ, ଉତ୍ତେଜନା


ଧାରଣାରେ ବସିଥିବା ୱାର୍ଡ ସଭ୍ୟାସଭ୍ୟମାନେ।

ଦାରିଙ୍ଗବାଡ଼ି,୧।୧୨(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ପଞ୍ଚାୟତ ସରପଞ୍ଚଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ଗୁରୁବାର ପଞ୍ଚାୟତର ୧୪ ୱାର୍ଡ଼ ସଭ୍ୟାସଭ୍ୟ ଗ୍ରାମ ସଭା ବର୍ଜନ କରିବା ସହ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଜିଲାପାଳଙ୍କୁ ଚିଠି ପଠାଇଥିଲେ। ଶନିବାର ଏମଆଇଏସ (ମ୍ୟାନେଜମେଣ୍ଟ ଇନଫରମେଶନ ସିଷ୍ଟମ) ବୈଠକକୁ ମଧ ସେମାନେ ବର୍ଜନ କରି ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ସମ୍ମୁଖରେ ଧାରଣାରେ ବସିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିପତି ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ଧିରେନ ସେଠୀ, ଗ୍ରାମ ରୋଜଗାର ସେବକ କେଦାରନାଥ ସାହୁ , ସମିତିସଭ୍ୟା ନିର୍ମଳା ସାହୁ ଏବଂ ସରପଞ୍ଚ ନିକିତା ପ୍ରଧାନ ପ୍ରମୁଖ ଧାରଣା ସ୍ଥଳକୁ ଆସି ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପଞ୍ଚାୟତରେ ବିଭିନ୍ନ ଅନିୟମିତତା ସହ ମୋ କୁଡ଼ିଆ, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ଲାଞ୍ଚ ନ ଦେଲେ ଗୃହ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ବହୁ ଲୋକ ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ସମର୍ଥନ ଜଣାଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏପରିକି ଆନ୍ଦୋଳନକାରୀମାନେ ସରପଞ୍ଚଙ୍କ ସମେତ ପଞ୍ଚାୟତ କର୍ମଚାରୀଙ୍କୁ କାର୍ଯ୍ୟାଳୟରୁ ବାହାର କରି ତାଲା ପକାଇ ବିଭିନ୍ନ ଚେତାବନୀ ଦେଇଥିଲେ। ପଞ୍ଚାୟତ କର୍ମଚାରୀ ବୁଝାଶୁଝା କରିବାକୁ ଉଦ୍ୟମ କରି ବିଫଳ ହେବାରୁ କାର୍ଯ୍ୟାଳୟ ଛାଡ଼ି ଚାଲି ଯାଇଥିଲେ। ୩ ଘଣ୍ଟା ଧରି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲେ ସୁଦ୍ଧା ସେଠାରେ ପୋଲିସ କିମ୍ବା ପ୍ରଶାସନ କେହି ପହଞ୍ଚି ନ ଥିବା ଜଣାପଡ଼ିଛି। ନନ୍ଦ ମଲ୍ଲିକ, ଗଣ୍ଡ ପ୍ରଧାନ, ରଣ ସିଂ ପାତ୍ର, କୁନି ପ୍ରଧାନ, ପ୍ରଭାତୀ ବିନ୍ଧାଣୀ, ମେନକା ପ୍ରଧାନୀ, ପ୍ରମୋଦିନୀ ପ୍ରଧାନ, ବୁଡାଲି ମଲ୍ଲିକ, କେତକୀ ମଲ୍ଲିକ, ଚାନ୍ଦିନୀ ବେହେରା, ଆଗୁଲ ସିଂ ମଲ୍ଲିକ, ଶୈଳ ପ୍ରଧାନ, ଜନନୀ ମୁଖି ପ୍ରମୁଖ ୱାର୍ଡ଼ ସଭ୍ୟାସଭ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ସମେତ ଅଞ୍ଚଳବାସୀ ଜିଦ୍ ଧରିଛନ୍ତି ଯେ, ସରପଞ୍ଚଙ୍କୁ ଅନାସ୍ଥା କରାଯିବା ସହ ସ୍ଥାନୀୟ ଏବଂ ଜିଲା ପ୍ରଶାସନ ପହଞ୍ଚିଲା ପରେ କାର୍ଯ୍ୟାଳୟର ତାଲା ଖୋଲାଯିବ । ସୂଚନାଯୋଗ୍ୟ, ପଞ୍ଚାୟତ କାର୍ଯ୍ୟାଳୟରେ କେତେଜଣଙ୍କୁ ରାଶନ କାର୍ଡ ବଣ୍ଟାଯିବାର ଥିଲା। ତେବେ କାର୍ଯ୍ୟାଳୟର ତାଲା ଖୋଲାଯିବା ପରେ ତାହା ବଣ୍ଟନ କରାଯିବ ବୋଲି ସରପଞ୍ଚ ନିକିତା ପ୍ରଧାନ କହିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା।

## ୨ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ଗୁରୁତର

ଫୁଲବାଣୀ ଅଫିସ,୧।୧୨

ଫୁଲବାଣୀ ଜିଲା କାରାଗାରରେ ଶନିବାର ୨ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଲକ୍ଷ୍ମଣ ନାୟକ। ତାଙ୍କୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯେ, ଶନିବାର ଅପରାହ୍ନରେ ଜିଲା କାରାଗାରରେ ଥିବା କଏଦୀ କାହ୍ନୁଚରଣ ପ୍ରଧାନ ଓ ଲକ୍ଷ୍ମଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ କାହ୍ନୁ ପାଖରେ ପଡିଥିବା ଏକ ପଥରରେ ଲକ୍ଷ୍ମଣଙ୍କୁ ଆକ୍ରମଣ କରିଥିଲେ। ଫଳରେ ଲକ୍ଷ୍ମଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏ ନେଇ ଜିଲା କାରାଗାର ଜେଲର ଗରୀବ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆକ୍ରମଣକାରୀ କାହ୍ନୁଙ୍କ ମାନସିକ ସ୍ଥିତି ଠିକ ନାହିଁ। ତାଙ୍କର ବି କିଛିଦିନ ହେଲା ଚିକିତ୍ସା ଚାଲିଛି । କୌଣସି କଥାକୁ ନେଇ ତାଙ୍କ ମାନସିକ ସ୍ଥିତି ପୁଣି ବିଗିଡି ଯିବାରୁ ସେ ଏଭଳି କାଣ୍ଡ କରିଥିବା ଅନୁମାନ କରାଯାଉଛି।

## ବିଲରୁ ଗଳିତ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ, ୧।୧୨(ଡି.ଏନ୍.ଏ)

ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମ ନିକଟ ଏକ ବିଲରୁ ଶନିବାର ରାତିରେ ମୁଣ୍ଡଗଣ୍ଡି ଅଲଗା ଥିବା ଏକ ଗଳିତ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଗଣ୍ଡି ଠାରୁ କଟାମୁଣ୍ଡ ପ୍ରାୟ ୧୦ମିଟର ଦୂରରେ ପଡ଼ି ରହିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରାୟ ୧୫ ତଳେ ଏହି ଘଟଣା ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ରବିବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯିବ। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

କନ୍ଧମାଳରେ ପାରଦ ୮ ଡିଗ୍ରୀ ତଳେ

## ଚିନ୍ତାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର


କୁହୁଡିରେ ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀ।

ଖଜୁରିପଡା,୧।୧୨(ଡି.ଏନ୍.ଏ.)

ଓଡ଼ିଶାର କଶ୍ମିର କୁହାଯାଉଥିବା ଦାରିଙ୍ଗବାଡି ତଥା ସମଗ୍ର କନ୍ଧମାଳରେ ପ୍ରବଳ ଶୀତ ଲହରି ଜାରି ରହିଛି। ପାରଦ ୮ ଡିଗ୍ରୀ ତଳେ ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଘନ କୁହୁଡି ଆଚ୍ଛାଦିତ ହୋଇ ରହିବାରୁ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ଏଭଳି ପରିସ୍ଥିତିରେ ଲୋକେ ନିଆଁର ଆଶ୍ରୟ ନେଉଛନ୍ତି। ଖଜୁରିପଡା ବ୍ଲକ ଅଞ୍ଚଳରେ ଜଣେ ମହିଳା ନିଆଁ ପୋଉଁଥିବାବେଳେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। କନ୍ଧମାଳ ଜିଲାରେ ଥିବା ୧୦ଟି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଷ୍ଟେଲ ନ ଥିବାରୁ ବହୁ ଛାତ୍ରୀଛାତ୍ର ସକାଳୁ ୨୦/୨୫ କିମି ଦୂରରୁ ବସ୍ କିମ୍ବା ଅଟୋ ଯୋଗେ ସ୍କୁଲକୁ ଆସୁଛନ୍ତି। ଏଥିପାଇଁ ସକାଳ ୮ଟାରୁ ବାହାରିବାକୁ ପଡୁଛି। ପ୍ରବଳ ଶୀତ ସତ୍ତ୍ୱେ ଝରଣା ଓ ଚୁଆ ପାଣିରେ ଗାଧୋଇ ଆସିବାକୁ ପଡୁଛି। ଘନ କୁହୁଡି ଯୋଗୁ ରାସ୍ତାରେ ଯାତାୟତ ମଧ ବିପଦପୂର୍ଣ୍ଣ ରହୁଛି। ଫଳରେ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଶୀତଦିନରେ ସକାଳ ୧୧ଟାରୁ ସ୍କୁଲ ଆରମ୍ଭ କରାଯାଇ ଦିନ ସାଢେ ୩ଟାରେ ଛୁଟି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଯୁବକଙ୍କ ଆକ୍ରମଣରେ ମହିଳା ଗୁରୁତର

କୋଦଳା,୧।୧୨(ଡି.ଏନ୍.ଏ.)

କୋଦଳା ଗୋଲାସାହିର ଜଣେ ଯୁବକଙ୍କ ଆକ୍ରମଣରେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଏ. ନୀଳିମା ପାତ୍ର (୨୬)। ଏ ନେଇ କୋଦଳା ଥାନାରେ ନଂ.୨୭୭/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଡି. ଡିଲୁପାତ୍ରକୁ ଗିରଫ କରାଯାଇଥିବା ଏସ୍ଆଇ ଏସ୍ ଏସ୍ ଲାଗୁନ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ କୋଠିଶାଳ ଯାତ୍ରା ଉଦ୍‌ଯାପନି କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ସାହିର ଡିଲୁ ଓ ତାଙ୍କ ବାପା ନିଶାସକ୍ତ ହୋଇ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡ଼ୋଶି କେ.ଶଙ୍କର ପାତ୍ରଙ୍କୁ ଗାଳି କରିଥିଲେ। ଶଙ୍କରଙ୍କ ଭଉଣୀ ନୀଳିମା ଶନିବାର ଭୋରରେ କାହିଁକି ଗାଳି କରୁଛ ବୋଲି ଡିଲୁ ଓ ତାଙ୍କ ବାପାଙ୍କୁ ପଚାରିବାରୁ ଡିଲୁ ରାଗିଯାଇ ଏକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ନୀଳିମାଙ୍କ ବାମ କାନ ଅଧା କଟିଯାଇଥିବା ବେଳେ ମୁଣ୍ଡରେ ଆଘାତ ଲାଗିବାରୁ ସେ ପଡ଼ିଯାଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ବେଆଇନ ବାଲି ବୋଝେଇ ୩ ଟ୍ରାକ୍ଟର, ୧ ଟ୍ରକ ଜବତ

ଶେରଗଡ଼,୧।୧୨(ଡି.ଏନ୍.ଏ.)
ଶେରଗଡ଼ ବ୍ଲକ ତହସିଲ ପକ୍ଷରୁ ଶନିବାର ୧୧ଟାରେ ସନ୍ତୋଷପୁର ଗ୍ରାମ ଋଷିକୁଲ୍ୟା ନଦୀ ପଠାରୁ ବେଆଇନ ବାଲି ଚାଲାଣ ହେଉଥିବା ୩ ଟ୍ରାକ୍ଟର ସହ ୧ ଟ୍ରକ ଜବତ ହୋଇଛି। ଗାଡ଼ି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ଶେରଗଡ଼ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହକ ଓ ନରେନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ସୁଧାଂଶୁ ମୋହନ ପାଣିଗ୍ରାହୀ ସଦଳବଳ ଚଢ଼ାଉ କରିଥିଲେ।

## ଦିଗପହଣ୍ଡି ବାହ୍ୟ ଶୌଚମୁକ୍ତ ସହର ଘୋଷଣା ହେଲା

ଦିଗପହଣ୍ଡି,୧।୧୨(ଡି.ଏନ.ଏ.)
ଦିଗପହଣ୍ଡି ଏନଏସି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ସ୍ୱଚ୍ଛ ଭାରତ ଯୋଜନାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଏନ୍ଏସିର ଭାରପ୍ରାପ୍ତ ପ୍ରଶାସିକା ତଥା ସଚିବ ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୧୧ଟି ୱାର୍ଡକୁ ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ସ୍ଥାନୀୟ ହରିକୃଷ୍ଣ ପଣ୍ଡା, ଇଂ. ଗଙ୍ଗାଧର ଲେଙ୍କା, ବାଳା ମାଝି, ବିଶ୍ୱବା ପାଇକ, ଇଂ. ମୋହନରାଓ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏନଏସି ନିମପଲୀ ସେବାଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ସଚେତନତାଧର୍ମୀ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅମୀତା ରଥ, ଅରୁଣ ମଲିକ, ଶିବରାମ ପାଣିଗ୍ରାହୀ, ଏ. ଗୀତା ଦେବୀଙ୍କ ସମେତ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଛାତ୍ରୀଛାତ୍ର, ସନ୍ତୋଷ ବାଡ଼ତ୍ୟା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସବୁ କ୍ଷେତ୍ରରେ ଅବହେଳିତ ଛତ୍ରପୁର ସହର


ବୈଠକରେ ଆଲୋଚନା ଚାଲିଛି।

ଛତ୍ରପୁର,୧।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ସହରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଶନିବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ରୋଟାରି କ୍ଲବ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୁଦ୍ଧିଜୀବୀମାନଙ୍କ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଡା. ଗୌତମ ପଣ୍ଡା କହିଥିଲେ ଯେ, ଗଞ୍ଜାମ ଜିଲାର ବହୁ ଶ୍ରମିକ ରାଜ୍ୟ ବାହାରେ କାମ କରୁଛନ୍ତି। ତେଣୁ ଏଠାରେ ଗୁଜରାଣ ମେଣ୍ଟାଇବା ପାଇଁ ଶିଳ୍ପ ହେବା ଆବଶ୍ୟକ । ଛତ୍ରପୁର ଭାଜପା ନଗର ସଭାପତି ପ୍ରଦୀପ ପାଢୀ ଯୋଗଦେଇ କହିଥିଲେ ଯେ, ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ କରାଇ ନ ଦେବା ପାଇଁ ଚକ୍ରାନ୍ତ ଚାଲିଛି । ଭଲ ଜମି ଦିଆଯାଉନି। ଜମି ଦେଲେ କେନ୍ଦ୍ର ସରକାର ଏହି ବିଦ୍ୟାଳୟ ପ୍ରତିଷ୍ଠା କରିବେ। ଛତ୍ରପୁର ହସ୍ପିଟାଲରେ ୨୨ ବଦଳରେ ୬ ଜଣ ଡାକ୍ତର ଅଛନ୍ତି। ହସ୍ପିଟାଲ କୋଠା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନରୁ ୨ କୋଟି ଟଙ୍କା ଆସିଥିଲେ ହେଁ ଏହା ନିର୍ମାଣ ହେଉନି। ଛତ୍ରପୁର କଲେଜରେ ଅଧ୍ୟାପକ ଅଭାବ ରହିଛନ୍ତି। ନୂଆ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ମଧ ଦୂରଗାମୀ ବସ ଏଠାକୁ ଆସୁନି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଠିକ୍ କାର୍ଯ୍ୟକାରୀ ହୋଇନି । ଛତ୍ରପୁରରେ ପାଇଖାନା ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ନଗର ସଭାପତି ପାଢୀ ସମାଲୋଚନା କରିଥିଲେ। ଛତ୍ରପୁର ଓକିଲ ସଂଘ ସଭାପତି କେ. ଶିବରାମ ରେଡ୍ଡୀ ମଧ ହସ୍ପିଟାଲରେ ଡାକ୍ତର ସମସ୍ୟା କହିବା ସହ ନିଜ ମାତୃଭାଷାକୁ ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦେବାକୁ ଓକିଲ ବ୍ରଜ ମୋହନ ଆଚାର୍ଯ୍ୟ ଦାବି କରିଥିଲେ। ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଓକିଲ ଚୈତନ୍ୟ ପ୍ରଧାନ, କେ କମଳ ଲୋଚନ ଦାସ, ମନୋଜ ବେହେରା, ନରସିଂହ ପାଢୀ, ବସନ୍ତ ବେହେରା, ରୁଇନା ପଟ୍ଟନାୟକ, ପି. ଧରମା ରେଡ୍ଡୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଗଙ୍ଗାଧର ପଣ୍ଡା ଓ ଶଶି ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

କୁକୁଡ଼ାଖଣ୍ଡି,୧।୧୨(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ଏସ୍ଏମ୍ଆଇଟି ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହି ଉଦ୍‌ଯାପନ କରାଯିବ । କୁକୁଡ଼ାଖଣ୍ଡି ବ୍ଲକର ୨୨ଟି ପଞ୍ଚାୟତରୁ ୨୨ଟି କ୍ରିକେଟ ଟିମ୍ ଚୟନ କରାଯାଇ ଜିଲା ସ୍ତରରେ ଖେଳିବା ପାଇଁ ସୁଯୋଗ ଦିଆଯିବ। ପରବର୍ତ୍ତୀ ସମୟରେ ଜିଲାସ୍ତରରୁ ୧୫ ଜଣ ଚୟନ ହୋଇ ରାଜ୍ୟ ସ୍ତରରେ ଖେଳିବେ । ଏଭଳି କାର୍ଯ୍ୟକ୍ରମ ଓଡ଼ିଶା ସରକାର କରୁଥିବା ସୂଚନା ମିଳିଛି । କୁକୁଡ଼ାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଏବିଡିଓ ଭବାନି ଶଙ୍କର ପ୍ରଧାନ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ରଥ ଓ ବିଜୁ ଯୁବ ବାହିନୀ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୫୮୫୦/୯୪୩୯୬୮୩୯୯୯)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜିଲା ତଦନ୍ତକାରୀ କମିଟିର ଅନାଥ ଆଶ୍ରମ ପରିଦର୍ଶନ

ଧରାକୋଟ,୧।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟକୁ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନର ଜିଲା ତଦନ୍ତକାରୀ କମିଟି ସମସ୍ୟ ମିନତି ପ୍ରଧାନ, ଅଳତା ସାହୁ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡ଼ଙ୍ଗୀ ପରିଦର୍ଶନ କରିଛନ୍ତି। ଏଥିରେ ଶିଶୁଙ୍କ ରହିବା, ଖାଦ୍ୟ, ବସ୍ତ୍ର, ସୁରକ୍ଷା ଆଦି ବିଷୟରେ ମତାମତ ଦେଇଥିଲେ। କେ. ଟୁନାଦୋରା ବିଭିନ୍ନ ରେକର୍ଡ ସଦସ୍ୟଙ୍କୁ ଦେଖାଇବା ସହ ସିଏଚ୍ ଜ୍ୟୋତି କୁମାରୀ ଝିଅମାନଙ୍କର ବିଭିନ୍ନ ବିଷୟରେ ସ୍ୱତନ୍ତ୍ର ଭାବେ ବୁଝିଥିଲେ ଏବଂ ଆଶ୍ରମର ୬୫ଜଣ ଅନ୍ତେବାସୀଙ୍କ ଗହଣରେ ଏକ ବୈଠକରେ ଯୋଗଦେଇଥିଲେ। ଷଡ଼ଙ୍ଗୀ ତଦନ୍ତ ତଥ୍ୟ ଜିଲାପାଳଙ୍କୁ ଦାଖଲ ଏବଂ ଅନୁମୋଦନକରି ଓଡ଼ିଶା ସରକାର ମହିଳା ଓ ଶିଶୁ ବିଭାଗର ଦୃଷ୍ଟି ଗୋଚର କରିବା ନେଇ ସୂଚନା ପ୍ରଦାନ କରିଥିଲେ। ସୁନୀଲ ଚନ୍ଦ୍ର ସ୍ୱାଇଁ, ସୁଧାକର ଦାସ, ଲୋକନାଥ ଦାସ, ଭାରତୀ ଗୌଡ଼, ସୁନୀତା କୁମାରୀ, ଅମିତା ସାହୁ, ମଞ୍ଜୁଳା ପୋଲାଇ ଆଦି ଉପସ୍ଥିତ ଥିଲେ। ପ୍ରମିଳା କୁମାର ବେହରା ଧନ୍ୟବାଦ ପ୍ରଦାନ କରିଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ